'ପୁଷ୍ପା-୨'ରେ ସଞ୍ଜୀୟ

▶ଭିତର ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-260 ◆BHUBANESWAR ◆FRIDAY ◆15 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୬୦ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୫ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ମହଙ୍ଗା ଭତ୍ତା ୪% ବୃଦ୍ଧି

ଜାନୁଆରୀ ପହିଲାରୁ ପିଛିଲା ଭାବେ ହେବ ଲାଗୁ

■ **ଭୁବନେଶ୍ୱର, ୧୪।୩ (ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀ ଏବଂ ପେନସନ ଭୋଗୀଙ୍କ ମହଙ୍ଗା ଭତ୍ତା(ଡିଏ) ବୃଦ୍ଧି କରିଛନ୍ତି। ୪ ପ୍ରତିଶତ ମହଙ୍ଗା ଭତ୍ତା ଏବଂ ମହଙ୍ଗା ରିଲିଫ୍(ଟିଆଇ) ବୃଦ୍ଧି ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହାଦ୍ୱାରା ପ୍ରଚଳିତ ମହଙ୍ଗା ଭତ୍ତା ୪୬ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି ପାଇଛି। ବର୍ଦ୍ଧିତ ମହଙ୍ଗା ଭତ୍ତା ଏବଂ ଟିଆଇ ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏହାଦ୍ୱାରା ରାଜ୍ୟର ସାଢ଼େ ୪ ଲକ୍ଷ ସରକାରୀ କର୍ମଚାରୀ ଏବଂ ସାଢ଼େ ୩ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ମହଙ୍ଗା ଭତ୍ତା ବୃଦ୍ଧି ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସରକାରୀ କର୍ମଚାରୀ ଓ ପେନସନଭୋଗୀ କୃତଜ୍ଞତା ଜଣାଇଛନ୍ତି।

ଉପକୃତ ହେବେ ୪.୫ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନସନଭୋଗୀ

ଶ୍ରମିକ ଭାଇଭଉଣୀଙ୍କୁ ମୁଖ୍ୟମନ୍ତ୍ରୀ ଦେଲେ ଖୁସି ବାର୍ତ୍ତା

ବଢ଼ିଲା ସର୍ବନିମ୍ନ ମଜୁରି

■ **ଭୁବନେଶ୍ୱର,୧୪।୩(ସମିସ):** ରାଜ୍ୟର ଲକ୍ଷ ଲକ୍ଷ ଶ୍ରମିକ ଭାଇଭଉଣୀଙ୍କ ପାଇଁ ଖୁସି ବାର୍ତ୍ତା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟର ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଦ୍ୱାରା ରାଜ୍ୟର ୪ ଶ୍ରମିକ ବର୍ଗ ଅଣକୁଶଳୀ, ଅର୍ଦ୍ଧ କୁଶଳୀ, କୁଶଳୀ ଓ ଅତି କୁଶଳୀ ଶ୍ରମିକ ଏହି ନିଷ୍ପତ୍ତି ଦ୍ୱାରା ଉପକୃତ ହେବେ। ଅଣକୁଶଳୀ ଶ୍ରମିକମାନଙ୍କ ମଜୁରୀ ୩୫୨ ଟଙ୍କାରୁ ୪୫୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କ ମଜୁରୀ ୩୯୨ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

ଉପକୃତ ହେବେ ଅଣକୁଶଳୀ, ଅର୍ଦ୍ଧ କୁଶଳୀ, କୁଶଳୀ ଓ ଅତି କୁଶଳୀ ଶ୍ରମିକ

ସେହିପରି କୁଶଳୀ ଶ୍ରମିକମାନଙ୍କ ମଜୁରୀ ୪୪୨ ଟଙ୍କାରୁ ୫୫୦ ଟଙ୍କାକୁ ଏବଂ ଅତି କୁଶଳୀ ଶ୍ରମିକ ମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ୫୦୨ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ସରକାରୀ ଓ ବେସରକାରୀ କ୍ଷେତ୍ରରେ କାମ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ ଉପକାର ପାଇବେ। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଶ୍ରମିକ ଭାଇଭଉଣୀଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଛି। ରାଜ୍ୟର ବିଭିନ୍ନ ଶ୍ରମିକ ସଂଗଠନ ଏବଂ ଶ୍ରମିକ ଭାଇଭଉଣୀ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି।



ଶ୍ରମିକଙ୍କ ବର୍ଗ	ଥିଲା	ହେଲା
ଅଣକୁଶଳୀ	୩୫୨	୪୫୦
ଅର୍ଦ୍ଧକୁଶଳୀ	୩୯୨	୫୦୦
କୁଶଳୀ	୪୪୨	୫୫୦
ଅତି କୁଶଳୀ	୫୦୨	୬୦୦

ମତି-ଭ୍ରମ: ହରଡ଼ଘଣାରେ ମନମୋହନ

ଉଡ଼ାଇଦେଲେ ଟ୍ୱିଟ୍, ଗଣମାଧ୍ୟମ ଉପରେ ଲଦିଲେ ଦୋଷ

■ **ଭୁବନେଶ୍ୱର, ୧୪।୩ (ସମିସ):** ବୋଧହୁଏ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ମତିଭ୍ରମ ଘଟିଛି। ଘଣ୍ଟାକୁ ଘଣ୍ଟା ତାଙ୍କର ମତି ଓ ମନ ପରିବର୍ତ୍ତନ ହେଉଛି। ସେ ଯାହା କହୁଛନ୍ତି, କିଛି ସମୟ ପରେ ତାହାକୁ ସଂଶୋଧନ କରୁଛନ୍ତି। ଏକାକୀ ଲଢ଼ିବାକୁ ଟ୍ୱିଟ୍ କରୁଛନ୍ତି, କିଛି ସମୟ ପରେ ତାହାକୁ ଡ଼ିଲିଟ୍ କରୁଛନ୍ତି। ତାଙ୍କର ଏପରି ବାଚାଳାମୀ ଯୋଗୁଁ ରାଜ୍ୟରେ ବିଜେପି ଓ ଦଳର ନେତାମାନେ ଲଜ୍ଜା ଅନୁଭବ କରୁଛନ୍ତି। ତଥାପି ମନମୋହନଙ୍କ ବାଚାଳାମି ଦୂର ହେଉନାହିଁ। ଗଣମାଧ୍ୟମ ଉପରେ ଦୋଷ ଲଦି ନିଜକୁ ଗୋଟା ତୁଳସୀ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରୁଛନ୍ତି।

ଏକାକୀ ଲଢ଼ିବା ବୟାନକୁ ନେଇ ଶୀର୍ଷ ନେତୃତ୍ୱ ଅସୁଖୀ

ସକାଳୁ ସଞ୍ଜ ମଧ୍ୟରେ ପରସ୍ପର ବିରୋଧୀ ଭିନ୍ନଭିନ୍ନ ଟିପ୍ପଣୀ



ସାରା ଦିନ ଆଜି ଗଣମାଧ୍ୟମରେ ମନମୋହନ ଅଧ୍ୟାୟ ରାଜ୍ୟବାସୀଙ୍କ ମନୋରଞ୍ଜନ କରିଛି। ଆଜି ସକାଳୁ ଦିଲ୍ଲୀରୁ ଫେରିବା ପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସମ୍ଭାବ୍ୟ ମେଣ୍ଟ ନେଇ ଟିପ୍ପଣୀ ଦେଇଥିଲେ। ନିଜର ପ୍ରଥମ ମନ୍ତବ୍ୟରେ ମନମୋହନ ରାଜ୍ୟରେ ବିଜେପି ଏକାକୀ ଲଢ଼ିବ ଓ ▶ପୃଷ୍ଠା-୧୦

ଜିଲ୍ଲା ପର୍ଯ୍ୟବେକ୍ଷକ ଓ ଶୀର୍ଷ ନେତୃତ୍ୱଙ୍କ ସହ ନବୀନଙ୍କ ଆଲୋଚନା

ମାରାଥନ ବୈଠକ, ପ୍ରତି ନିର୍ବାଚନମଣ୍ଡଳୀର ସମୀକ୍ଷା

■ **ଭୁବନେଶ୍ୱର, ୧୪।୩ (ସମିସ):** ବିଜୁ ଜନତା ଦଳ (ବିଜେଡି) ଓଡ଼ିଶାବାସୀଙ୍କର ଆକୁଣ୍ଠ ସମର୍ଥନ ରହିଛି। ପ୍ରତ୍ୟେକଙ୍କ ଜୀବନରେ ପରିବର୍ତ୍ତନ ଆଣିଥିବା ଆମ ସରକାରଙ୍କୁ ଓଡ଼ିଶାବାସୀ ଆଶୀର୍ବାଦ କରି ଚାଲିଛନ୍ତି। ୨୦୨୯ ନିର୍ବାଚନ ତୁଳନାରେ ୨୦୨୪ ନିର୍ବାଚନରେ ବିଜେଡି ବହୁତ ଭଲ ପ୍ରଦର୍ଶନ କରିବ। ଆଜି ନବୀନ ନିବାସରେ ବିଭିନ୍ନ ଜିଲ୍ଲାର ବିଜେଡି ପର୍ଯ୍ୟବେକ୍ଷକ ଓ କୋର କମିଟି ସଦସ୍ୟମାନଙ୍କ ସହ ଆଲୋଚନା କାଳରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ଚାରିଟା ବେଳୁ ଜଣେ ଜଣେ ନେତାଙ୍କ ଗାଡ଼ି ନବୀନ ନିବାସରେ ପ୍ରବେଶ କରିଥିଲା। ଦଳର ସୁପ୍ରିମୋଙ୍କ ନିର୍ଦ୍ଦେଶକ୍ରମେ ଦଳର ବରିଷ୍ଠ ନେତୃତ୍ୱ ଏବଂ ଜିଲ୍ଲା ପର୍ଯ୍ୟବେକ୍ଷକମାନେ ନବୀନ ନିବାସରେ ପହଞ୍ଚିଥିଲେ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନବୀନ ନିବାସରେ ଉପସ୍ଥିତ ଥିଲେ। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବରିଷ୍ଠ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ଼ ସସ୍ମିତ ପାତ୍ର, ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମନ୍ତ୍ରୀ ପ୍ରଦୀପ ଅମାତ, ମନ୍ତ୍ରୀ ଶାରଦା ପ୍ରସାଦ ନାୟକ, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ବିଧାୟିକା ତଥା ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ପ୍ରଣବ ବଳବନ୍ତରାୟ, ସମ୍ବିତ ରାଉତରାୟ, ▶ପୃଷ୍ଠା-୧୦



୨୦୧୯ ଠାରୁ ୨୦୨୪ରେ ଭଲ ପ୍ରଦର୍ଶନ କରିବ ବିଜେଡି

ପେଟ୍ରୋଲ୍, ଡିଜେଲ୍ ଦର ୨ ଟଙ୍କା କମିଲା

■ **ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ତେଲ ଦରରେ ହ୍ରାସ ଘଟାଇଛନ୍ତି। ତେଲ ଦରକୁ ନେଇ ଖାଉଟିଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିବାବେଳେ, ଦେଶରେ ସାଧାରଣ ନିର୍ବାଚନ ପୂର୍ବରୁ ହଠାତ୍ କମିଛି ପେଟ୍ରୋଲ ଏବଂ ଡିଜେଲ ଦର। ଗୁରୁବାର ପେଟ୍ରୋଲ ଏବଂ ଡିଜେଲ ଉଭୟର ମୂଲ୍ୟରେ ଲିଟର ପିଛା ୨ ଟଙ୍କା ହ୍ରାସ ଘଟିଛି। ଦୀର୍ଘ ୨୧ ମାସ ପରେ କମିଛି ତେଲ ଦର। ଶେଷ ଥର ପାଇଁ ୨୦୨୨ ମେ' ୨୧ରେ ପେଟ୍ରୋଲ ଏବଂ ଡିଜେଲ ଦର ସଂଶୋଧନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଦୀର୍ଘ ଦିନ ହେବ ଉଚ୍ଚ ତୈଳ ଦର ସହ ଯୁଝୁଥିବା ଖାଉଟିଙ୍କ କଷ୍ଟକୁ ସାମନ୍ୟ ହ୍ରାସ କରିଛି। ଦର ହ୍ରାସ ପରେ ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୩୭ ପଇସାରୁ ୧୦୧ ଟଙ୍କା ୩୭ ପଇସାକୁ ହ୍ରାସ ଘଟିଛି। ସେହିପର ଡିଜେଲ ଲିଟର ପିଛା ୯୪ ଟଙ୍କା ୮୬ ପଇସାରୁ ୯୨ ଟଙ୍କା ୮୬ ପଇସାକୁ ହ୍ରାସ ▶ପୃଷ୍ଠା-୧୦

ଲୋକକଥା

ରାଜନୀତି ଗତି କେମିତି କେମିତି
ଭଗାରି ହୁଅଇ ଭାଇ,
ତୃଣମୂଳ ଦିଦି କ୍ଷମତା ପାଇଁକି
ଭାଇକୁ ଦେଲେ ଭଗେଇ!
ଗାଦି ରାଜନୀତି ଏଇ,
ପର ଏଠି କେବେ ଆପଣାର ହୁଏ
ଆପଣା ପର ହୁଅଇ !!

ରାଷ୍ଟ୍ରପତିଙ୍କୁ ରିପୋର୍ଟ ଦେଲେ କୋବିନ୍ଦ କମିଟି

'ଏକ ରାଷ୍ଟ୍ର, ଏକ ନିର୍ବାଚନ' ସୁପାରିସ

ଲୋକସଭା, ବିଧାନସଭା ଭୋଟ ଏକାଠି କରିବାକୁ ପରାମର୍ଶ

■ **ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି):** ଏକ ରାଷ୍ଟ୍ର, ଏକ ନିର୍ବାଚନ ପ୍ରସ୍ତାବକୁ ନେଇ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱାଧୀନ କମିଟି ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିଛି। ସଂସଦୀୟ ନିର୍ବାଚନ ସମେତ ବିଧାନସଭା ଏବଂ ପୌର ନିର୍ବାଚନ ଏକ ସଙ୍ଗେ କରିବାକୁ ଦିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ ଅନୁଧ୍ୟାନ କରିବା ନିମନ୍ତେ ଏହି କମିଟି ନିଯୁକ୍ତ ହୋଇଥିଲା ବେଳେ ପ୍ରାୟ ୧୮ ହଜାର ପୃଷ୍ଠା ସମ୍ବଳିତ ଏହି ରିପୋର୍ଟରେ ବିଭିନ୍ନ ଦିଗକୁ ନେଇ କମିଟି ସୁପାରିସ୍ କରିଛି। ପ୍ରଥମେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ଏକାଠି କରିବାକୁ କମିଟି ସୁପାରିସ କରିବା ସହ ଏହାର ୧୦୦ ଦିନ ମଧ୍ୟରେ ପୌର ନିର୍ବାଚନ କରିବାକୁ ପରାମର୍ଶ ଦେଇଛି। ଏହିକ୍ରମରେ ୨୦୨୯ ରେ ଏକକାଳୀନ ନିର୍ବାଚନ କରିବାକୁ ସୁପାରିସ କରାଯାଇଛି। ସେହିପରି ରାଜ୍ୟମାନଙ୍କ ସହ ପରାମର୍ଶ କରି କେତେକ କ୍ଷେତ୍ରରେ ସାମ୍ବିଧାନିକ ▶ପୃଷ୍ଠା-୧୦

ଇ-ଶାସନ ବ୍ୟବସ୍ଥାରେ ନୂଆ କୀର୍ତ୍ତିମାନ; ଓଡ଼ିଶା ଦେଶରେ ପ୍ରଥମ

ସବୁ ଜିଲ୍ଲାର ନୂଆ ୱେବ୍‌ସାଇଟ୍

ଆଇଟି କ୍ଷେତ୍ର ପାଇଁ ଅନ୍‌ଲାଇନ୍ ଇନସେନ୍‌ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ପୋର୍ଟାଲ ଲୋକାର୍ପିତ

■ **ଭୁବନେଶ୍ୱର, ୧୪।୩ (ସମିସ):** ଓଡ଼ିଶାରେ ଇ-ଶାସନ ବ୍ୟବସ୍ଥାରେ ନୂଆ କୀର୍ତ୍ତିମାନ ସ୍ୱରୂପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି 'ଅନ୍‌ଲାଇନ୍ ଇନସେନଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ୍' ୱେବ୍ ସାଇଟ୍ ଓ ଷ୍ଟାଣ୍ଡାଡାଇଜଡ୍ ୱେବସାଇଟ୍ ଫ୍ରେମ୍‌ୱାର୍କ (ଏସ୍‌ଡବ୍ଲୁଏଫ୍) ଅଧିନରେ ପ୍ରସ୍ତୁତ ଜିଲ୍ଲା ୱେବ୍‌ସାଇଟ୍ ଲୋକାର୍ପଣ କରିଛନ୍ତି। ସୂଚନା ପ୍ରଯୁକ୍ତି (ଆଇଟି) କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଲାଗି ଏପରି ପଦକ୍ଷେପ ନେବାରେ ଓଡ଼ିଶା ହେଉଛି ଦେଶରେ ପ୍ରଥମ ରାଜ୍ୟ। ଓଡ଼ିଶା କମ୍ପ୍ୟୁଟର୍ ପ୍ରୟୋଗ କେନ୍ଦ୍ର (ଓକାକ୍) ପକ୍ଷରୁ ଉକ୍ତ ଅଭିନବ ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି। ଓଡ଼ିଶା ଆଇଟି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବିପିଓ, ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଓ ଫେବ୍‌ଲେସ୍ ନୀତି ଅନୁସାରେ ଉଦ୍ୟୋଗ ଗୁଡିକ ପ୍ରୋତ୍ସାହନ ପାଇବା ଲାଗି ଏହି ୱେବ୍‌ସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ। ଏଥିରେ ସହଜରେ ଆବେଦନପତ୍ର ▶ପୃଷ୍ଠା-୧୦

ଏହା କେବଳ ପ୍ରଯୁକ୍ତି ନୁହେଁ, ପାରଦର୍ଶୀ ଶାସନର ମାଧ୍ୟମ: ମୁଖ୍ୟମନ୍ତ୍ରୀ

ଆମର ୫-ଟି ରୂପାନ୍ତରଣ ସୁନିଶ୍ଚିତ କରିଛି ପ୍ରଯୁକ୍ତି ବିଦ୍ୟା: ପାଣ୍ଡିଆନ



ଘରେ ପଡ଼ି ମମତାଙ୍କ ମୁଣ୍ଡ ଫାଟିଲା

କୋଲକାତା,୧୪।୩(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ନିଜ ଘରେ ପଡ଼ିଯାଇ ଆହତ ହୋଇଛନ୍ତି । ତାଙ୍କ ଗୋଡ ଖସିଯିବାରୁ ସେ ବାଡେଇ ହୋଇଯାଇଥିଲେ । ଏଥିରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହିତ ଫାଟି ଯାଇଥିଲା ବୋଲି ଟିଏମସି ପ୍ରବକ୍ତା କହିଛନ୍ତି । ତାଙ୍କୁ କୋଲକାତାସ୍ଥିତ ଏସଏସକେଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ଏହି ଘଟଣାରେ ଦୁଃଖ ପ୍ରକାଶ କରି ବିଜେପି ରାଜ୍ୟ ମୁଖ୍ୟ ସୁକାନ୍ତ ମଜୁମଦାର ମମତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପୁଣି ୮ ଦିନିଆ ରିମାଣ୍ଡରେ ଶାହାଜାହାନ

କୋଲକାତା,୧୪।୩(ଏଜେନ୍ସି): ସନ୍ଦେଶଖାଲି ମାମଲାର ମୁଖ୍ୟ ଅଭିଯୁକ୍ତ ଶେଖ୍ ଶାହାଜାହାନର ଜାମିନ ଆବେଦନ ପୁଣିଥରେ ଖାରଜ ହେବା ସହ ତାକୁ ୮ ଦିନ ପାଇଁ ରିମାଣ୍ଡରେ ନେଇଛି ସିବିଆଇ । ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ ମାମଲାରେ ପୂର୍ବରୁ ସିବିଆଇ ତାକୁ ରିମାଣ୍ଡରେ ନେଇଥିଲା । ବର୍ତ୍ତମାନ ଏହି ଘଟଣାରେ ତାକୁ ପଚରାଉଚରା ଚାଲିଥିଲା ବେଳେ କୋର୍ଟ ତାକୁ ଜାମିନ ଦେବାକୁ ମନା କରିଦେଇଛନ୍ତି ।

ଆପ୍ ଜାରିକଲା ପ୍ରଥମ ପ୍ରାର୍ଥୀ ତାଲିକା

ନୂଆଦିଲ୍ଲୀ,୧୪।୩(ଏଜେନ୍ସି): ୨୦୨୪ ଲୋକସଭା ନିର୍ବାଚନ ପାଇଁ ଆମ୍ ଆଦମୀ ପାର୍ଟି (ଆପ୍) ଗୁରୁବାର ପଞ୍ଜାବର ୧୩ ଲୋକସଭା ଆସନ ମଧ୍ୟରୁ ୮ଟି ଆସନ ପାଇଁ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଏଥିରେ ୫ ଜଣ ମନ୍ତ୍ରୀଙ୍କ ସମେତ ୮ ଜଣ ପ୍ରାର୍ଥୀଙ୍କୁ ଟିକଟ୍ ଦିଆଯାଇଛି । ଏହାସହ କଂଗ୍ରେସ ଛାଡି ଆମ୍ ଆଦମୀ ପାର୍ଟିରେ ସାମିଲ ହୋଇଥିବା ଗୁରୁପ୍ରୀତ ସିଂ ଜିପିଙ୍କୁ ମଧ୍ୟ ଟିକଟ୍ ମିଳିଛି । ଅମୃତସରରୁ କ୍ୟାବିନେଟ ମନ୍ତ୍ରୀ କୁଲଦୀପ ସିଂ ଧଲିଓ୍ୱାଲା ଏବଂ ମନ୍ତ୍ରୀ ଲଲଜିତ ସିଂ ଭୁଲାର ଖଦୁର ସାହିବରୁ ପ୍ରାର୍ଥୀ ହେବେ । ସେହିଭଳି ସ୍ୱାସ୍ଥ୍ୟମନ୍ତ୍ରୀ ରହିଥିବା ଡ. ବଲବୀର ସିଂଙ୍କୁ ପଟିଆଲାରୁ ପ୍ରାର୍ଥୀ କରାଯାଇଛି । ଭଟିଣ୍ଡାରୁ କୃଷିମନ୍ତ୍ରୀ ଗୁରୁମିତ ସିଂ ଖୁଦିଆନଙ୍କୁ ପାର୍ଥୀ କରାଯାଇଛି । ଜଳନ୍ଧର ଆସନରୁ ସୁଶିଲ କୁମାର ରଙ୍କ ଏବଂ ଫରିଦକୋଟ୍‌ରୁ କରମଜିତ୍ ଅନମୋଲଙ୍କୁ ଟିକଟ୍ ଦିଆଯାଇଛି । ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଏବେ ଇଡି ନିଶାଣରେ ରହିଥିବାରୁ ପଞ୍ଜାବରେ ଭଗୱନ୍ତ ମାନ୍‌ଙ୍କ ଚେହେରାକୁ ନେଇ ୨୦୨୪ ଲୋକସଭା ନିର୍ବାଚନ ଲଢିବାକୁ ଦଳ ନିଷ୍ପତ୍ତି ନେଇଥିବା କୁହାଯାଉଛି ।

ମାନବ ବିକାଶ ସୂଚକାଙ୍କ ତାଲିକାରେ ଭାରତର ସ୍ଥାନ ୧୩୪

ଜାତିସଂଘର ପ୍ରଶଂସା: ବଢିଛି ଆୟୁ, ମୁଣ୍ଡପିଛା ଆୟ

ନୂଆଦିଲ୍ଲୀ, ୧୪।୩(ଏଜେନ୍ସି): ମାନବ ବିକାଶ ସୂଚକାଙ୍କ(ହ୍ୟୁମାନ ଡେଭଲପମେଣ୍ଟ ଇଣ୍ଡେକ୍ସ ବା ଏଚଡିଆଇ) ସ୍କୋର ର୍ୟାଙ୍କିଙ୍ଗ ୨୦୨୩-୨୪ରେ ୧୯୩ ଦେଶଙ୍କ ତାଲିକାରେ ଭାରତର ସ୍ଥାନ ୧୩୪ରେ ରହିଛି ।

ଏଚଡିଆଇ ସ୍କୋର ର୍ୟାଙ୍କିଙ୍ଗ ୨୦୨୨ରେ ୧୯୧ ଦେଶଙ୍କ ତାଲିକାରେ ଭାରତ ୧୩୨ ସ୍ଥାନରେ ରହିଥିଲା । ଭାରତର ଏଚଡିଆଇ ଭାଲ୍ୟୁ ୨୦୨୨ରେ ୦.୬୩୩ ଥିବା ବେଳେ ୨୦୨୩ରେ ତାହା ବଢ଼ି ୦.୬୪୪ରେ ପହଞ୍ଚିଛି । ହାରାହାରି ଆୟୁ, ହାରାହାରି କେତେ ବର୍ଷର ବିଦ୍ୟାର୍ଜନ ଓ ହାରାହାରି ଆୟ-ଏହି ତିନି ମାନକକୁ ନେଇ ଏଚଡିଆଇ ର୍ୟାଙ୍କ ପ୍ରସ୍ତୁତ କରାଯାଏ । ଭାରତୀୟଙ୍କ ହାରାହାରି ଆୟୁ ୨୦୨୩ରେ ୬୭.୨ ବର୍ଷ ରହିଛି ଯାହା ପୂର୍ବବର୍ଷ ୨୦୨୨ରେ ୬୭.୨ ବର୍ଷ ଥିଲା । ବିଦ୍ୟାର୍ଜନ କ୍ଷେତ୍ରରେ ମଧ୍ୟ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଛି । ୨୦୨୨ରେ ହାରାହାରି ବାର୍ଷିକ ଆୟ ୬୫୪୨ ଡଲାର ଥିବା ବେଳେ ୨୦୨୩ରେ ତାହା ୬୯୫୧ ଡଲାରକୁ ବୃଦ୍ଧି ପାଇଛି । ଲିଙ୍ଗ ଅସମାନତା ହ୍ରାସ କରିବାରେ ମଧ୍ୟ ଭାରତ ସଫଳ ହୋଇଛି । ତେବେ ଏହି ତାଲିକାରେ ଭାରତ ତା'ର ୪ ପଡ଼ୋଶୀ ଦେଶଙ୍କଠାରୁ ପଛରେ ପଡ଼ିଛି । ୧୯୩ ଦେଶଙ୍କ ଏଚଡିଆଇ ସ୍କୋର ର୍ୟାଙ୍କିଙ୍ଗରେ ଚୀନ ୭୫, ଶ୍ରୀଲଙ୍କା ୭୮, ଭୁଟାନ ୧୨୫ ଓ ବାଂଲାଦେଶ ୧୨୯ ସ୍ଥାନରେ ରହିଛନ୍ତି ।

ଦିନକ ପୂର୍ବରୁ ତଥ୍ୟ ରଖିଲେ ନିର୍ବାଚନ କମିସନ

ସାର୍ବଜନୀନ ହେଲା ନିର୍ବାଚନୀ ବଣ୍ଡ ତଥ୍ୟ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି)

ଦିନକ ପୂର୍ବରୁ ନିର୍ବାଚନ ଆୟୋଗ ନିର୍ବାଚନୀ ବଣ୍ଡ ସମ୍ପର୍କିତ ସମସ୍ତ ତଥ୍ୟ ସାର୍ବଜନୀନ କରିଛନ୍ତି । ଗୁରୁବାର ସନ୍ଧ୍ୟାରେ ଆୟୋଗ ପକ୍ଷରୁ ଏହାର ୱେବସାଇଟରେ ଏହି ତଥ୍ୟ ଅପଲୋଡ୍ କରାଯାଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସବିଆଇ) ଗତ ୧୨ ତାରିଖରେ ନିର୍ବାଚନ ଆୟୋଗଙ୍କୁ ନିର୍ବାଚନୀ ବଣ୍ଡ ତଥ୍ୟ ଦାଖଲ କରିଥିଲା ବେଳେ ଠିକଣା ସମୟରେ ଏହାକୁ ଦେଶବାସୀଙ୍କ ଲାଗି ଉପଲବ୍ଧ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାର ଗତକାଲି ସୂଚନା ଦେଇଥିଲେ । ସେହି ଅନୁସାରେ ନିର୍ବାଚନ

ଆୟୋଗ ପକ୍ଷରୁ ଏହି ତଥ୍ୟ ଅପଲୋଡ୍ କରାଯାଇଛି । ଅପଲୋଡ୍ କରାଯାଇଥିବା ତଥ୍ୟର ପ୍ରଥମ ୩୩୭ ପୃଷ୍ଠାରେ କେଉଁ ସଂସ୍ଥା କେଉଁ ତାରିଖରେ ନିର୍ବାଚନୀ ବଣ୍ଡ ଖରିଦ କରିଥିଲେ ସେ ସମ୍ପର୍କରେ ଉଲ୍ଲେଖ ରହିଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୪୨୬ ପୃଷ୍ଠା ତଥ୍ୟରେ କେଉଁ ରାଜନୈତିକ ଦଳ କେଉଁ ତାରିଖରେ କେତେ ଦାନ ନେଇଛନ୍ତି ସେ ସମ୍ପର୍କରେ ଉଲ୍ଲେଖ ରହିଛି । ତେବେ ମୋଟ ବଣ୍ଡ ସଂଖ୍ୟା କେତେ ରହିଛି ତାହା ଉଲ୍ଲେଖ କରାଯାଇ ନାହିଁ । ଯେଉଁ ଉଦ୍ୟୋଗ ବା ସଂସ୍ଥା ଯେଉଁସବୁ ରାଜନୈତିକ ଦଳଙ୍କୁ ଦାନ କରିଛନ୍ତି ସେମାନଙ୍କ ମଧ୍ୟରେ ରହିଛନ୍ତି ଗ୍ରାସିମ ଇଣ୍ଡଷ୍ଟ୍ରିଜ୍, ମେଘା ଇଞ୍ଜିନିୟରିଂ, ପିରାମଲ ଏଣ୍ଟରପ୍ରାଇଜେସ୍, ଟରେଣ୍ଟ ପାୱାର, ଭାରତୀ ଏୟାରଟେଲ, ଡିଏଲଏଫ କମର୍ସିଆଲ ଡେଭଲପର୍ସ, ବେଦାନ୍ତ ଲିମିଟେଡ, ଆପୋଲୋ ଟାୟାର୍ସ, ଲକ୍ଷ୍ମୀ ମିତ୍ତଲ, ଏଡେଲୱିଜ୍, ପିଭିଆର, କେଭେଣ୍ଟର, ସୁଲା ୱାଇନ, ୱେଲସ୍ପନ ଏବଂ ସନ ଫାର୍ମା । ନିର୍ବାଚନୀ ବଣ୍ଡ ମାଧ୍ୟମରେ ବିଜେପି, କଂଗ୍ରେସ,ଏଆଇଡିଏମକେ, ବିଆରଏସ, ଶିବସେନା, ଟିଡିପି, ଟିଏମସି. ଆରଜେଡ଼ି, ସିପିଆଇ, ସିପିଏମ୍, ଏସପି, ବିଏସପି ଆଦି ଦଳଙ୍କୁ ଦାନ ମିଳିଥିବା ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଛି ।

ସିଏଏ ସମ୍ବିଧାନର ପରିପନ୍ଥୀ ନୁହେଁ; ପ୍ରତ୍ୟାହାର ଅସମ୍ଭବ: ଶାହା

କେଜ୍ରିୱାଲଙ୍କ ବାସଭବନ ସମ୍ମୁଖରେ ହିନ୍ଦୁ ଶରଣାର୍ଥୀଙ୍କ ବିକ୍ଷୋଭ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି): ନାଗରିକ ସଂଶୋଧନ ଆଇନ(ସିଏଏ) ଲାଗୁ ହେବା ପରେ ଏହାକୁ ନେଇ ଏବେ ବିଭିନ୍ନ ସ୍ତରରେ ବିରୋଧ ବଢିବାର ଲାଗିଛି । ବହୁ ବିରୋଧୀ ଦଳ ଏହାକୁ ସମର୍ଥନ କରି ନଥିବା ବେଳେ ମୁସଲମାନ ପକ୍ଷ ମଧ୍ୟ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ବହୁ ବିରୋଧୀ ଦଳ ମଧ୍ୟ ଏହି ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି । କିନ୍ତୁ ଏହାକୁ ପ୍ରତ୍ୟାହାର କରିବା ପ୍ରଶ୍ନ ଉଠୁ ନାହିଁ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ରୋକ୍‌ଠୋକ୍ କହିଛନ୍ତି । ସିଏଏ ସମ୍ବିଧାନ ସମ୍ମତ ଏବଂ ଏହି ଆଇନ ଦ୍ୱାରା କାହାରି ଅଧିକାର କ୍ଷୁଣ୍ଣ ହେଉ ନାହିଁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ପାକିସ୍ତାନ ଏବଂ ଆଫଗାନିସ୍ତାନରୁ ଆସି ଭାରତରେ ଶରଣାର୍ଥୀ ଭାବେ ରହିଥିବା ହିନ୍ଦୁମାନେ ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ କରିଛନ୍ତି । କେଜ୍ରିୱାଲ ଏହି ଆଇନକୁ ବିରୋଧ କରିବା ସହିତ ଅନ୍ୟ ଦେଶରୁ ଆସୁଥିବା କୋଟି କୋଟି ଶରଣାର୍ଥୀଙ୍କ ଭରଣା ପୋଷଣ କିଏ କରିବ ବୋଲି ଗତକାଲି ପ୍ରଶ୍ନ ଉଠାଇଥିଲେ ।

ଦୁଇ ନିର୍ବାଚନ କମିସନରଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗୁରୁବାର ଦୁଇ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀଙ୍କୁ ନିର୍ବାଚନ କମିସନର ଭାବେ ନିଯୁକ୍ତ କରିଛନ୍ତି । କେରଳ କ୍ୟାଡର ଆଇଏଏସ୍ ଜ୍ଞାନେଶ କୁମାର ଏବଂ ଉତ୍ତରାଖଣ୍ଡ କ୍ୟାଡର ଅଧିକାରୀ ସୁଖବିନ୍ଦର ସିଂ ସାନ୍ଧୁଙ୍କୁ ନିଯୁକ୍ତ କରାଯାଇଥିବା ଘୋଷଣା କରାଯାଇଛି । ତେବେ ଏହି ଦୁଇ ନିର୍ବାଚନ କମିସନରଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ବଡ ଅଭିଯୋଗ ଆଣିଛି କଂଗ୍ରେସ । ନିର୍ବାଚନ କମିସନର ଚୟନ ପାଇଁ ଗଠନ କରାଯାଇଥିବା କମିଟିରେ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ବିରୋଧୀ ଦଳ ନେତା ଭାବେ କଂଗ୍ରେସ ସାଂସଦ ଅଧୀର ରଞ୍ଜନ ଚୌଧୁରୀ ଏବଂ ଜଣେ ମନୋନୀତ କେନ୍ଦ୍ରମନ୍ତ୍ରୀ ରହିଛନ୍ତି । କିନ୍ତୁ ଏହି ଚୟନ ପ୍ରକ୍ରିୟାକୁ ନେଇ ଅଧୀର ରଞ୍ଜନ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ନିର୍ବାଚନ କମିସନରଙ୍କ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇଁ ପ୍ରଥମେ ୨୦୦ ଜଣ ଅଧିକାରୀଙ୍କ ନାମ ସର୍ଚ୍ଚ କମିଟି ନିକଟକୁ ଆସିଥିଲା । ଏହାପରେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ନାମ ସର୍ଟଲିଷ୍ଟରେ ସ୍ଥିର କରାଯିବା ସହିତ ବୈଠକ ଆରମ୍ଭ ହେବାର ୧୦ ମିନିଟ୍ ପୂର୍ବରୁ ସେମାନଙ୍କ ନାମ ମୋ ନିକଟକୁ ଆସିଥିଲା । ସୁଖବୀର ସିଂହ ସାନ୍ଧୁ, ଜ୍ଞାନେଶ କୁମାର, ଉପୁଲ କୁମାର ସିଂହ, ପ୍ରଦୀପ କୁମାର ତ୍ରିପାଠୀ, ଇନ୍ଦିବର ପାଣ୍ଡେ, ଓ ଗଙ୍ଗାଧର ରାହତଙ୍କ ନାଁ ଏଥିରେ ସାମିଲ ଥିଲା । ତେବେ ଏମାନଙ୍କ ଦକ୍ଷତା ଏତେ କମ୍ ସମୟରେ ଯାଞ୍ଚ କରିବା ଅସମ୍ଭବ ଥିଲା । ତେବେ ସେମାନଙ୍କ ମଧ୍ୟରୁ ମାତ୍ର ୧୦ ମିନିଟ୍ ଭିତରେ କିଭଳି ଦୁଇ ଜଣଙ୍କ ନାମ ଚୟନ କରାଗଲା ବୋଲି ଅଧୀର ରଞ୍ଜନ ପ୍ରଶ୍ନ ଉଠାଇଛନ୍ତି । ବିଜେପିର ସଂଖ୍ୟା ଗରିଷ୍ଠତା ରହିଥିବାରୁ ଦଳୀୟ ନେତାମାନେ ଯାହାକୁ ଚାହୁଁଥିଲେ ସେହି ପ୍ରାର୍ଥୀଙ୍କୁ ଚୟନ କଲେ ବୋଲି ସେ ଅଭିଯୋଗ ଆଣିଛନ୍ତି । ଏହାବ୍ୟତୀତ ଏହି ଚୟନ କମିଟିରେ ପ୍ରଧାନବିଚାରପତିଙ୍କ ସ୍ଥାନରେ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ସାମିଲ କରାଇବାକୁ ନେଇ ସେ ପ୍ରଶ୍ନ ଉଠାଇ ସରକାରଙ୍କୁ ନିଶାଣ କରିଛନ୍ତି ।ସେ କହିଛନ୍ତି, 'ଏହି ଚୟନ କମିଟିରେ ସିଜେଆଇ ସାମିଲ ହେବା କଥା । ଯଦି ସିଜେଆଇ ଏହି କମିଟିରେ ଥା'ନ୍ତେ ତେବେ କଥା ଅଲଗା ହୋଇଥାନ୍ତା । କିନ୍ତୁ କମିଟିରେ ବିଜେପିର ସଂଖ୍ୟାଗରିଷ୍ଠତା ରହିଥିବାରୁ ସେମାନେ ଯାହା ଚାହୁଁଛନ୍ତି ତାହା ହେଉଛି ।

ଦିନକୁ ଦିନ ବଢୁଛି କୁକୁର କାମୁଡ଼ାଜନିତ ମୃତ୍ୟୁସଂଖ୍ୟା

'ପିଟ୍ ବୁଲ୍' ସହ ୨୩ ପ୍ରଜାତି କୁକୁର ରଖିବା ନିଷିଦ୍ଧ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି): ପୋଷା କୁକୁରଙ୍କ ସହିତ ବୁଲା କୁକୁରଙ୍କ କାମୁଡ଼ା ମୃତ୍ୟୁସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଦେଶର ବିଭିନ୍ନ ସହରରେ କୁକୁର କାମୁଡ଼ା ଘଟଣା ବଢୁଥିବାରୁ କେନ୍ଦ୍ର ସରକାର ଏଥିପାଇଁ ଚିନ୍ତାବ୍ୟକ୍ତ କରିବା ସହିତ କିଛି ନିର୍ଦ୍ଦିଷ୍ଟ ପ୍ରଜାତି କୁକୁର ପୋଷିବା ଉପରେ ନିଷିଦ୍ଧାଦେଶ ଜାରି କରିଛନ୍ତି । ପିଟ୍ ବୁଲ ଟେରିୟର ପ୍ରଜାତିର କୁକୁର ସମେତ ୨୩ ପ୍ରଜାତିର କୁକୁର ଏଣିକି ପୋଷି ହେବ ନାହିଁ ବୋଲି କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ରାଜ୍ୟଗୁଡିକୁ ଏହି କୁକୁର ବିକ୍ରି ଓ ପ୍ରଜନନ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ କୁହାଯାଇଛି । ପିଟ୍ ବୁଲ୍ ବ୍ୟତୀତ ଆମେରିକାନ ବୁଲ ଡଗ୍‌କୁ ମଧ୍ୟ ଆଉ ଘରେ ପୋଷି ହେବ ନାହିଁ । ପୋଷା କୁକୁରଙ୍କ ବଢୁଥିବା ଆକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସମସ୍ତ ରାଜ୍ୟଗୁଡିକୁ ଏହି କୁକୁର ବିକ୍ରି ଓ ପ୍ରଜନନ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିଷିଦ୍ଧ ହୋଇଥିବା ବିଭିନ୍ନ ପ୍ରଜାତିର କୁକୁର ମଧ୍ୟରେ ପିଟ୍‌ବୁଲ୍ ଟେରିୟର୍, ଆମେରିକାନ୍ ବୁଲଡଗ୍, ରଟୱିଲର୍, ଆମେରିକାନ୍ ଷ୍ଟେଫର୍ଡଶାୟର୍ ଟେରିୟର୍, ଫିଲା ବ୍ରାସିଲୋରୀ, ଡୋଗୋ ଅର୍ଜେଣ୍ଟିନୋ, କୋକେସିଅନ୍ ସେଫର୍ଡ, ମଧ୍ୟ ଏସିଆୟୀ ସେଫର୍ଡ, ମସ୍କୋ ଗାର୍ଡ ଡଗ୍, ରୋଡେସିଆନ୍ ରିଜବ୍ୟାକ୍ ଓ ମାଷ୍ଟିଫ୍ସ ସମତେ ୨୩ଟି ହିଂସ୍ର ପ୍ରଜାତିର କୁକୁର ରହିଛନ୍ତି । ଏହି ପ୍ରଜାତି କୁକୁର ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଚିଠି ଲେଖି କେନ୍ଦ୍ର ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିଷିଦ୍ଧ ହୋଇଥିବା ଏହି କୁକୁରଙ୍କ ମଧ୍ୟରେ ମିସ୍କ ଓ କ୍ରସ୍ ବ୍ରିଡିଂ ମଧ୍ୟ ସାମିଲ ଅଛି । ଏହିସବୁ ପ୍ରଜାତିର କୁକୁର ମଣିଷ ସମାଜ ପାଇଁ ବିପଜ୍ଜନକ ବୋଲି କୁହାଯାଇଛି ।

ହସ୍ପିଟାଲରେ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ

ପୁନେ, ୧୪।୩ (ଏଜେନ୍ସି): ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କୁ ଗତକାଲି ରାତ୍ରରେ ପୁନେର ଭାରତୀ ହସପିଟାଲରେ ଭର୍ତ୍ତି କରାଯାଇଛି । ଶ୍ରମତୀ ପାଟିଲଙ୍କୁ ଜ୍ୱର ହେଉଛି ଓ ତାଙ୍କ ଛାତିରେ ସଂକ୍ରମଣର ନିଦାନ କରାଯାଇଛି ।

ତେବେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଓ ଚିକିତ୍ସା ଚାଲୁରହିଛି ବୋଲି ହସପିଟାଲ କର୍ତ୍ତୃପକ୍ଷ କହିଛନ୍ତି । ଶ୍ରୀମତୀ ପାଟିଲ ୨୦୦୭ରୁ ୨୦୧୨ ଯାଏ ଦେଶର ରାଷ୍ଟ୍ରପତି ଥିଲେ । ସେ ଥିଲେ ଦେଶର ଦ୍ୱାଦଶ ରାଷ୍ଟ୍ରପତି । ଭାରତରେ ରାଷ୍ଟ୍ରପତି ହେବାରେ ସେ ହେଉଛନ୍ତି ପ୍ରଥମ ମହିଳା । ଦ୍ରୌପଦୀ ମୁର୍ମୁ ହେଉଛନ୍ତି ରାଷ୍ଟ୍ରପତି ହେବାରେ ଦ୍ୱିତୀୟ ମହିଳା ।

ଦିଲ୍ଲୀରେ ଗର୍ଜିଲେ ଚାଷୀ

ଏମ୍‌ଏସ୍‌ପି ଗ୍ୟାରେଣ୍ଟି, ଲକ୍ଷ୍ମୀପୁର ଖେରି କାର୍ଯ୍ୟାନୁଷ୍ଠାନ ଦାବି

ନୂଆଦିଲ୍ଲୀ,୧୪।୩(ଏଜେନ୍ସି)

ପଞ୍ଜାବ, ହରିୟାଣଶ ଓ ପଶ୍ଚିମ ଉତ୍ତରପ୍ରଦେଶର ହଜାରହଜାର ଚାଷୀ ଆଜି ବସ୍ ଓ ଟ୍ରେନ୍ ଯୋଗେ ଦିଲ୍ଲୀ ପହଞ୍ଚି ରାମଲୀଳା ମଇଦାନରେ ଏକତ୍ରିତ ହୋଇ ୨୩ଟି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ମିନିମମ ସପୋର୍ଟ ପ୍ରାଇସ୍ ବା ଏମଏସପି) ମିଳିବା ନେଇ ଗ୍ୟାରେଣ୍ଟି ଦେଉଥିବା ଆଇନ ପ୍ରଣୟନ ନିମନ୍ତେ ଦାବି କରିଛନ୍ତି । ଏମଏସପି ଗ୍ୟାରେଣ୍ଟି ଦେଉଥିବା ଆଇନ ନଥିବାରୁ ଚାଷୀ ଏବେ ବଜାରର ଦୟା ଉପରେ ନିର୍ଭର କରୁଛି । କ୍ଷୁଦ୍ର ଚାଷୀଙ୍କ ପାଇଁ ବଜାରରେ ଫସଲର ଅନିଶ୍ଚିତ ଦର ବଡ଼ ବିଷମ ସମସ୍ୟା ସୃଷ୍ଟି କରୁଛି । ଚାଷୀଙ୍କ ମଧ୍ୟରେ ଦୁଇତୃତୀୟାଂଶଙ୍କର ୧ ହେକ୍ଟରରୁ କମ୍ ଚାଷ ଜମି ରହିଛି । ୧୪୦ କୋଟି ଲୋକଙ୍କ ଦେଶରେ ୬୦ ପ୍ରତିଶତରୁ ଅଧିକ ହେଉଛନ୍ତି କୃଷିଜୀବୀ । ତେଣୁ ଚାଷୀକୁ ଆଜି ଏମଏସପି ଗ୍ୟାରେଣ୍ଟି ଦେଉଥଇବା ଆଇନ ଦରକାର ହେଉଛି । ପୁଣି କୃଷିଋଣ ଛାଡ଼ ପାଇଁ ସରକାର ଦେଇଥିବା ପ୍ରତିଶ୍ରୁତି ଏଯାଏ ପୂରଣ କରିନାହାନ୍ତି । ଆନ୍ଦୋଳନକାରୀ କୃଷକମାନଙ୍କ ବିରୋଧରେ ସରକାର ବିଭିନ୍ନ ସମୟରେ ବିଭିନ୍ନ ମାମଲା ଦାଏର କରିଥିଲେ । ତେବେ କୃଷକନେତାମାନଙ୍କ ସହ ଆଲୋଚନା ବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଚାଷୀଙ୍କ ବିରୋଧରେ ପଞ୍ଜିକୃତ ମାମଲାସବୁ ପ୍ରତ୍ୟାହାର କରାଯିବ । କିନ୍ତୁ ଦୀର୍ଘ ଦିନ ବିତିବା ପରେ ବି ସରକାର ଚାଷୀଙ୍କ ନାମରେ ରୁଜୁ ମାମଲା ହଟାଇନଥଇବାରୁ ଚାଷୀମାନେ ଦିଲ୍ଲୀ ଆସି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ସେମାନଙ୍କ ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ଆନ୍ଦୋଳନକାରୀ କୃଷକ ସଂଗଠନ ୟୁନାଇଟେଡ୍ ଫାର୍ମର୍ସ ଫ୍ରଣ୍ଟ ପକ୍ଷରୁ କୁହାଯାଇଛି । ଦିଲ୍ଲୀ ଭିତରକୁ ଏଥର ଚାଷୀମାନେ ଟ୍ରାକ୍ଟର ଆଣିନାହାନ୍ତି । ପୁଲିସ ଚାଷୀଙ୍କୁ ରାମଲୀଳା ମଇଦାନରେ ବିକ୍ଷୋଭ ପ୍ରଦର୍ଶନର ଅନୁମତି ଦେବାବେଳେ ସର୍ତ୍ତ ରଖିଥଇଲା ଯେ ସେମାନେ ଦିଲ୍ଲୀ ଭିତରକୁ ସେମାନଙ୍କ କୃଷି ସରଞ୍ଜାମ, ଟ୍ରାକ୍ଟର ଆଦି ଆଣିବେ ନାହିଁ । ଠେଙ୍ଗା କି ଖଣ୍ଡା ଧରିବେ ନାହିଁ । ରାମଲୀଳା ମଇଦାନରେ ୫୦୦୦ରୁ ଅଧିକ ସଂଖ୍ୟକ ଚାଷର ସମବେତ ହେବେନାହିଁ ।

ଚାଷୀଙ୍କୁ ରାହୁଲଙ୍କ ୫ ଗ୍ୟାରେଣ୍ଟି

ଜିତିଲେ ଏମ୍‌ଏ

ଦୁଇ ନୂଆ ନିର୍ବାଚନ କମିସନରଙ୍କୁ ନିଯୁକ୍ତି

■ **ନୂଆଦିଲ୍ଲୀ, ୧୪।୩ (ଏଜେନ୍ସି):** ଅବସରପ୍ରାପ୍ତ ଦୁଇ ଆଇଏଏସ୍ ଅଧିକାରୀ ଜ୍ଞାନେଶ କୁମାର ଏବଂ ସୁଖବୀର ସିଂ ସନ୍ଧୁଙ୍କୁ ଗୁରୁବାର ନିର୍ବାଚନ କମିସନର ଭାବେ ନିଯୁକ୍ତ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଏହି ଦୁଇ ଅଧିକାରୀଙ୍କ ନାମରେ ମୋହର ଲାଗିବା ପରେ ସେମାନଙ୍କ ନାମ ଘୋଷଣା କରାଯାଇଥିଲା । ଏହାପରେ ରାଷ୍ଟ୍ରପତି ସେମାନଙ୍କ ନିଯୁକ୍ତିକୁ ଅନୁମୋଦନ ଦେଇଛନ୍ତି । ସୁଖବୀର ସନ୍ଧୁ ଉତ୍ତରାଖଣ୍ଡ ଏବଂ ଜ୍ଞାନେଶ କୁମାର କେରଳ କ୍ୟାଡର ୧୯୮୮ ବ୍ୟାଚ୍ ଆଇଏଏସ ଅଧିକାରୀ । ସନ୍ଧୁ ପୂର୍ବରୁ ଉତ୍ତରପ୍ରଦେଶର ମୁଖ୍ୟ ଶାସନ ସଚିବ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଅଧ୍ୟକ୍ଷ ସମେତ ପ୍ରମୁଖ ସରକାରୀ ପଦବୀରେ କାର୍ଯ୍ୟ କରିଛନ୍ତି । ସେହିପରି ଜ୍ଞାନେଶ କୁମାର ବିଭିନ୍ନ ମନ୍ତ୍ରଣାଳୟରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ତୁଲାଇଛନ୍ତି ।

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-260 ◆BHUBANESWAR ◆FRIDAY ◆15 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୬୦ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୫ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

DSPL-852

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର

'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'
ଭକ୍ତମାନଙ୍କୁ ଦେଉଛି ଦିବ୍ୟ ଅନୁଭୂତି

ଜଗତ ଦେଖୁଛି ମହାପ୍ରଭୁଙ୍କ ଭବ୍ୟ ରୂପ

- ମନ୍ଦିରର ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ପରିକ୍ରମା ସମ୍ଭବ
- ମନ୍ଦିର ଚାରିପଟେ ୭୫ ମିଟର ଐତିହ୍ୟ କରିଡର ନିର୍ମାଣ
- ୧୦ ମିଟର ଅନ୍ତଃ ପ୍ରଦକ୍ଷଣ ଓ ୮ ମିଟର ବାହ୍ୟ ପ୍ରଦକ୍ଷଣ ମାର୍ଗ ନିର୍ମାଣ

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0819/2324

ଘୋଷରା ଗ୍ରାମରେ ତେଜିଲା ମଦ ବିରୋଧୀ ଆନ୍ଦୋଳନ

ମଦ ବିକ୍ରି ବନ୍ଦ ପାଇଁ ଅଧିକାରୀଙ୍କୁ ଦାବିପତ୍ର

ବଣାଇଁ, ୧୪।୩(ସମିସ)

ମଦ ବିରୋଧରେ ତାତିଲେ ଗ୍ରାମବାସୀ। ବୈଠକ କରି ଗ୍ରାମର ଚୋରାମଦ ବେପାରୀ ଓ ମଦ୍ୟପଙ୍କୁ ଦେଲେ ଚେତାବନୀ। ଏଥିସହ ବଣାଇଁ ଅବକାରୀ ଅଧିକାରୀଙ୍କୁ ଭେଟି ଗ୍ରାମରେ ଚୋରାମଦ ବିକ୍ରି ବନ୍ଦ ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମରେ ଚୋରା ଦେଶୀମଦ ବେପାର ଓ ମଦ୍ୟପଙ୍କ ସଂଖ୍ୟା ସହ ଉତ୍ପାତ ବୃଦ୍ଧିକୁ ନେଇ ଗ୍ରାମବାସୀ ତାତିଛନ୍ତି। ବର୍ଷକ ପୂର୍ବରୁ ମଧ୍ୟ ଗ୍ରାମରେ ମଦର ପ୍ରସାର ବନ୍ଦ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏଥିସହ ବଣାଇଁରେ ଦେଶୀ ମଦଭାଟି କର୍ମଚାରୀମାନେ ବିନା ଅନୁମତିରେ ଅନେକ ଥର ଦେଶୀମଦ ଆଣି ଗ୍ରାମରେ କେତେକ ସ୍ଥାନରେ ମଦ ଯୋଗାଉଥିବା ବେଳେ ଗ୍ରାମବାସୀଙ୍କ ନିକଟରେ ଧରାପଡ଼ି ପୁଲିସକୁ ହସ୍ତାନ୍ତର କରିଥିଲେ। ଏହା ସତ୍ତ୍ୱେ ଭାଟି ମାଲିକ ଓ ଅବକାରୀ ବିଭାଗ ମଧ୍ୟରେ ଭିତିରି ବୁଝାମଣା ଯୋଗୁଁ ପ୍ରତ୍ୟେକ ଦିନ ଭାଟିର ଦେଶୀମଦ ବିଭିନ୍ନ ଗ୍ରାମକୁ ଚାଲାଣ ହେଉଛି। ଫଳରେ ଗ୍ରାମରେ ମଦ୍ୟପଙ୍କ ସଂଖ୍ୟା ବୃଦ୍ଧି ପାଉଛି ଏବଂ ଯୁବପିଢ଼ି ନିଶା ଦ୍ୱାରା କବଳିତ ହେଉଛନ୍ତି। ମଦଯୋଗୁଁ ଗ୍ରାମର ଶାନ୍ତ ପରିବେଶ ନଷ୍ଟ ହେବା ସହ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ମଦ ପିଇ ଲୋକେ ଘରେ ମାରପିଟ୍ କରିବା ସହ ଗାଆଁରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏଥିରେ ଅତିଷ୍ଠ ହୋଇ ନରସିଂହପୁର, ଲକ୍ଷ୍ମୀନାରାୟଣପୁର, ପତ୍ରାପାଲି, ଗୋପିନାଥପୁରକୁ ନେଇ ଗଠିତ ଘୋଷରା ଗ୍ରାମର ସମସ୍ତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସମାଜସେବୀ ଏକାଠି ହୋଇ ଗ୍ରାମରେ ଚୋରାମଦ ବେପାର ବନ୍ଦ ଓ ଗ୍ରାମକୁ ନିଶାମୁକ୍ତ କରିବା ଲକ୍ଷ୍ୟରେ ଗୁରୁବାର ପୁଣିଥରେ ଏକ ବୈଠକ କରି ନିଶାଦ୍ରବ୍ୟ ସେବନର ଅପକାରିତା ସମ୍ପର୍କରେ ସଚେତନ କରାଇବା ସହିତ ଗ୍ରାମକୁ ନିଶାମୁକ୍ତ କରିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ୩୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ବଣାଇଁ ଅବକାରୀ କାର୍ଯ୍ୟାଳୟରେ ପହଞ୍ଚି ଅବକାରୀ ଅଧିକାରୀଙ୍କୁ ଦାବିପତ୍ର ଦେଇ ମଦ ବିକ୍ରି ବନ୍ଦ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅନ୍ୟପଟେ ଖୁବଶୀଘ୍ର ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମାଞ୍ଚଳରେ ଚାଲିଥିବା ଚୋରା ଦେଶୀମଦ ବେପାର ରୋକିବା ଦିଗରେ ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ ଉଭୟ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ନିର୍ବାଚନ ପାଇଁ ପୁଲିସ ଯାଞ୍ଚ୍ କଡ଼ାକଡ଼ି

ରାଉରକେଲା, ୧୪।୩(ସମିସ): ଆସୁଛି ୨୦୨୪ ସାଧାରଣ ନିର୍ବାଚନ। ଏ ନେଇ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ଏପ୍ରିଲରେ ନିର୍ବାଚନ ହେବ ବୋଲି ଚର୍ଚ୍ଚା ଚାଲିଛି। ଏହାରି ମଧ୍ୟରେ ଓଡ଼ିଶାରେ ବିଜେପି ଓ ବିଜେଡି ମଧ୍ୟରେ ମେଣ୍ଟ ଚର୍ଚ୍ଚା ମଧ୍ୟ ଜାରି ରହିଛି। ଏହାକୁ ନେଇ ଉଭୟ ଦଳର ନେତା, ମନ୍ତ୍ରୀଙ୍କଠାରୁ ଆରମ୍ଭ କରି କୁଜିନେତା, କର୍ମୀମାନଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚା ଚାଲିଛି। ଦିନ ଗଡ଼ି ଚାଲିଥିବା ବେଳେ ସମସ୍ତଙ୍କ ଛାତି ଧଡ଼ଧଡ଼ ହେବାରେ ଲାଗିଛି। ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ତୀବ୍ର ହେବାରେ ଲାଗିଛି। ମେଣ୍ଟ ଓ ନିର୍ବାଚନ ତାରିଖ ଘୋଷଣା ହେବାକୁ ନେଇ ସମସ୍ତେ ଚାହିଁ ରହିଛନ୍ତି। ତେବେ ନିର୍ବାଚନକୁ ଦୃଷ୍ଟିରେ ରଖି ପୁଲିସ ସଜାଗ ରହିଛି। ଏହି କ୍ରମରେ ଜିଆରପି ଥାନା ପୁଲିସ ଓ ଆରପିଏଫ ପକ୍ଷରୁ ମିଳିତ ଭାବେ ରେଲୱେ ଷ୍ଟେସନ ଓ ବିଭିନ୍ନ ଟ୍ରେନଗୁଡ଼ିକରେ ଯାଞ୍ଚ୍ କଡ଼ାକଡ଼ି କରାଯାଇଛି। କେହି ଯାତ୍ରୀ ମୋଟା ଅଙ୍କର ଟଙ୍କା ନେଉଛି କି, ମାଦକଦ୍ରବ୍ୟ ଚାଲାଣ ହେଉଛି କି, ନିର୍ବାଚନ ସମ୍ବନ୍ଧୀୟ ଅନ୍ୟ କିଛି କାମ କରାଯାଉଛି କି ଏଭଳି ବିଭିନ୍ନ ଦିଗକୁ ନେଇ ଯାଞ୍ଚ୍ ଜାରି ରହିଛି। ସମସ୍ତ ଯାତ୍ରୀଙ୍କ ଲଗେଜ୍ ସମେତ ସମସ୍ତ ସାମଗ୍ରୀ ଯାଞ୍ଚ୍ କରାଯାଉଛି। କାହାରି ଉପରେ ସନ୍ଦେହ ହେଲେ ଅଧିକ ପଚରାଉଚରା କରାଯାଉଛି। ନିର୍ବାଚନ ପାଖେଇ ଆସିଲେ ଏଭଳି ଯାଞ୍ଚ୍ ଆହୁରି କଡ଼ାକଡ଼ି କରାଯିବ ବୋଲି କୁହାଯାଇଛି।

ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଲାଠିକଟା ବ୍ଲକ ସରପଞ୍ଚ ସଂଘ

ରାଉରକେଲା, ୧୪।୩(ସମିସ): ରାଜ୍ୟ ସରକାର ବୁଧବାର ପଞ୍ଚାୟତିରାଜ ପ୍ରତିନିଧିଙ୍କ ଭତ୍ତା ବୃଦ୍ଧି କରିଛନ୍ତି। ଏ ନେଇ ଲାଠିକଟା ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି କ୍ରମରେ ଗର୍ଜନ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଗର୍ଜନ ସରପଞ୍ଚ ସଚିନ ଏକ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଲାଠିକଟା ବ୍ଲକର ବିଭିନ୍ନ ପଞ୍ଚାୟତ ସମେତ ବଣାଇଁ, କୁତ୍ରା, ରାଜଗାଙ୍ଗପୁର ଅଞ୍ଚଳର ସରପଞ୍ଚମାନେ ଯୋଗଦେଇଥିଲେ। କିଛିମାସ ତଳେ ସରପଞ୍ଚ ସଂଘ ପକ୍ଷରୁ ୧୦ ଦାବି ନେଇ କଲମଛାଡ଼ ଆନ୍ଦୋଳନ କରାଯିବା ସହ ଭୁବନେଶ୍ୱରରେ ମଧ୍ୟ ଆନ୍ଦୋଳକ କରାଯାଇଥିଲା। ଦୀର୍ଘ ୪୩ ଦିନ ଧରି ଆନ୍ଦୋଳନ କରିବା ପରେ ତାଙ୍କ ଦାବି ଉପରେ ବିଚାର ନିଶ୍ଚିତ କରାଯିବ ବୋଲି ସରକାରଙ୍କ ପକ୍ଷରୁ ସଂଘକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଏହି ୧୦ ଦାବି ମଧ୍ୟରୁ ମୁଖ୍ୟମନ୍ତ୍ରୀ ୪ଟି ପୂରଣ କରିଛନ୍ତି। ସରପଞ୍ଚଙ୍କ ମାସିକ ଭତ୍ତା ବୃଦ୍ଧି, ସରପଞ୍ଚ ସହ ବିଡିଓଙ୍କ ହସ୍ତାକ୍ଷର ବନ୍ଦ କରାଯିବ। ବୃଦ୍ଧବୃଦ୍ଧାଙ୍କ ମାସିକ ଭତ୍ତା ୫୦୦ରୁ ୧ ହଜାରକୁ ବୃଦ୍ଧି କରାଯାଇଛି। ସେହିପରି ୫ ବର୍ଷ କାର୍ଯ୍ୟକାଳ ସମୟରେ ସରପଞ୍ଚମାନଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାର ଲୋକଙ୍କୁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ଦାବିଗୁଡ଼ିକ ମୁଖ୍ୟମନ୍ତ୍ରୀ ପୂରଣ କରିଥିବାରୁ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଆଗାମୀ ଦିନରେ ଅନ୍ୟ ଦାବିଗୁଡ଼ିକ ପୂରଣ କରିବାକୁ ଅନୁରୋଧ କରାଯାଇଛି।

ପୂର୍ବତନ ବଣିକ ସଂଘ ସଭାପତିଙ୍କ ଶେଷକୃତ୍ୟ ସମ୍ପନ୍ନ

ରାଉରକେଲା, ୧୪।୩(ସମିସ): କାର୍ ଯୋଗେ ରାଉରକେଲାରୁ ଝାରସୁଗୁଡ଼ା ଯାଉଥିବା ବେଳେ ୧୦ନଂ ରାଜ୍ୟ ରାଜପଥର ସୁନ୍ଦରଗଡ଼ ଜିଲ୍ଲା ରାଣୀବଗିଚା ନିକଟରେ ସଡ଼କ ଦୁର୍ଘଟଣା ଘଟି ବୁଧବାର ରାଉରକେଲା ବଣିକ ସଂଘର ପୂର୍ବତନ ସଭାପତି ଦୀନଦୟାଳ ଅଗ୍ରୱାଲଙ୍କ ମୃତ୍ୟୁ ହୋଇଥିଲା। ଗୁରୁବାର ବେଦବ୍ୟାସଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗୁରୁବାର ତାଙ୍କ ମରଶରୀର ରାଉରକେଲାରେ ପହଞ୍ଚିଥିଲା। ପରେ ତାଙ୍କ ବାସଭବନରୁ ଅନ୍ତିମ ଯାତ୍ରା ବାହାରିଥିଲା। ଏଥିରେ ସହରର

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଗ୍ରୱାଲଙ୍କ ଅନ୍ତିମ ଯାତ୍ରା ବଣିକ ସଂଘ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ସଭାପତି ସୁବ୍ରତ ପଟ୍ଟନାୟକ, ଗୋପାଳ ବାଗଡ଼ିଆ, ଉପସଭାପତି ଗୁରୁମିତ ସିଂହ, ନରେଶ ଆର୍ଯ୍ୟ, ଶିଳ୍ପପତି ବିଏନ୍ ପଟ୍ଟନାୟକ, ସନ୍ତୋଷ ପାରିକ, ବ୍ରିଜମୋହନ ଅଗ୍ରୱାଲ, ଆଦିତ୍ୟ କୁଶବ ମହାପାତ୍ର, ଅନୁପମ ଯୋଶୀ, ପ୍ରବୀଣ ଗର୍ଗ, ଅଶୋକ ଅଗ୍ରୱାଲ, ଋଷି ଆର୍ଯ୍ୟ, ଆଶୁତୋଷ ସିଂହଲ, ମଳୟ ମଣ୍ଡଳ, ଅନୁପ ଗୁପ୍ତା, ଶୈଳେନ୍ଦ୍ର ମାରୋଠିଆ, ଦିଲୀପ ଶର୍ମା, ଅନୁପ ଟେବ୍ରିୱାଲ, କମଲ ଅଗ୍ରୱାଲ, ପପୁ ଅଗ୍ରୱାଲ, ଶ୍ୟାମ ପାଟୋଡିଆ, ଭୂଷଣ ଅଗ୍ରୱାଲ, ସାନୱାର ଅଗ୍ରୱାଲ, ବବଲୁ ସୁଲତାନିଆଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବେଦବ୍ୟାସଠାରେ ବଡ଼ପୁଅ ନୀରଜ ଅଗ୍ରୱାଲ ମୁଖାଗ୍ନି ଦେଇଥିଲେ। ଦୀନଦୟାଳଙ୍କ ଦେହାନ୍ତରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

ବିପଦସଙ୍କୁଳ ଅବସ୍ଥାରେ କରିମ୍ ବନ୍ଧର ପୋଲ

କୁଆଁରମୁଣ୍ଡା, ୧୪।୩(ସମିସ): କୁଆଁରମୁଣ୍ଡା ପଞ୍ଚାୟତ କରିମ୍ ବନ୍ଧ ସଂଲଗ୍ନ ପୋଲ ମରାମତି ଅଭାବରୁ ଅତ୍ୟନ୍ତ ବିପଦସଙ୍କୁଳ ହୋଇପଡ଼ିଛି। ଫଳରେ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଏହି ପୋଲ ଉପରେ କୁଆଁରମୁଣ୍ଡା ଅଞ୍ଚଳରେ ଥିବା ବିଭିନ୍ନ କଳକାରଖାନାରୁ ମାଲ୍ ବୋଝେଇ ଭାରୀଯାନ ଚଳାଚଳ ଯୋଗୁଁ ପୋଲ ଭାଙ୍ଗିଯାଇଥିଲା। ତେବେ ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ହେଁ ଏହାକୁ ମରାମତି କରିବାରେ ବିଭାଗୀୟ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରୁ ନ ଥିବା ଅଭିଯୋଗ ହୋଇଛି। ପୋଲ ନିକଟରେ ଥିବା ପୋଖରୀ ଶୁଖିଯାଇଥିବାରୁ ଲୋକେ ପୋଖରୀ ପାଖ ଦେଇ ଯିବାଆସିବା କରୁଛନ୍ତି। କିନ୍ତୁ ବର୍ଷା ଋତୁରେ ପୋଖରୀରେ ପାଣି ଭର୍ତ୍ତି ରହୁଥିବାରୁ ଅସୁବିଧା ସମ୍ମୁଖୀନ ହେବା ଆଶଙ୍କା ରହିଛି। ଏହି ରାସ୍ତା ଦେଇ କେବଳ ଦୁଇଚକିଆ ଯାନ ଯାତାୟାତ କରି ପାରୁଛି। କୁଆଁରମୁଣ୍ଡା, ବେଲଢିପା, ନାଇକେନବାହାଲ, ଗୁଡ଼ଛପର, ଲାଞ୍ଜିବେରନା ଏବଂ କଳକାରଖାନାକୁ ଯିବାଆସିବା ପାଇଁ ପ୍ରତିଦିନ ଏହି ରାସ୍ତାକୁ ହଜାର ହଜାର ଲୋକ ବ୍ୟବହାର କରୁଛନ୍ତି। ତୁରନ୍ତ ଏହି ପୋଲର ମରାମତି କିମ୍ବା ଏକ ନୂଆ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସଚେତନ ନାଗରିକ ମଞ୍ଚର ବାର୍ଷିକୋତ୍ସବ ୧୬ରେ

ରାଉରକେଲା, ୧୪।୩(ସମିସ): ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସଚେତନ ନାଗରିକ ମଞ୍ଚର ୧୦ମ ବାର୍ଷିକୋତ୍ସବ ଆସନ୍ତା ୧୬ ତାରିଖ ପୂର୍ବାହ୍ନ ୧୧ଟାରେ ଛେଣ୍ଡ ବିର୍ସା ମୁଣ୍ଡା ହାଉସିଂ କଲୋନୀ ଏଚଆଇଜି(ଡି)ଏ/୧ସ୍ଥିତ ସଂଘର ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। କାର୍ଯ୍ୟାଳୟ ଉଦଘାଟନ କରିବା ପାଇଁ ମଞ୍ଚ ପ୍ରତିଷ୍ଠାତା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ସମ୍ମତି ପ୍ରଦାନ କରିବା ସହ ମଞ୍ଚ ଦ୍ୱାରା ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବେ। ସେହିପରି ସାଢ଼େ ୧୧ଟାରେ ମଞ୍ଚ ସଭାପତି ବିମଳ କୁମାର ବିଶିଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ପିପି ରାୟଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚର ପୁରାତନ ସଦସ୍ୟ ଓ ନୂତନ ଭାବେ ଯୋଡ଼ି ହୋଇଥିବା ସଦସ୍ୟଙ୍କ ମଧ୍ୟରେ ଭାବ ବିନିମୟ ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯିବ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ଖଣି ବିଭାଗ ଅଧୀନରେ ବାଲିଘାଟ ଓ ପଥର ଖଣି; ନିଲାମ ହେଉନି

ବାଲି ଓ ଚିପ୍ସର କୃତ୍ରିମ ଅଭାବ: ସମସ୍ୟାରେ ଲୋକେ

ରାଉରକେଲା, ୧୪।୩(ସମିସ)

୨୦୨୪ ଜାନୁଆରୀରୁ ତହସିଲ ବିଭାଗରୁ ଖଣି ବିଭାଗ ଅଧୀନକୁ ଚାଲିଯାଇଛି ସମସ୍ତ ବାଲିଘାଟ ଓ ପଥର ଖଣି। ହେଲେ ଏପର୍ଯ୍ୟନ୍ତ କୌଣସି ବାଲିଘାଟ ଓ ପଥର ଖାଦାନକୁ ନିଲାମ କରାଯାଇନାହିଁ। ଏହାର ସୁଯୋଗ ନେଇ ବାଲି ଓ ଚିପ୍ସ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଦୈନିକ ହଜାର ହଜାର ଟ୍ରିପ ଚିପ୍ସ ଓ ବାଲି ଚୋରାରେ ଚାଲାଣ ହେଉଥିବାରୁ ରାଉରକେଲା ସହରରେ ବାଲି ଓ ଚିପ୍ସର କୃତ୍ରିମ ଅଭାବ ଦେଖାଦେଇଛି। ଫଳରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାର ଓ ସାଧାରଣ ଲୋକେ ଘରଦ୍ୱାର ନିର୍ମାଣ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୁନ୍ଦରଗଡ଼ ଜିଲ୍ଲା ପାନପୋଷ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ତହସିଲ ଅଞ୍ଚଳରେ ବେଆଇନ ପଥର କ୍ୱାରୀରୁ ପଥର ଖନନ ହେବା ସହ ଦୈନିକ ଶହ ଶହ ଟ୍ରକ ଏବଂ ଟ୍ରାକ୍ଟର ବୋଝେଇ ପଥର ଚାଲାଣ ଯୋଗୁଁ ରାଜସ୍ୱ ହାନି ହେଉଛି। ପାନପୋଷ ଉପଖଣ୍ଡ ଅନ୍ତର୍ଗତ ଲାଠିକଟା ବ୍ଲକ ଜଳଦା ଅଞ୍ଚଳରେ ରହିଥିବା ୭/୮ଟି ପଥର କ୍ୱାରୀରେ ଚୋରାରେ ପଥର ଖନନ ହେଉଛି। ଦୈନିକ ଶହ ଶହ ଟ୍ରକ ଏବଂ ଟ୍ରାକ୍ଟରରେ ପଥର ବୋଝେଇ ହୋଇ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ଚୋରା ଚାଲାଣ ହେଉଛି।

ସେହିପରି ଲାଠିକଟା ବ୍ଲକ ବଲଣ୍ଡା, ଗୋଟିଧର, ଡଲାକୁଦର, ଖଇରିବନ୍ଧ ଅଞ୍ଚଳରେ ମଧ୍ୟ ୩୦ରୁ ଊର୍ଦ୍ଧ୍ୱ ପଥର କ୍ୱାରୀ ରହିଛି। ଏଗୁଡ଼ିକର ଲାଇସେନ୍ସ ଦୀର୍ଘଦିନ ଧରି ନବୀକରଣ ହୋଇ ନାହିଁ। ଖଣି ବିଭାଗ ଅଧୀନକୁ ଆସିବା ପରେ ସମସ୍ତ ପଥର ଖଣି ବନ୍ଦ କରି ଦିଆଯାଇଛି। ପୂର୍ବରୁ ତହସିଲ ପକ୍ଷରୁ ପଥର ଖଣି ନିଲାମଧାରୀମାନଙ୍କୁ ଟ୍ରାଞ୍ଜିଟ୍ ପାସ୍ (ଟିପି) ଦିଆଯାଉଥିଲା। ଏଥିରେ କେତେ ପରିମାଣର ବାଲି କିମ୍ବା ଚିପ୍ସ ନିଆଯାଉଛି ତାହା ଉଲ୍ଲେଖ କରାଯିବା ସହ ନିର୍ଦ୍ଧାରିତ ସରକାରୀ ମୂଲ୍ୟ ମଧ୍ୟ ଉଲ୍ଲେଖ କରାଯାଉଥିଲା। ହେଲେ ବର୍ତ୍ତମାନ ଖଣି ବିଭାଗ ଟିପି ସିଷ୍ଟମ ବନ୍ଦ କରି ସମସ୍ତ କାରବାର ଅନଲାଇନ କରିଛି। କେବଳ ଲାଠିକଟା ତହସିଲର ଗୋଟିଧରରେ ଦୁଇଟି ପଥର ଖଣି କାର୍ଯ୍ୟକ୍ଷମ ରହିଥିବା ବେଳେ ଅନ୍ୟ ସମସ୍ତ ଖାଦାନ ବେଆଇନ ବୋଲି ଅଭିଯୋଗ ହୋଇଛି। ବେଆଇନ ଭାବେ ପଥର ବ୍ଲାଷ୍ଟିଂ ଓ ଖନନ ହୋଇ ଚୋରାରେ ବିକ୍ରି ହେଉଥିବାରୁ କ୍ରସର ମାଲିକମାନେ ବିଭାଗୀୟ ଅଧିକାରୀଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେବାକୁ ପଡୁଛି। ଫଳରେ ଠିକାଦାର ଓ ଘରୋଇ ମାଲିକମାନେ ଚଢ଼ା ଦରରେ ଚିପ୍ସ କ୍ରୟ କରୁଛନ୍ତି। ପୂର୍ବରୁ ଚିପ୍ସର ମୂଲ୍ୟ ୩୦ ଟଙ୍କା ସିଏଫଟି ରହିଥିଲା ବେଳେ ବର୍ତ୍ତମାନ ଏହା ୪୫ ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ହାଇୱାରେ ଗୋଟିଏ ବାଲି ଟ୍ରିପ୍ ମୂଲ୍ୟ ୫ରୁ ୬ ହଜାର ଟଙ୍କା ଥିଲା। ବର୍ତ୍ତମାନ ଏହା ୧୦ରୁ ୧୨ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଟ୍ରାକ୍ଟର ପିଛା ବାଲି ଟ୍ରିପ ପୂର୍ବରୁ ୮୦୦ରୁ ୯୦୦ ଟଙ୍କା ଥିଲା। ବର୍ତ୍ତମାନ ଏହା ୧୫ ଶହରୁ ୧୭ ଶହ ଟଙ୍କା ହୋଇଯାଇଛି। ଫଳରେ ବାଧ୍ୟ ହୋଇ ଠିକାଦାର ଓ ଘର ମାଲିକମାନଙ୍କୁ ଅଧିକ ମୂଲ୍ୟରେ ଚିପ୍ସ କ୍ରୟ କରିବାକୁ ପଡୁଛି। ଦୈନିକ ଶହ ଶହ ସଂଖ୍ୟାରେ ହାଇୱାରେ ବୋଝେଇ ହୋଇ ଚିପ୍ସ କୋଇଡ଼ା ଚାଲାଣ ହେଉଛି। ଫଳରେ ଚିପ୍ସର କୃତ୍ରିମ ଅଭାବ ଯୋଗୁଁ ସମସ୍ୟା ଦେଖାଦେଇଛି। ସେପଟେ ଖାଦାନ ଓ କ୍ରସରଗୁଡ଼ିକ ମୁଖ୍ୟ ରାସ୍ତାରୁ ଭିତରକୁ ରହିଥିବାରୁ ସେମାନଙ୍କ ବେଆଇନ କାରାନାମା ପ୍ରଶାସନ ନଜରକୁ ଆସୁ ନ ଥିବା କୁହାଯାଉଛି।

ସେହିପରି ବିଶ୍ରା ବ୍ଲକ ଭାଲୁଲତା, କପରଣ୍ଡା, ଜରେଇକେଲା, ମହିପାଣି ପ୍ରଭୃତି ଅଞ୍ଚଳରେ ଥିବା ବେଆଇନ ପଥର ଖାଦାନରୁ ପଥର ଖନନ ହେବା ସହ ଦୈନନ୍ଦିନ ଟ୍ରକ୍, ଡମ୍ପର ଓ ଟ୍ରାକ୍ଟର ଯୋଗେ ବିଭିନ୍ନ ଅଞ୍ଚଳ ତଥା ଝାଡ଼ଖଣ୍ଡକୁ ମାଙ୍କଡ଼ା ପଥର ଚାଲାଣ ହେଉଛି। ସ୍ୱଷ୍ଟ ଦିବାଲୋକରେ ପଥର ଗାଡ଼ିଗୁଡ଼ିକ ବିଭିନ୍ନ ଗ୍ରାମ ଓ ବସ୍ତିକୁ ଚାଲାଣ ହେଉଛି। କୁଆଁରମୁଣ୍ଡା ଓ ବୀରମିତ୍ରପୁର ତହସିଲ ଅଧୀନରେ ୧୦ରୁ ଊର୍ଦ୍ଧ୍ୱ ପଥର କ୍ୱାରୀରୁ ବେଆଇନ ଭାବେ ପଥର ଚୋରା ଚାଲାଣ ହେଉଥିବା ବେଳେ ଖଣି କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଛନ୍ତି। ଫଳରେ ସରକାର ପାନପୋଷ ଉପଖଣ୍ଡର ଏହିସବୁ ଅଞ୍ଚଳରୁ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ପଥର ଚୋରା ଚାଲାଣ ମାଫିଆଙ୍କ ସହ ବିଭାଗୀୟ କିଛି ଅସାଧୁ କର୍ମଚାରୀ ଅଧିକାରୀଙ୍କ ମେଣ୍ଟ ହୋଇଥିବା ସନ୍ଦେହକୁ ଏଡ଼ାଇ ଦିଆଯାଇ ନ ପାରେ।

● ମାଫିଆଙ୍କ ଭୂସ୍ୱର୍ଗ: ବଢୁଛି ଚୋରା ଚାଲାଣ

ସେହିପରି ପାନପୋଷ ଉପଖଣ୍ଡରେ ଥିବା ବିଭିନ୍ନ ନଦୀରୁ ବେଆଇନ ଭାବେ ହଜାର ହଜାର ଟ୍ରକ ବାଲି ଖନନ ହେଉଛି। ତାହା ପୁଣି ଜେସିବି କିମ୍ବା ପୋକ୍ଲେନ ଦ୍ୱାରା। ଏହାପରେ ଡମ୍ପର, ହାଇୱା, ମିନି ଟ୍ରକ ଏବଂ ଟ୍ରାକ୍ଟର ଦ୍ୱାରା ବୋଝେଇ ହୋଇ ଦିନରାତି ଚୋରାରେ ବୁହା ଚାଲିଛି। ଏହି ଚୋରା ଚାଲାଣକୁ ଖଣି ବିଭାଗ ଏବଂ ପୁଲିସ ସ୍ୱଷ୍ଟ ଦିବାଲୋକରେ ଦେଖୁଥିଲେ ମଧ୍ୟ ନ ଦେଖିଲା ପରି ନିରବ ରହିବା ଘଟଣା ସେମାନଙ୍କର ବାଲି ମାଫିଆଙ୍କ ସହ ମଧୁଚନ୍ଦ୍ରିକା ରହିଥିବା ସମ୍ଭାବନାକୁ ଅଧିକ ସୁଦୃଢ଼ କରିଛି। ସମ୍ପ୍ରତି ନଦୀରୁ ବାଲି ଉଠାଣ ପାଇଁ ଅଧିକାଂ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-260 ◆BHUBANESWAR ◆FRIDAY ◆15 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୬୦ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୫ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ଆଜିଠାରୁ ମାଟ୍ରିକ୍ ଖାତାଦେଖା

କଟକ, ୧୪।୩(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଖାତାଦେଖା ଆସନ୍ତାକାଲିଠାରୁ ଆରମ୍ଭ ହେବ। ନିର୍ଦ୍ଧାରିତ ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ଖାତାଦେଖାରେ ନିୟୋଜିତ ହେବାକୁ ଥିବା ଶିକ୍ଷକମାନେ ଆଜି ପହଞ୍ଚିଥିବା ଜଣାପଡ଼ିଛି। ୧୨ଦିନ ଭିତରେ ମୂଲ୍ୟାୟନ ପ୍ରକ୍ରିୟା ଶେଷ ହେବ ବୋଲି ବୋର୍ଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ଗତ ୨୦ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିଲା। ୩ ହଜାର ୪୭ପରୀକ୍ଷା କେନ୍ଦ୍ରରେ ଚଳିତଥର ୫ ଲକ୍ଷ ୫୧ ହଜାର ୬୧୧ଜଣ ଛାତ୍ରଛାତ୍ରୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଇଥିଲେ। ପ୍ରଶ୍ନପତ୍ର ରଖିବାକୁ ୩୧୩ଟି ନୋଡାଲ ସେଣ୍ଟର ବ୍ୟବସ୍ଥା ହୋଇଥିଲା। ନୋଡାଲ କେନ୍ଦ୍ରଗୁଡ଼ିକରୁ ବୋର୍ଡ କାର୍ଯ୍ୟାଳୟକୁ ପରୀକ୍ଷା ଶେଷ ପରେ ଉତ୍ତରଖାତାଗୁଡ଼ିକ ଅଣାଯାଇ କଡ଼ା ସୁରକ୍ଷାବଳୟରେ ରଖାଯାଇଥିଲା। ଗତ ୧୩ ତାରିଖରେ ମୂଲ୍ୟାୟନ କେନ୍ଦ୍ରଗୁଡ଼ିକୁ ଉତ୍ତରଖାତାଗୁଡ଼ିକ ପଠାଯାଇଛି। ରାଜ୍ୟରେ ମୋଟ୫୪ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି।



ମହିଳାଙ୍କ ବିକାଶ ଲାଗି ବିଜେଡିର ପ୍ରତିବଦ୍ଧତା ଐତିହାସିକ ସତ୍ୟ

ମହିଳା ସଶକ୍ତୀକରଣର ଅନନ୍ୟ ଆଲୋକବର୍ତ୍ତିକା 'ମିଶନ୍ ଶକ୍ତି'

- ■ ମହିଳା ସଶକ୍ତ ହେଲେ ଦେଶ ସଶକ୍ତ ହେବ
- ■ ମା' ଆଜି ଦୁର୍ବଳା ନୁହେଁ; ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ
- ■ କୋଣ ଅନୁକୋଣରେ ପ୍ରତିଷ୍ଠା ହେବ ମିଶନ୍ ଶକ୍ତି ବଜାର
- ■ ସରକାରଙ୍କ ଅଂଶୀଦାର ସାଜିଛି ମହିଳା ଏସ୍ଏଚ୍‌ଜି

ଭୁବନେଶ୍ୱର,୧୪।୩(ସମିସ): ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ପ୍ରାଧାନ୍ୟ ଦେଇ ଆସିଛନ୍ତି। ମହିଳାମାନେ ସଶକ୍ତ ହେଲେ ଦେଶ ସଶକ୍ତ ହେବ, ଏହି ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିବା ମିଶନ୍ ଶକ୍ତି ଆଜି ସମଗ୍ର ବିଶ୍ୱର ମହିଳାମାନଙ୍କ ପାଇଁ ଆଲୋକବର୍ତ୍ତିକା ସାଜିଛି। କୋଭିଡ୍ ମହାମାରୀ ପରିଚାଳନା ଠାରୁ ଆରମ୍ଭ କରି ସରକାରଙ୍କର ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପରେ ମହିଳାମାନେ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛନ୍ତି। ରୋଷେଇ ଘରେ ସୀମିତ ରହୁଥିବା ଓଡ଼ିଶାର ମା'ମାନେ ଆଜି ନିଜସ୍ୱ ପରିଚୟ ପାଇଛନ୍ତି ବୋଲି କହିଛି ବିଜେଡି।

ଆଜି ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ସନ୍ତୁପ୍ତ ମିଶ୍ର କହିଛନ୍ତି, ମହିଳାଙ୍କ ପ୍ରତି ଆମର ପ୍ରତିବଦ୍ଧତା ଏକ ସ୍ଲୋଗାନ ନୁହେଁ ; ଏକ ଐତିହାସିକ ସତ୍ୟ। ମହିଳାମାନେ ସଶକ୍ତିକରଣର ବାର୍ତ୍ତାବହ ସାଜିଛନ୍ତି। ମୁଖ୍ୟମନ୍ତ୍ରୀ ଯାହା କହନ୍ତି ତାହା କାମରେ କରି ଦେଖାନ୍ତି। ମହିଳମାନଙ୍କୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯାହା ସବୁ ପଦକ୍ଷେପ ନେଇଛନ୍ତି ତାହା ସମଗ୍ର ଦେଶରେ ବିରଳ। ମହିଳାମାନେ ମା' ଲକ୍ଷ୍ମୀ, ମା' ସରସ୍ୱତୀ ଓ ମା' ଦୁର୍ଗାଙ୍କ ପରି ସମୃଦ୍ଧି, ଜ୍ଞାନ ଓ ଶକ୍ତିର ପ୍ରତିନିଧି ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ କରନ୍ତି। ସେଥିପାଇଁ

ବର୍ଷକୁ ବର୍ଷ ଏବଂ ନିର୍ବାଚନ ପରେ ନିର୍ବାଚନରେ ଏହି ଶକ୍ତି ବିଜେଡି ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ରହିଛନ୍ତି। ମୁଖ୍ୟମନ୍ତ୍ରୀ ପଞ୍ଚାୟତିରାଜ ଓ ପୌରସଂସ୍ଥାରେ ଏହି ସରକାର ମହିଳାଙ୍କ ପାଇଁ ୫୦% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ବିଜେଡି ପକ୍ଷରୁ ଆମେ ଓଡ଼ିଶାର ମହିଳାମାନଙ୍କୁ ଦଳ ଓ ସରକାରଙ୍କ ପ୍ରତି ଏହି ବିଶ୍ୱାସ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଉଛୁ। ଓଡ଼ିଶାର ପ୍ରାୟ ୫୦ ପ୍ରତିଶତ ମହିଳାଙ୍କ ସଶକ୍ତୀକରଣ ଓ କଲ୍ୟାଣ ପାଇଁ ଦଳର ପ୍ରତିବଦ୍ଧତା ସାବ୍ୟସ୍ତ କରାଯାଉଛି। ୨୦୦୧ ମସିହା ମାର୍ଚ୍ଚ ୮ ତାରିଖରେ ମହିଳାମାନଙ୍କୁ ପାରମ୍ପରିକ ଧାରଣାରୁ ମୁକ୍ତ କରିବା ଏବଂ ସେମାନଙ୍କ ଦକ୍ଷତା/ ପସନ୍ଦ ଇତ୍ୟାଦି ଆଧାରରେ ନିଜ ପାଇଁ ଏକ ପରିଚୟ ସୃଷ୍ଟି କରିବା ନିମନ୍ତେ ଆରମ୍ଭ ହୋଇଥିଲା ମିଶନ ଶକ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଗ୍ରାମ, ସହର, ଉପତ୍ୟକା, ପାହାଡ଼ ଏବଂ ରାଜ୍ୟର କୋଣ ଅନୁକୋଣରେ ଥିବା ୭୦ ଲକ୍ଷ ମହିଳା ଓ ସେମାନଙ୍କ ପରିବାର ଏହାଦ୍ୱାରା ଉପକୃତ ହୋଇଛନ୍ତି। ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀକୁ ତାଲିମ, ଋଣ ସୁବିଧା, ଦକ୍ଷତା ବୃଦ୍ଧି ଇତ୍ୟାଦି ପ୍ରଦାନ କରାଯାଇଛି ବୋଲି ଡ଼ ମିଶ୍ର କହିଛନ୍ତି।

କୋଭିଡ ମହାମାରୀ ସମୟରେ ମାସ୍କ ତିଆରି/ ସଙ୍କଟରୁ ବାହାରକୁ ଆସିବା/ ସାମୂହିକ ଭୋଜନ ପ୍ରସ୍ତୁତି ସଂକ୍ରାନ୍ତରେ ଶିକ୍ଷା ପ୍ରଦାନ କରିଛି। ୨୧୫ ମିଶନ୍ ଶକ୍ତି କାଫେ ଏହି ଅଭିଯାନକୁ ଏକ ନୂତନ ପରିଚୟ ଦେଇଛି। ଏସ୍ଏଚଜି- ବ୍ୟାଙ୍କ ଲିଙ୍କେଜ୍ କାର୍ଯ୍ୟକ୍ରମରେ ସହଜରେ ଋଣ ଉପଲବ୍ଧ କରାଇବା ପାଇଁ ୨୦୨୩-୨୪ରେ ୧୫୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ବିଗତ ୫ ବର୍ଷରେ ୪୦, ୦୦୦ କୋଟି ଟଙ୍କା ଉଦ୍ୟୋଗ ଓ ଜୀବିକାକୁ ପ୍ରୋତ୍ସାହିତ କରିଛି। ଆସନ୍ତା ୩ ବର୍ଷ ମଧ୍ୟରେ ଏହାକୁ ୭୫, ୦୦୦ କୋଟି ଟଙ୍କାରେ ପହଞ୍ଚାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ଉପରେ ସୁଧ ହାର ପ୍ରାୟ ଶୂନ ହୋଇଥିବାରୁ ସରକାର ସମ୍ପୂର୍ଣ୍ଣ ସୁଧ ରିହାତି ଦେଇଛନ୍ତି। ୨୦୨୩ ଏପ୍ରିଲ ପହିଲାରୁ ଏହା ୫ ଲକ୍ଷରୁ ୧୦ ଲକ୍ଷକୁ ବୃଦ୍ଧି ପାଇଛି। ଗତ ୪ ବର୍ଷରେ ରାଜ୍ୟ ସରକାର ୯୨୫ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରିଛନ୍ତି। କେବଳ ଚଳିତ ବର୍ଷ ଏହା ୨୯୨ କୋଟି ଏବଂ ଆସନ୍ତା ୩ ବର୍ଷ ମଧ୍ୟରେ ଏହା ୧୦୦୦ କୋଟି ଛୁଇଁବାର ସମ୍ଭାବନା ରହିଛି। କୃଷି ବିଭାଗ ସହଯୋଗରେ ମିଶନ ▶ପୃଷ୍ଠା-୧୦

୧୮ ଓଟିଟି ପ୍ଲାଟଫର୍ମ ନିଷିଦ୍ଧ

ନୂଆଦିଲ୍ଲୀ, ୧୪।୩(ଏଜେନ୍ସି): ବହୁ ଚେତାବନୀ ସତ୍ତ୍ୱେ ବିଭିନ୍ନ ଓଟିଟି ପ୍ଲାଟଫର୍ମରେ ଅଶ୍ଳୀଳ ଓ ଯୌନୋଦ୍ଦୀପକ ବିଷୟବସ୍ତୁ (କଣ୍ଟେଣ୍ଟ)ପ୍ରସାରଣ କରିଚାଲିଥିବାରୁ କେନ୍ଦ୍ର ସରକାର ୧୮ଟି ଓଟିଟି ପ୍ଲାଟଫର୍ମକୁ ନିଷିଦ୍ଧ ଘୋଷଣା କରିଛନ୍ତି। ଏହାସହିତ ଏହି ୧୮ ପ୍ଲାଟଫର୍ମଗୁଡିକର ୫୭ଟି ହ୍ୟାଣ୍ଡଲ ସମେତ ୧୯ଟି ୱେବସାଇଟ୍ ଓ ୧୦ଟି ଆପ୍ ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇଛନ୍ତି। 'ଓଭର ଦି ଟପ୍' ବା ଓଟିଟି ପ୍ଲାଟଫର୍ମ ହେଉଛି ସେହି ପ୍ଲାଟଫର୍ମ ଯାହା ଅନ୍ୟ ବିଭିନ୍ନ ପ୍ଲାଟଫର୍ମ ଜରିଆରେ ଫୋନରେ ଫିଲ୍ମ, ଭିଡିଓ ବା ଶୋ' ପ୍ରସାରଣ କରିଥାଆନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଗୁରୁବାର କହିଛନ୍ତି, ନିଷିଦ୍ଧ ହୋଇଥିବା ଗୋଟିଏ ଓଟିଟି ପ୍ଲାଟଫର୍ମ ଆପର ଗୁଗୁଲ୍ ପ୍ଲେ ଷ୍ଟୋରରୁ ଡାଉନଲୋଡ ସଂଖ୍ୟା ୧କୋଟିରୁ ଅଧିକ ଥିଲା ବେଳେ ଅନ୍ୟ ଦୁଇ ପ୍ଲାଟଫର୍ମ ଆପର ଡାଉନଲୋଡ ସଂଖ୍ୟା ୫୦ଲକ୍ଷରୁ ଅଧିକ ରହିଥିଲା। ବ୍ଲକ୍ ହୋଇଥିବା ୧୮ଟି ଓଟିଟି ପ୍ଲାଟଫର୍ମର ମୋଟ ୟୁଜର ସଂଖ୍ୟା ୩୨ ଲକ୍ଷରୁ ଅଧିକ ଥିଲା। ଏହି ପ୍ଲାଟଫର୍ମଗୁଡ଼ିକ ଆଇଟି ଆକ୍ଟ, ଆଇପିସି ଓ ରିପ୍ରେଜେଣ୍ଟେସନ୍ ଆଫ୍ ୱିମେନ୍(ପ୍ରୋହିବିସନ)ଆଇନକୁ ଜାଣିଶୁଣି ଅବଜ୍ଞା କରୁଥିଲେ। ବ୍ଲକ୍ ହୋଇଥିବା ଓଟିଟି ପ୍ଲାଟଫର୍ମଗୁଡ଼ିକ ହେଲା ଡ୍ରିମସ ଫିଲ୍ମସ, ଭୁଭି, ଯେସମା, ଅନକଟ୍ ଆଡ୍ଡା, ଡ୍ରି ଫ୍ଲିକ୍ସ, ଏକ୍ସ ପ୍ରାଇମ୍ ନିଅନ୍ ଏକ୍ସ ଭିଆଇପି, ବେସରମସ, ହଣ୍ଟର୍ସ, ର୍ୟାବିଟ୍ ଏକ୍ସଟ୍ରାମୁଡ୍, ନୁଇଫ୍ଲିକ୍ସ, ମୁଡଏକ୍ସ, ମୋଜଫ୍ଲିକ୍ସ, ହଟ୍ ସଟସ୍ ଭିଆଇପି, ଫୁଗି, ଚିକୁଫ୍ଲିକ୍ସ ଓ ପ୍ରାଇମପ୍ଲେ।

ସାଧନକର୍ମୀଙ୍କ ପାରିଶ୍ରମିକ ବୃଦ୍ଧି

- ■ ସାରା ରାଜ୍ୟରୁ ଉପକୃତ ହେବେ ୧୦ ହଜାର କର୍ମୀ
- ■ ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେବ ଅତିରିକ୍ତ ୨.୮୮ କୋଟି
- ■ '୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ମିଳିଥିଲା ପ୍ରସ୍ତାବ

ଭୁବନେଶ୍ୱର,୧୪।୩(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର ସମସ୍ତ ଗ୍ରାମ୍ୟ ସାଧନ କର୍ମୀ (ଭିଲେଜ୍ ରିସୋର୍ସ ପର୍ସନ୍) ମାନଙ୍କ ପାରିଶ୍ରମିକ ବୃଦ୍ଧି ସମ୍ପର୍କରେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁସାରେ ସେମାନଙ୍କ ଦୈନିକ କାର୍ଯ୍ୟ ଦିବସର ପାରିଶ୍ରମିକ ୩୦୦ ଟଙ୍କାରୁ ୪୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏଥିସହିତ ଯାତାୟତ ବାବଦ ଖର୍ଚ୍ଚ ବାବଦରେ ମଧ୍ୟ ଅତିରିକ୍ତ ୧୦୦ ଟଙ୍କା ପାଇବେ। ଏହି କ୍ରମରେ ସେମାନେ ସମୁଦାୟ ୫୦୦ ଟଙ୍କା ପାଇବେ। ଏହା ଦ୍ୱାରା ରାଜ୍ୟର ୧୦ ହଜାର ଗ୍ରାମ୍ୟ ସାଧନ କର୍ମୀ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ୨.୮୮ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ବହନ କରିବେ। '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଜିଲ୍ଲା ଗସ୍ତ ସମୟରେ ସାଧନ କର୍ମୀମାନଙ୍କ ପକ୍ଷରୁ ପାରିଶ୍ରମିକ ବୃଦ୍ଧି ନେଇ ପ୍ରସ୍ତାବ ଆସିଥିଲା। ଏ ବିଷୟରେ ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ 'ଓଡ଼ିଶା ସାମାଜିକ ସମୀକ୍ଷା, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ସମିତି'ରେ କାମ କରୁଥିବା ଏହି ସାଧନ କର୍ମୀମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଯଥା, ମନରେଗା, ପକ୍କା ଘର, ଖାଦ୍ୟ ସୁରକ୍ଷା, ମଧ୍ୟାହ୍ନ ଭୋଜନ ଭଳି ଅନେକ କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା କରି ସ୍ୱଚ୍ଛତା ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏଥିରେ ମିଶନ୍ ଶକ୍ତି ମା'ମାନେ ବହୁ ସଂଖ୍ୟାରେ ନିୟୋଜିତ ହୋଇଛନ୍ତି।

ପାକ୍ସ ଏବଂ ଲ୍ୟାମ୍ପସ୍ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୬୬% ବୃଦ୍ଧି

ଭୁବନେଶ୍ୱର, ୧୪।୩(ସମିସ): ରାଜ୍ୟ ସମବାୟ ବିଭାଗ ଅଧିନସ୍ଥ ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହଦାକାର ବହୁମୁଖୀ ସମବାୟ ସମିତି(ଲ୍ୟାମ୍ପସ୍) ରେ କାର୍ଯ୍ୟରତ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ଖବର ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏହି କର୍ମଚାରୀ ମାନଙ୍କର ମହଙ୍ଗାଭତ୍ତାରେ ୬୬ ପ୍ରତିଶତ ବୃଦ୍ଧି କରାଯାଇଛି। ପୂର୍ବରୁ ସେମାନେ ୧୬୪ ପ୍ରତିଶତ ହାରରେ ଡିଏ ପାଉଥିଲେ, ଏବେ ବର୍ଦ୍ଧିତ ଡ଼ିଏ ସହ ମୋଟ ଡ଼ିଏ ୨୩୦%ରେ ପହଞ୍ଚିଛି। ଏହି ବର୍ଦ୍ଧିତ ଡିଏ ଆସନ୍ତା ଅପ୍ରେଲ ପହିଲାରୁ ଲାଗୁ କରାଯିବ। ଏହାଦ୍ୱାରା ୨୭୧୧ ସମିତିର କର୍ମଚାରୀ ଉପକୃତ ହେବେ। ଏ ନେଇ ରାଜ୍ୟ ସମବାୟ ନିବନ୍ଧକଙ୍କ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଗତକାଲି ପାକ୍ସ ଏବଂ ଲ୍ୟାମ୍ପସ୍ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଭେଟି ସେମାନଙ୍କର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସେଥିରେ ମହଙ୍ଗାଭତ୍ତା ବୃଦ୍ଧି କରାଯିବା ଏକ ପ୍ରମୁଖ ଦାବି ଥିଲା। ଏହି ଦାବି ପୂରଣ ହୋଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହିତ ମନ୍ତ୍ରୀ ଶ୍ରୀ ନାୟକଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

ଲାଞ୍ଚୁଆ ଆର୍‌ଆଇଙ୍କୁ ୪ବର୍ଷ ଜେଲ୍

ଭୁବନେଶ୍ୱର, ୧୪।୩ (ସମିସ): ଏକ ଲାଞ୍ଚ ମାମଲାର ବିଚାର କରି ବଲାଙ୍ଗୀର ସ୍ପେଶାଲ ଭିଜିଲାନ୍ସ କୋର୍ଟ ଦେଓଗାଓଁ ତହସିଲ ମହଲେଇ ରାଜସ୍ୱ ସର୍କଲର ପୂର୍ବତନ ଆର୍‌ଆଇ ସତ୍ୟନାରାୟଣ କୁମାରଙ୍କୁ ୪ ବର୍ଷ ଜେଲ୍ ଓ ୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ସତ୍ୟନାରାୟଣ କୁମାର ବର୍ତ୍ତମାନ ବଲାଙ୍ଗୀର ଜିଲ୍ଲା ଖପରାଖୋଲ ତେଲେନ୍‌ପାଲିରେ ଆରଆଇ ଭାବେ କାର୍ଯ୍ୟ କରୁଛନ୍ତି। କୋର୍ଟଙ୍କ ଏହି ▶ପୃଷ୍ଠା-୧୦

ଘରେ ପଶି ଶିକ୍ଷକଙ୍କୁ ବୋମାମାଡ଼

ବ୍ରହ୍ମପୁର,୧୪।୩(ସମିସ): ସ୍ଥାନୀୟ ଫାଷ୍ଟଗେଟ୍ ରଘୁପତିନଗର ଦ୍ୱିତୀୟ ଲେନ୍‌ରେ ରହୁଥିବା ଜଣେ ଶିକ୍ଷକଙ୍କ ଉପରକୁ ବୋମାମାଡ଼ ହୋଇଛି। ଏଥିରେ ଶିକ୍ଷକ ଟୁକୁନା ଭୂୟାଁ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆପରାଧିକ ଘଟଣା ଘଟିଥିବା ନେଇ ସନ୍ଦେହ କରାଯାଉଛି। ଅପରପକ୍ଷେ, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ମେଡ଼ିକାଲରେ ପହଞ୍ଚି ଗୁରୁତର ଟୁକୁନାଙ୍କଠାରୁ ଘଟଣା ସମ୍ପର୍କରେ ପଚରାଉଚରା କରିଛନ୍ତି। ସେହିପରି ଟାଉନ୍ ଏସ୍‌ଡିପିଓ ଦେବୀ ଶଙ୍କର ପ୍ରତାପ ଓ ବଡ଼ ବଜାର ଥାନା ପୁଲିସ କର୍ମଚାରୀମାନେ ମେଡ଼ିକାଲରେ ପହଞ୍ଚି ଗୁରୁତର ଟୁକୁନାଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରୁଛନ୍ତି। ପୁଲିସ ଘଟଣାସ୍ଥଳ ଓ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ଦିଗପହଣ୍ଡି ଅଞ୍ଚଳରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ଶ୍ରୀ ଭୂୟାଁ ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ବେଳେ ରଘୁପତିନଗର ୨ୟ ଲେନ୍‌ସ୍ଥିତ ନିଜ ଘର ଭିତରେ ବସିଥିଲେ। ସେତେବେଳେ ଘରେ ଅନ୍ୟ କୌଣସି ପରିବାର ସଦସ୍ୟ ଉପସ୍ଥିତ ନଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ଶିକ୍ଷକଙ୍କ ଘର ଭିତରକୁ ଯାଇଥିଲେ।

ସେଠାରେ ଦୁଇ ପକ୍ଷ ମଧ୍ୟରେ କିଛି ସମୟ ପାଟିତୁଣ୍ଡ ହେବା ପରେ ଦୁର୍ବୃତ୍ତମାନେ ଶିକ୍ଷକଙ୍କୁ ଲକ୍ଷ୍ୟ କରି ତାଙ୍କ ଉପରକୁ ବୋମା ଫିଙ୍ଗିଥିଲେ। ବୋମାମାଡ଼ରେ ଶ୍ରୀ ଭୂୟାଁଙ୍କ ଛାତି ଓ ମୁହଁ ସମେତ ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକ ଶ୍ରୀ ଭୂୟାଁଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି। ଖବର ପାଇ ଟୁକୁନାଙ୍କ ପତ୍ନୀ ରଘୁପତିନଗର ଘରେ ପହଞ୍ଚିଛନ୍ତି। ବଡ଼ବଜାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ

ମେଡିକାଲରେ ଶିକ୍ଷକଙ୍କ ବୟାନ ନେଲେ ଏସ୍‌ପି

ଲୋକଙ୍କୁ ପଚରାଉଚରା କରିବା ସହ ତାଙ୍କ ପତ୍ନୀଙ୍କ ବୟାନ ରେକର୍ଡ କରିଛି। ତେବେ କେଉଁ ଶତ୍ରୁତାରୁ ଶିକ୍ଷକଙ୍କ ଉପରେ ବୋମାମାଡ଼ ହେଲା, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ଅନ୍ୟପକ୍ଷରେ ଘଟଣାସ୍ଥଳରେ ବଡ଼ବଜାର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ଏସଆଇ ରଞ୍ଜିତ କୁମାର ଦାଶଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀମାନେ ପହଞ୍ଚି ତନାଘନା ଚଳାଇଛନ୍ତି।

DSPL-851

ବିଶ୍ୱ ଖାଉଟି ଅଧିକାର ଦିବସ – ୨୦୨୪

ବାର୍ତ୍ତା

ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୫ ତାରିଖକୁ "ବିଶ୍ୱ ଖାଉଟି ଅଧିକାର ଦିବସ" ଭାବରେ ପାଳନ କରାଯାଇଥାଏ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍

ବିସ୍ଥାପନ ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇଲା ବିସ୍ଥାପିତ ଅଧିକାର ସୁରକ୍ଷା ମଞ୍ଚ

ସାଧାରଣ ନିର୍ବାଚନ ବର୍ଜନ ଚେତାବନୀ

ସୁନ୍ଦରଗଡ଼,୧୪।୩(ସମିସ):

ବିଭିନ୍ନ ଦାବିରେ ବସୁନ୍ଧରା ଓ ମହାଲକ୍ଷ୍ମୀ ବିସ୍ଥାପିତ ଅଧିକାର ସୁରକ୍ଷା ମଞ୍ଚ ବାରମ୍ବାର ଆନ୍ଦୋଳନ କରି ଆସୁଥିଲେ ହେଁ ଦାବି ପ୍ରତି ପ୍ରଶାସନ ଅଣଦେଖା କରିଚାଲିଛି। ଫଳରେ ସଭାପତି ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ଗୁରୁବାର ମଞ୍ଚ ଦୁର୍ବାର ଆନ୍ଦୋଳନକୁ ଓହ୍ଲାଇଛି। ପୂର୍ବାହ୍ନରେ ମଞ୍ଚର ଶହ ଶହ ସଭ୍ୟସଭ୍ୟା ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ସେମାନେ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରରୁ ବାହାରି ବିଏସ ହାଇସ୍କୁଲ ଛକ, ରଙ୍ଗାଢିପା, ହସ୍ପିଟାଲ ଛକ, ଡିଆରଡିଏ ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଡ଼ିଶା ଆରଆର ନୀତିର ସଠିକ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଥିଲେ। ବିସ୍ଥାପିତଙ୍କୁ ନ୍ୟାୟ ନ ଦେଇ ଖଣି ଖନନକୁ ଦୃଢ଼ ବିରୋଧ କରିଥିଲେ। ନିଯୁକ୍ତି ବିନା ଖଣି ଖନନ ଚଳିବ ନାହିଁ ନାରା ଦେଇଥିଲେ। ସେହିପରି ରତନସରା ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ବିସ୍ଥାପନ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ମଞ୍ଚ ସମ୍ପାଦକ ନାରାୟଣ ପେଟଲ, ସହ ସମ୍ପାଦକ ସଞ୍ଜୟ କର୍ତ୍ତା, ମୋତିଲାଲ ପେଟଲ, ପୂର୍ବତନ ବ୍ଲକ ଅଧକ୍ଷା ସୁଧାରାଣୀ ରାଉଡ଼ିଆ, ସୁଶିଲ ନାଏକ, ହୃଦାନନ୍ଦ ଅଢ଼ା, ଟେକଚାନ୍ଦ ଦାସ, ଶିବ ମେହେର, ଧନେଶ୍ୱର ଚୌଧୁରୀ, କୁମୁଦବନ୍ଧୁ ପ୍ରଧାନ, ଶେଷବତି ପ୍ରଧାନ, ଭାରତୀ ପେଟଲ, ସୁନିମା ପେଟଲ, ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସା, ସରପଞ୍ଚ ପୁରବୀ ନାଏକ, ସୁଭଦ୍ରା ବୈଗା, ରବତୀ ଛତ୍ରିଆ, ଜେମିନୀ ମାଝୀ, ଡୁଲାମଣି ଛୁରା, ଜଗନ୍ନାଥ ମାଝୀ, ଶିଶିର ଦେହୁରୀ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

ସୁନ୍ଦରଗଡ଼ ସହରରେ ବିରାଟ ଶୋଭାଯାତ୍ରା

ନିଶାରେ ଛାଡ଼ି ଦେଇଥିଲେ...

ଥାନାରେ ବାଇକ୍ ଚୋରି ଅଭିଯୋଗ କଲେ

ରାଉରକେଲା,୧୪।୩(ସମିସ): ନିଶାଗ୍ରସ୍ତ ଅବସ୍ଥାରେ ଜଣେ ଯୁବକ ନିଜ ସାଙ୍ଗ ଘରେ ବାଇକ ଛାଡ଼ି ରାତିରେ ଘରକୁ ପଳାଇ ଆସିଥିଲେ। ସକାଳେ ଉଠିବା ପରେ ବାଇକ୍ ଘରେ ନ ଥିବା ଦେଖି ପୁଲିସ ନିକଟରେ ଚୋରି ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୋଗର କିଛି ଘଣ୍ଟା ପରେ ଯୁବକ ଜଣକ ଥାନାକୁ ଆସି ନିଜ ଭୁଲ ସ୍ୱୀକାର କରିବା ସହ କ୍ଷମା ପ୍ରାର୍ଥନା କରିଥିଲେ। ଏଭଳି ଘଟଣା ସେକ୍ଟର-୧୫ ଥାନାରେ ଘଟିଛି।

ସୂଚନା ମୁତାବକ, ଯୁବକ ଜଣକ କିଛିଦିନ ପୂର୍ବେ ସେକ୍ଟର-୨୦ସ୍ଥିତ ସାଙ୍ଗ ଘରକୁ ଯାଇଥିଲେ। ସେଠାରେ ମଦ୍ୟପାନ କରିବା ପରେ ରାତିରେ ବାଇକ ଛାଡ଼ି ଅନ୍ୟ ଜଣକ ସହ ଘରକୁ ପଳାଇ ଆସିଥିଲେ। ସକାଳେ ଉଠି କାମକୁ ବାହାରିବା ବେଳେ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପ୍ରାୟ ୩ ଘଣ୍ଟା କାଳ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଇତିମଧ୍ୟରେ ଯେଉଁ ସାଙ୍ଗ ଘରେ ବାଇକ ଛାଡ଼ିଥିଲେ ସେ ସାଙ୍ଗ ବାଇକ ଦେଖି ଯୁବକଙ୍କୁ ଫୋନ ଯୋଗେ ବାଇକ କ'ଣ ପାଇଁ ନେଇନୁ ବୋଲି ପଚାରିଥିଲେ। ପରେ ଯୁବକଙ୍କ ସବୁ କଥା ମନେ ପଡ଼ିଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ବ୍ୟାଟେରୀ ବୋଝେଇ ଅଟୋ ଜବତ; ୨ ଗିରଫ

ରାଉରକେଲା,୧୪।୩(ସମିସ): ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ବ୍ୟାଟେରୀ ବୋଝେଇ ଏକ ଅଟୋ ରିକ୍ସାକୁ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଜବତ କରିବା ସହ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ଦ୍ୱୟ ହେଲେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବୁରୁଟୋଲାର ସୋନୁ ସିଂହ (୫୮) ଓ ପ୍ଲାଣ୍ଟସାଇଟ ଥାନା ନେତାଜୀ ମାର୍ଗ ଅଞ୍ଚଳର ଏମଡି ଶାହାରୁଖ (୨୯)। ଏକ ଅଟୋରେ ଚୋରା ବ୍ୟାଟେରୀ ବୋଝେଇ ହୋଇ ବିଶ୍ରା ଛକରୁ ମଧୁସୂଦନ ମାର୍ଗ ହୋଇ ଟ୍ରାଫିକ ଗେଟ ଆଡ଼କୁ ଚାଲାଣ ହେଉଥିବା ପୁଲିସକୁ ସୂଚନା ମିଳିଥିଲା। ଏହି କ୍ରମରେ ପୁଲିସ ପାଟ୍ରୋଲିଂ ଅଧିକାରୀମାନେ ତାକୁ ଗୋଡ଼ାଇ ଧରିବା ସହ ଅଟୋ ଓ ସେଥିରେ ଥିବା ୪୮ଟି ବିଭିନ୍ନ ୱାଟର ବ୍ୟାଟେରୀ ଜବତ କରିଥିଲେ। ଏତଦବ୍ୟତୀତ ଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏକେ ସିଂହଙ୍କ ସରକାରୀ ବାସଭବନରୁ ଏକ ଗ୍ୟାସ ସିଲିଣ୍ଡର ଓ ଇଲେକ୍ଟ୍ରିକ ଇଣ୍ଡକ୍ସନ ଚୋରି ଅଭିଯୋଗରେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଚୋରି ସ୍କୁଟି ଜବତ; ଯୁବକ ଗିରଫ

ରାଉରକେଲା,୧୪।୩(ସମିସ): ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଅମର ଭବନ ଲେନରୁ ଚୋରି ହୋଇଥିବା ଏକ ସ୍କୁଟିକୁ ପୁଲିସ ଉଦ୍ଧାର କରିବା ସହ ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଗିରଫ ଯୁବକ ହେଲେ ମଧୁସୂଦନପାଲି ଅଞ୍ଚଳର ଅନୁପ କୁମାର ଉପାଧ୍ୟାୟ (୨୧)। ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଅମର ଭବନ ଲେନରେ ରହୁଥିବା ନିକୁଞ୍ଜ ପ୍ରସାଦଙ୍କ ଧଳା ରଙ୍ଗର ଆକ୍ଟିଭା ତାଙ୍କ ଘର ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ଗତ ୯ ତାରିଖ ଭୋର ସାଢ଼େ ୩ ଟାରେ କେହି ଦୁର୍ବୃତ୍ତ ଚୋରି କରି ଚମ୍ପଟ ମାରିଥିଲା। ନିକୁଞ୍ଜଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ମଧୁସୂଦନପାଲି ବଡ଼ ପାର୍କ ନିକଟରେ ବାସ କରୁଥିବା ଅନୁପ କୁମାର ଉପାଧ୍ୟାୟ ନିକଟରେ ଉକ୍ତ ଚୋରି ଆକ୍ଟିଭା ରହିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରି ଆକ୍ଟିଭା ଜବତ କରିବା ସହ ଅନୁପଙ୍କୁ ଗିରଫ କରିଛି।

ଶ୍ରମିକ ଆନ୍ଦୋଳନର ବିନ୍ଧାଣୀ ରାଜୁବାବୁ

ଶ୍ରମିକ ଆନ୍ଦୋଳନର ଅମାଅନ୍ଧକାର ଦୂର କରି ଶ୍ରମିକ ସମାଜକୁ ନ୍ୟାୟ ଦେବା ପାଇଁ ସଂଗ୍ରାମର କଣ୍ଟକିତ ପଥକୁ ଯେଉଁ କେତେଜଣ ତ୍ୟାଗୀପୁରୁଷ ଆବୋରି ନେଇଥିଲେ ସେମାନଙ୍କ ମଧ୍ୟରେ ରାଜକିଶୋର ସାମନ୍ତରାୟ ଚିରନମସ୍ୟ। ପିତା ହୃଷୀକେଶଙ୍କ ଔରସରୁ ଓ ମାତା କୁନ୍ତଳା କୁମାରୀଙ୍କ ଗର୍ଭରୁ ୧୯୨୮ ମାର୍ଚ୍ଚ ୧୫ ତାରିଖରେ ଅବିଭକ୍ତ ପୁରୀ ଜିଲ୍ଲା (ଅଧୁନା ଖୋର୍ଦ୍ଧା ଜିଲ୍ଲା)ର ସ୍ୱର୍ଣ୍ଣପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ରାଜକିଶୋର ସାମନ୍ତରାୟଙ୍କ ଶିକ୍ଷା, ଦୀକ୍ଷା ଓ କର୍ମଭୂମି ଥିଲା କଟକ। ଡଗରପଡ଼ା ଉପ୍ରା ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା, ଭକ୍ତ ମଧୁ ବିଦ୍ୟାପୀଠରେ ମାଟ୍ରିକ୍ ପରେ ଖ୍ରୀଷ୍ଟ କଲେଜରୁ କଳାରେ ସ୍ନାତକ (ସମ୍ମାନ)ରେ ଉତ୍ତୀର୍ଣ୍ଣ ହୋଇ ସଚିବାଳୟରେ ସେ କିଛିଦିନ ପାଇଁ କିରାଣି ଚାକିରି କରିଥିଲେ। ୧୯୪୬ରୁ ଛାତ୍ର କଂଗ୍ରେସର ଜଣେ ସକ୍ରିୟ ସଦସ୍ୟ ଥିବା ରାଜକିଶୋର ୧୯୪୮ରେ ପ୍ରବୀଣ ଜନନେତା ସ୍ୱାଧୀନତା ଓ ସମାଜବାଦୀ ଆନ୍ଦୋଳନର କର୍ଣ୍ଣଧାର ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଚାକିରି ଛାଡ଼ି ସମାଜବାଦୀ ଆନ୍ଦୋଳନରେ ଯୋଗଦେଇଥିଲେ। ଜଣେ ନିଷ୍ଠାପର କର୍ମୀ ଭାବେ ସମାଜବାଦୀ ପାର୍ଟି ଓ ହିନ୍ଦ ମଜଦୁର ସଭାରେ ଯୋଗଦେଇ ପରବର୍ତ୍ତୀ ସମୟରେ ତାହାର ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ।

କଟକ ମ୍ୟୁନିସିପାଲିଟିର କାଉନସିଲର ଭାବେ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ରାଜକିଶୋର ପରବର୍ତ୍ତୀ ସମୟରେ ପ୍ରଜା ସୋସିଆଲିଷ୍ଟ ପାର୍ଟିର ପ୍ରଦେଶ ସମ୍ପାଦକ ତଥା ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରଜା ସୋସିଆଲିଷ୍ଟ ପାର୍ଟି ପ୍ରାର୍ଥୀ ହୋଇ୧୯୬୭ରେ ରାଉରକେଲାର ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ରାଜନେତା ଅପେକ୍ଷା ଶ୍ରମିକ ନେତା ଭାବେ ଆନ୍ତର୍ଜାତିକ ସ୍ତରରେ ତାଙ୍କର ପରିଚୟ ଥିଲା। ୧୯୫୪ରେ ବିଶିଷ୍ଟ ପରିବେଶବିତ ବାଙ୍କବିହାରୀ ଦାସଙ୍କ ସାନ ଭଉଣୀ ପଦ୍ମିନୀ ସାମନ୍ତରାୟଙ୍କୁ ସେ ବିବାହ କରିଥିଲେ। ୧୯୫୬ରୁ ୧୯୬୬ ପର୍ଯ୍ୟନ୍ତ ଚୌଦ୍ୱାର-କଟକ ଶିଳ୍ପାଞ୍ଚଳରେ ଶ୍ରମିକ ଆନ୍ଦୋଳନ ଏବଂ ରାଉରକେଲା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶ୍ରମିକ ଆନ୍ଦୋଳନକୁ ସେ ଏକ ନୂଆ ଦିଗ ଦେଖାଇଥିଲେ। ଆଜିପର୍ଯ୍ୟନ୍ତ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀ ପାଉଥିବା ସମସ୍ତ ସୁଖ-ସୁବିଧା ତାଙ୍କ ସ୍ୱୀକୃତି ସମୟ (୧୯୬୭ରୁ ୧୯୯୫)ର ଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆଜି ଯେତେବେଳେ ଜଗତୀକରଣ, ଉଦାରୀକରଣ ଓ ଘରୋଇକରଣର ପ୍ରଭାବରେ ଶ୍ରମିକ ଆନ୍ଦୋଳନ ଦିଗହରା ହୋଇପଡ଼ିଛି, ଶ୍ରମିକମାନଙ୍କ ଉପରେ ଅତ୍ୟାଚାର, ଦାରିଦ୍ର୍ୟ, ବେକାରୀ, ଛଟେଇ, ଅସମତା ଆଦି ବଢ଼ି ଚାଲିଛି, ସେତେବେଳେ ମନେ ପଡ଼ନ୍ତି ଶ୍ରମିକ ସମାଜର ଅତିପ୍ରିୟ ତଥା ଶ୍ରମିକ ଆନ୍ଦୋଳନର ବିନ୍ଧାଣୀ ରାଜୁବାବୁ। ସ୍ୱର୍ଗତ ରାଜୁବାବୁଙ୍କ ମରଶରୀର ପଞ୍ଚଭୂତରେ ଲୀନ ହୋଇଥିଲେ ମଧ୍ୟ ଶ୍ରମିକ ଆନ୍ଦୋଳନର ଜ୍ୟୋତି ଚିରଦିନ ପାଇଁ ପ୍ରଜ୍ୱଳିତ ହେଇ ରହିବ। ରାଉରକେଲାର ଜନମାନସରେ 'ବସ୍ତିଆ ସ୍ମୃତି ସଦନ' ହେଉ କି ରାଉରକେଲା ଆଇନ ମହାବିଦ୍ୟାଳୟ ଅବା କୌଣସି ସାମାଜିକ ତଥା ସାଂସ୍କୃତିକ ସଂଗଠନ କଥା ଆସିଲେ ରାଜୁବାବୁ ସ୍ୱତଃ ମନେପଡ଼ନ୍ତି। ରାଉରକେଲା ମଜଦୁର ସଭା ପକ୍ଷରୁ ତାଙ୍କ ଜୟନ୍ତୀକୁ 'ଯୁବ ଚେତନା ଦିବସ' ଭାବରେ ପାଳନ କରାଯାଉଥିବା ଅବସରରେ ଆଜି ଚିରସ୍ମରଣୀୟ ସ୍ୱର୍ଗତ ରାଜୁବାବୁଙ୍କ ୯୭ତମ ଜୟନ୍ତୀ ଅବସରରେ ତାଙ୍କ ଅମର ଆତ୍ମାକୁ ଶତଶତ ପ୍ରଣାମ।

ନିରଞ୍ଜନ ସାମଲ

ଉପ-ସାଧାରଣ ସମ୍ପାଦକ, ରାଉରକେଲା ମଜଦୁର ସଭା

ଅଧା ରହିଗଲା ଶାଗ ବେପାର

କାର୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ରାଉରକେଲା,୧୪।୩(ସମିସ): ଅଧାରେ ରହିଗଲା ଜଣେ ବୃଦ୍ଧା ଶାଗ ବିକାଳୀଙ୍କ ବେପାର। ଶାଗ ବିକ୍ରି କରିବାକୁ ଯାଉଥିବା ବେଳେ କାର ଧକ୍କାରେ ଚାଲିଯାଇଛି ତାଙ୍କ ଜୀବନ। ଉଦିତନଗର ଥାନା ଅନ୍ତର୍ଗତ ଆରଏମସି ଛକରେ ଗୁରୁବାର ସକାଳ ପ୍ରାୟ ସାଢ଼େ ୬ଟାରେ ଏଭଳି ଘଟଣା ଘଟିଛି। ପୁଲିସ ସୂଚନା ମୁତାବକ, ଶୀତଳପଡ଼ା ବସ୍ତିରେ ଶାନ୍ତିଲତା ପ୍ରଧାନ (୬୫) ପରିବାର ସହ ରୁହନ୍ତି। ପ୍ରତ୍ୟେକ ଦିନ ଭଳି ଆଜି ମଧ୍ୟ ଶାଗ ଭର୍ତ୍ତି ଟୋକେଇ ମୁଣ୍ଡରେ ଲଦି ଚାଲିଚାଲି ବାହାରି ପଡ଼ିଥିଲେ ବିକ୍ରି କରିବାକୁ। ଆର୍ଏମ୍ସି ଛକ ଦେଇ ସେ ଯାଉଥିବା ବେଳେ ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକିପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ କାର ଜବତ କରି ଘଟଣାର ତଦନ୍ତ ଚଳାଇଛି।

ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

କୋଇଡ଼ା/ଲହୁଣୀପଡ଼ା,୧୪।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧରା ଗ୍ରାମ ନିକଟ କୁରାଡ଼ି ନାଳରୁ ଗୁରୁବାର ପୁଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଲହୁଣୀପଡ଼ା ଥାନା ବରସୁଆଁ ବସ୍ତିର ଷ୍ଟିପେନ ଟପ୍ପୋଙ୍କ ପୁଅ ଯତୀନ ଟପ୍ପୋ (୨୪)। ଗୁରୁବାର ପୂର୍ବାହ୍ନ ୧୦ ବେଳେ ଚୋରଧରା ଗାଁର କିଛି ଲୋକ ଜଙ୍ଗଲକୁ ଜାଳେଣି କାଠ ପାଇଁ ଯିବା ସମୟରେ କୁରାଡ଼ି ନାଳରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ୨୪ ଘଣ୍ଟା ପୂର୍ବରୁ ଯତୀନଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବୁଧବାର ଯତୀନ ଜାମୁଡିହ ହାଟକୁ ଯାଇଥିଲେ। ଫେରିବା ବେଳେ କୌଣସି କାରଣରୁ ପାଣିରେ ପଡ଼ି ତାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ମଦ ଜବତ; ଜଣେ ଗିରଫ

ରାଉରକେଲା,୧୪।୩(ସମିସ): ମଙ୍ଗଳଭବନରୁ ପାୱାର ହାଉସ ଆଡ଼କୁ ଏକ ସ୍କୁଟିରେ ବିଦେଶୀ ମଦ ନେଇ ଯାଉଥିବା ବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଅନିଲ କୁମାର ରାଉତରାୟ (୪୯) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ତେବେ ସ୍କୁଟି ଚଳାଉଥିବା ଅନ୍ୟଜଣେ ଯୁବକ ଫେରାର ହୋଇଯାଇଛନ୍ତି।

ଅଚଳ ନଳକୂପ ମରାମତି ହେଲା

ରାଉରକେଲା,୧୪।୩(ସମିସ): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୱାର୍ଡ-୨୨ ଇନ୍ଦିରା ନଗର ବସ୍ତିରେ କିଛିଦିନରୁ ନଳକୂପ ଅଚଳ ହୋଇପଡ଼ିଥିଲା। ଫଳରେ ବସ୍ତିବାସିନ୍ଦା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ବିଜେଡି ଯୁବନେତା ବିକାଶ ଜେନାଙ୍କୁ ଅବଗତ କରାଇବା ପରେ ସେ ପିଏଚଇଡି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗୁରୁବାର ବିଭାଗ ପକ୍ଷରୁ ନଳକୂପର ମରାମତି କରାଯାଇଛି। ଏହି ସମସ୍ୟାର ସମାଧାନ ହେବା ପରେ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ଷ୍ଟିଲ ମେଲ୍ଟିଂ ସପ୍-୨ରେ ହଟ୍ ମେଟାଲ ଲ୍ୟାଡଲ ପ୍ରି-ହିଟର୍ ଉଦ୍‌ଘାଟିତ

ରାଉରକେଲା,୧୪।୩(ସମିସ): ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ସପ୍-୨ ବିଭାଗର ମିକ୍ସର-ବେ'ରେ ଏକ ହଟ୍ ମେଟାଲ ଲ୍ୟାଡଲ ପ୍ରି-ହିଟର୍ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଛି। ଷ୍ଟିଲ ମେଟିଂ ସପ୍-୨ ବିଭାଗ ସିଜିଏମ୍ ଟିପି ଶିବଶଙ୍କର ଏହି ନୂତନ ଲ୍ୟାଡଲ ପ୍ରି-ହିଟର୍ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଭାଗୀୟ ପ୍ରତିନିଧି ଜିଏମ୍ ଇନ୍-ଚାର୍ଜ ମେକାନିକାଲ ଏମଜି ଶ୍ରୀକାନ୍ତ, ଜିଏମ୍ ଚାର୍ଜ ଅପରେସନ ଏକେ ଦାସ, ଜିଏମ୍ ଚାର୍ଜ ଇଲେକ୍ଟ୍ରିକାଲ ପି. ପ୍ରଣୟଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀ ତଥା ଡିଜାଇନ, ସିଭିଲ ଇଞ୍ଜିନିୟରିଂ ସର୍ଭିସେସ, ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂ ସର୍ଭିସେସ ଆଦି ସହାୟକ ବିଭାଗଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏକେ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ଇସ୍ପାତ ପ୍ରସ୍ତୁତିର ପ୍ରକ୍ରିୟାକରଣ ନିମନ୍ତେ ମିକ୍ସରରୁ ଏଲଡି କନ୍‌ଭର୍ଟରକୁ ହଟ୍ ମେଟାଲ ସ୍ଥାନାନ୍ତର ପାଇଁ ହଟ୍ ମେଟାଲ ଲ୍ୟାଡଲ ବ୍ୟବହୃତ ହୋଇଥାଏ। ଲ୍ୟାଡଲ ଲାଇଫ୍ ଆହୁରି ଉନ୍ନତ ହେବା ପାଇଁ ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂ ସର୍ଭିସେସ ପକ୍ଷରୁ ଏଏସସି ଯଥା ଆଲୁମିନା, ସିଲିକନ କାର୍ବାଇଡ କାର୍ବନ ଇଟା ବ୍ୟବହାର କରିବାକୁ ଯୋଜନା କରିଛି। ଲ୍ୟାଡଲ୍‌ର ପ୍ରି-ହିଟିଂ ହେଉଛି ଏକ ବୈଷୟିକ ଆବଶ୍ୟକତା ବୋଲି କୁହାଯାଇଛି।

ବିଭିନ୍ନ ଶ୍ରମିକ ୟୁନିଅନ ନେତାଙ୍କ ସହ ଆରଏସପି ଡିଆଇସିଙ୍କ ମତବିନିମୟ

'ଲାଭାର୍ଜନତାରେ ଉନ୍ନତି ନିମିତ୍ତ ସମର୍ପିତ ପ୍ରୟାସ ଜରୁରୀ'

ରାଉରକେଲା,୧୪।୩(ସମିସ)

ରାଉରକେଲା ଇସ୍ପାତ କାରଖାନାର ଲାଭାର୍ଜନତାରେ ଉନ୍ନତି ଆଣିବା ନିମିତ୍ତ ସମର୍ପିତ ପ୍ରୟାସ ଜରୁରୀ ବୋଲି ଆରଏସପିର କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମେଳନ କକ୍ଷରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ୟୁନିଅନର ନେତାଙ୍କ ସହ ମତବିନିମୟ ଅବସରରେ ଆରଏସପି ଡିଆଇସି ଅତନୁ ଭୌମିକ କହିଛନ୍ତି। ଆର୍ଏସ୍‌ପିର ଲକ୍ଷ୍ୟ ହାସଲ ପାଇଁ ସମସ୍ତେ ସେମାନଙ୍କ ସମସ୍ତ ସମ୍ଭାବ୍ୟ ସମର୍ଥନ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

କାରଖାନାର ସାମଗ୍ରିକ ପ୍ରଦର୍ଶନର ପ୍ରଶଂସା କରି ଭୌମିକ କହିଥିଲେ ଯେ ସମସ୍ତଙ୍କ ସମନ୍ୱିତ ପ୍ରୟାସକୁ ପାଥେୟ କରି ଆରଏସପି

ଗର୍ଜନ ପାହାଡ଼ ସଂରକ୍ଷିତ ଜଙ୍ଗଲରେ ବ୍ଲାକ୍ ପାନ୍ଥର୍

ସୁନ୍ଦରଗଡ଼/ହେମଗିରି,୧୪।୩(ସମିସ): ଛଅ ବର୍ଷ ବ୍ୟବଧାନରେ ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ହେମଗିରି ବନାଞ୍ଚଳର ଗର୍ଜନ ପାହାଡ଼ ସଂରକ୍ଷିତ ଜଙ୍ଗଲରେ ଟ୍ରାପ୍ କ୍ୟାମେରାରେ ପୁଣି କଳାବାଘ (ବ୍ଲାକ୍ ପାନ୍ଥର)ର ଚିତ୍ର କଏଦ୍ ହୋଇଛି। ୨୦୧୮ରେ ପ୍ରଥମେ ଏହି ସଂରକ୍ଷିତ

- ୨୦୧୮ ରେ ବି ଟ୍ରାପ୍ କ୍ୟାମେରାରେ ଦେଖାଯାଇଥିଲା
- ପରେ ୬ବର୍ଷ ପର୍ଯ୍ୟନ୍ତ ମିଳି ନଥିଲା ଚିହ୍ନବର୍ଣ୍ଣ

ଜଙ୍ଗଲରେ ଟ୍ରାପ୍ କ୍ୟାମେରାରେ କଳାବାଘର ଚିତ୍ର କଏଦ୍ ହୋଇଥିଲା। ଏହା ପୂର୍ବରୁ ଓଡ଼ିଶାର କୌଣସି ଜଙ୍ଗଲରେ କଳାବାଘ ନଜରକୁ ଆସି ନ ଥିବାରୁ ଏହି ଜଙ୍ଗଲ ପ୍ରତି ସମଗ୍ର ରାଜ୍ୟବାସୀ, ପ୍ରକୃତିପ୍ରେମୀ ଓ ବନ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି କେନ୍ଦ୍ରୀଭୂତ ହୋଇଥିଲା। ୨୦୨୦ରେ ସେହି କଳାବାଘ ୨ଟି ଛୁଆ ଜନ୍ମ କରି ଜଙ୍ଗଲରେ ବୁଲୁଥିବା ଚର୍ଚ୍ଚା ହୋଇଥିଲା। କିନ୍ତୁ ଏହାର କୌଣସି ପ୍ରମାଣ ମିଳିନଥିଲା। ଏବେ ଏହି ଜଙ୍ଗଲରେ ପୁଣି କଳାବାଘର ପ୍ରମାଣ ମିଳି ଥିବାରୁ ବନ ବିଭାଗରେ ବେଶ୍ ଉତ୍ସାହ ଦେଖାଦେଇଛି। ସେହିପରି ରାଜ୍ୟବାସୀଙ୍କ ମଧ୍ୟରେ ଉତ୍ସୁକତା ପରିଲକ୍ଷିତ ହୋଇଛି। ଏହି ଅବସରରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ କହିଛନ୍ତି ଯେ ୨୦୧୮ରେ ଆମେ ସୁନ୍ଦରଗଡ଼ ବନଖଣ୍ଡର ହେମଗିରି ଜଙ୍ଗଲ ପରିସରରେ ଟ୍ରାପ କ୍ୟାମେରା ମାଧ୍ୟମରେ ଏକ କଳା ପାନ୍ଥର୍ ଦେଖିଥିଲୁ। କିନ୍ତୁ ଏହା ପରେ ତା'ର କୌଣସି ଚିହ୍ନବର୍ଣ୍ଣ ମିଳିଲା ନାହିଁ। ଗତ ସପ୍ତାହରେ ଆମେ ଟ୍ରାପ କ୍ୟାମେରା ମାଧ୍ୟମରେ ହେମଗିରି ଜଙ୍ଗଲର ଗର୍ଜନ ପାହାଡ଼ ସଂରକ୍ଷିତ ଜଙ୍ଗଲରେ ପୁନର୍ବାର ବ୍ଲାକ୍ ପାନ୍ଥରର ଉପସ୍ଥିତି ପ୍ରମାଣ ପାଇଛୁ। ନିକଟବର୍ତ୍ତୀ ଅଞ୍ଚଳରେ ଖଣି ଖନନ ହେତୁ ପ୍ରବଳ ଚାପ ସତ୍ତ୍ୱେ ହେମଗିରି ଜଙ୍ଗଲର ଗୁଣବତ୍ତା ଭଲ ବୋଲି ଏହା ସୂଚାଇ ଦେଉଛି। ଏହା ବହୁତ ଭଲ ସଙ୍କେତ ଅଟେ। କ୍ୟାମେରା ମାଧ୍ୟମରେ କଳା ପାନ୍ଥର୍ ସହିତ ହନିବ୍ୟାଜ, ସିଭେଟ୍ ବିଲେଇ, ମୟୂର, ମଙ୍ଗୋଜ୍, ଭାଲୁ, ବାର୍କୁପାଇନ୍, ହରିଣ, ବଣୁଆ ଘୁଷୁରି, ଜଙ୍ଗଲି କୁକୁଡ଼ା, କଳା ବିଲେଇ, ଠେକୁଆ ଆଦି ମଧ୍ୟ ଦେଖିବାକୁ ମିଳିଛି ବୋଲି ସେ କହିଛନ୍ତି।

ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ବାରିପଦା,୧୪।୩(ସମିସ): ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ ବିଚାରପତି ସନ୍ତୋଷ କୁମାର ନାୟକ ଗୁରୁବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୩ମାସର ଅତିରିକ୍ତ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହାସହ ପୀଡ଼ିତାକୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସାମୀଜଣକ ହେଲା, ବୈଶିଙ୍ଗା ଥାନା ଅଞ୍ଚଳର ବାପୁନି ସିଂ ଓରଫ ଧୂମକେତୁ (୩୦)। ଘଟଣାରୁ ପ୍ରକାଶ ଯେ ବାପୁନିର ଶରୀର ଅସୁସ୍ଥ ଥିବାରୁ ନାବାଳିକାଜଣକ ତା' ଘରକୁ ରୋଷେଇ କରିବାକୁ ଯାଉଥିଲା। ଏହାର ସୁଯୋଗ ନେଇ ବାପୁନି ଉକ୍ତ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ ପରିବାରଲୋକେ ଜାଣିବା ପରେ ଗତ ୬.୧୧.୨୦୨୧ରେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ପୀଡିତାର ବୟାନ ରେକର୍ଡ କରିବା ପରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଆଜି ସମସ୍ତ ସାକ୍ଷୀଙ୍କ ବୟାନ ଓ ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଉକ୍ତ ମାମଲାକୁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

ରାଜଧାନୀରେ ଚାଞ୍ଚଲ୍ୟ....

ସ୍ତ୍ରୀର ଶବ ସହ ୩ଦିନ

ଭୁବନେଶ୍ୱର,୧୪।୩(ସମିସ): ପତ୍ନୀ ନିଶା ଖାଉଥିବାରୁ ଅତି ବୀଭତ୍ସ ଭାବେ ହତ୍ୟା କଲା ସ୍ୱାମୀ। କାଠଫାଳିଆରେ ପିଟିପିଟି ମାରିଦେବା

- ନିଶା ଖାଉଥିବାରୁ ପିଟିପିଟି ହତ୍ୟା କରିଥିଲା
- ଅଭିଯୁକ୍ତ ସ୍ୱାମୀ ଗିରଫ

ପରେ ସ୍ତ୍ରୀର ଶବ ସହ ଦୁଇ ଛୁଆଙ୍କୁ ଧରି ୩ ଦିନ ବିତାଇଲା ଜହ୍ଲାଦ ସ୍ୱାମୀ। ରାଜଧାନୀରେ ଘଟିଛି ଏପରି ଏକ ଚାଞ୍ଚଲ୍ୟକର ଘଟଣା। ମୈତ୍ରୀବିହାର ଥାନା ପୁଲିସ ଅଭିଯୁକ୍ତ ସ୍ୱାମୀ ଗୋଲଖବିହାରୀ ଜେନା(୪୩)କୁ ଗିରଫ କରିଛି। ପୁଲିସ୍ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିବା ସହ ହତ୍ୟାରେ ବ୍ୟବହୃତ କାଠଫାଳିଆକୁ ଜବତ କରିଛି।

ପୁଲିସର କହିବା ଅନୁଯାୟୀ, ଗୋଲଖର ଘର ଗଞ୍ଜାମରେ। ୨୫ ବର୍ଷ ହେବ ସେ ସାଲିଆସାହିର ତାରିଣୀନଗର ବସ୍ତିରେ ଘର ଭଡ଼ା ନେଇ ପତ୍ନୀ ସ୍ୱପ୍ନା, ଦୁଇଟି ପୁଅ ଓ ଗୋଟିଏ ଝିଅ ସହ ରହୁଥିଲେ। ସେ ରଙ୍ଗମିସ୍ତ୍ରୀ ଓ ପତ୍ନୀ ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ପତ୍ନୀ ଯାହା ବି ରୋଜଗାର କରୁଥିଲେ, ସେଥିରେ ମଦ ପିଇ ଦେଉଥିଲେ। ସ୍ୱପ୍ନା ମାତ୍ରାଧିକ ମଦ ପିଉଥିବାର ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। କିଛି ଦିନ ତଳେ ସ୍ୱାମୀ ଗୋଲଖ ଋଣ କରି ୭ହଜାର ଟଙ୍କା ଆଣିଥିଲେ। ସେଇ ଟଙ୍କାକୁ ପତ୍ନୀ ସ୍ୱପ୍ନାକୁ ରଖିବାକୁ ଦେଇଥିଲେ। କିନ୍ତୁ ସ୍ୱପ୍ନା ସେଇ ଟଙ୍କାରେ ମଦ ପିଇ ଉଡାଇ ଦେଇଥିଲେ। ଗୋଲଖ ଟଙ୍କା ମାଗିବାରୁ ମାତ୍ର ୧୪ଶହ ଟଙ୍କା ଦେଇଥିଲା ସ୍ୱପ୍ନା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ଓ ମାରପିଟ୍ ହୋଇଥିଲା। ମଙ୍ଗଳବାର ଅପରାହ୍ଣରେ ସ୍ୱପ୍ନା କାମକୁ ଯାଇ ଘରକୁ ଫେରୁଥିବା ସମୟରେ ମଦ ନିଶାରେ ରାସ୍ତାରେ ପଡ଼ିଥିଲେ। ଏହା ଦେଖି ସ୍ୱାମୀ ଗୋଲଖ ତାଙ୍କୁ ଟ୍ରଲିରେ ଧରି ଘରକୁ ଆଣିଥିଲେ। ଘରେ ପହଞ୍ଚିଲା ବେଳକୁ ସ୍ୱପ୍ନା ନିଶା ଉତୁରି ଯାଇଥିଲା। ନିଶା କମିଲା ପରେ ଗାଁ ଲୋକଙ୍କ ସମ୍ମୁଖରେ ସ୍ୱାମୀ ଗୋଲଖଙ୍କୁ ବହେ ଗାଳି ଦେଇଥିଲେ ସ୍ୱପ୍ନା। ଏଥିଯୋଗୁଁ ଉଭୟଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା। ସ୍ୱପ୍ନାଙ୍କ କଟୁ କଥା ଶୁଣିବା ଗୋଲଖଙ୍କ ପକ୍ଷେ ସମ୍ଭବ ହୋଇନଥିଲା। ତେଣୁ ସେ ତାଙ୍କୁ ବଳପୂର୍ବକ ଘର ଭିତରକୁ ନେଇଯାଇଥିଲେ। ଘର ଭିତରେ ଏକ କାଠଫାଳିଆରେ ସ୍ୱପ୍ନାଙ୍କୁ ପିଟି ପିଟି ହତ୍ୟା କରିଥିଲେ। ତେବେ ଧରାପଡ଼ିଯିବା ଭୟରେ ସେ ପତ୍ନୀଙ୍କ ମୃତଦେହ ସହ ନିଜର ଦୁଇ ଛୁଆଙ୍କୁ ଧରି ୩ ଦିନ ବିତାଇଥିଲେ। ଛୁଆଙ୍କୁ ଘର ବାହାରକୁ ବି ଛାଡ଼ିନଥିଲେ। ଦିନରାତି ସବୁବେଳେ ଘରର କବାଟ ବନ୍ଦ ରହିବାରୁ ଲୋକଙ୍କ ସନ୍ଦେହ ହୋଇଥିଲା।

ଅପରପକ୍ଷେ ଅଲଗା ରହୁଥିବା ସ୍ୱପ୍ନାଙ୍କ ବଡ଼ପୁଅ ଗତକାଲି ଗାଁରୁ ଫେରି ମା'କୁ ଖୋଜିଥିଲା। ଗୋଲଖ ତାକୁ ଏଣୁତେଣୁ କହି ବୁଝାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଆଜି ସକାଳୁ ଘରୁ ଦୁର୍ଗନ୍ଧ ବାହାରିବାରୁ ବଡ଼ପୁଅ ଘର ଖୋଲିଦେବାରୁ ସ୍ୱପ୍ନାଙ୍କ ମୃତଦେହ ନିକଟରେ ବାପା ଓ ଦୁଇ କୁନି ଭାଇଭଉଣୀ ଶୋଇଥିବା ଦେଖିବାକୁ ପାଇଥିଲେ। ଖବରପାଇ ମୈତ୍ରୀବିହାର ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଗୋଲଖକୁ କାବୁ କରିନେଇଥିଲା। ମୃତଦେହ ଜବତ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରାଯାଉଛି। ଗୋଲଖକୁ ପୁଲିସ ପଚରାଉଚରା କରିବା ପରେ ଗିରଫ କରିଛି।

ଓଡିଆ ଝିଅ ପ୍ରଜ୍ଞାଙ୍କୁ ସମ୍ମାନିତ କଲେ ସିଜେଆଇ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି): ପ୍ରଧାନବିଚାରପତି (ସିଜେଆଇ) ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ ଓଡ଼ିଆ ଝିଅ ପ୍ରଜ୍ଞା ସାମଲଙ୍କୁ ତାଙ୍କ କୃତିତ୍ୱ ପାଇଁ ସମ୍ମାନିତ କରିଛନ୍ତି। ପ୍ରଜ୍ଞା ହେଉଛନ୍ତି ସୁପ୍ରିମକୋର୍ଟର ରୋଷେୟା ଭାବେ କାର୍ଯ୍ୟ କରୁଥିବା ଅଜୟ ସାମଲଙ୍କ ଝିଅ। ପ୍ରଜ୍ଞା ଜଣେ ଆଇନ ଛାତ୍ରୀ ଭାବେ ନିକଟରେ ଏହି ବିଭାଗରେ ମାଷ୍ଟର ଡିଗ୍ରୀ ପଢିବା ପାଇଁ ଆମେରିକାର ଦୁଇଟି ବିଶ୍ୱବିଦ୍ୟାଳୟରୁ ଛାତ୍ରବୃତ୍ତି ପାଇପାଇଥିଲେ। ଏହି ବିଷୟ ସାମ୍ନାକୁ ଆସିବା ପରେ ପ୍ରଧାନବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ତାଙ୍କୁ ପ୍ରଶଂସା କରିବା ସହିତ ସମ୍ମାନିତ କରିଛନ୍ତି। ସିଜେଆଇଙ୍କ ବ୍ୟତୀତ ସୁପ୍ରିମକୋର୍ଟର ଅନ୍ୟ ବରିଷ୍ଠ ବିଚାରପତିମାନେ ମଧ୍ୟ ପ୍ରଜ୍ଞାଙ୍କ ଏହି କୃତିତ୍ୱ ପାଇଁ ବଧାଇ ଜଣାଇଛନ୍ତି। ଯଦି ମଣିଷ ଭିତରେ ଉତ୍ସାହ ଏବଂ ନିଷ୍ଠା ରହିଥାଏ ତେବେ ସଫଳତା ମଣିଷକୁ ଛାଡିବ ନାହିଁ ଏହା ପ୍ରଜ୍ଞା ପ୍ରମାଣ କରିଦେଇଛନ୍ତି ବୋଲି ସିଜେଆଇ କହିଛନ୍ତି।

ବରଦାନ ସାଜିଲା ବିଏସ୍‌କେୱାଇ

ମହିଳାଙ୍କ ପେଟରୁ ବାହାରିଲା ୮ କେଜିର ଟ୍ୟୁମର୍

ବାଲେଶ୍ୱର,୧୪।୩(ସମିସ): ପୁଣି ବରଦାନ ସାବ୍ୟସ୍ତ ହେଲା ବିଏସ୍‌କେୱାଇ କାର୍ଡ। ବୁଧବାର ଭୋଗରାଇ ଅଞ୍ଚଳର ଜଣେ ମହିଳାଙ୍କ ପେଟରୁ ୭କେଜି ଓଜନର ଟ୍ୟୁମର ବାହାରିଥିବା ବେଳେ ଆଜି ଅନ୍ୟ ଜଣେ ମହିଳାଙ୍କ ପେଟରୁ ୮କେଜିର ଏକ ଟ୍ୟୁମର ବାହାରିଛି। ବିଜୁ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ସମ୍ପୃକ୍ତ ମହିଳାଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି। ସୂଚନା ଅନୁସାରେ, ସୋର ବ୍ଲକ ମଙ୍ଗଳପୁର ଗ୍ରାମର ମହିଳା ପ୍ରଣତି ମହାରଣା ଦୀର୍ଘ ୪ ବର୍ଷ ଧରି ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ସେ ସ୍ଥାନୀୟ ଆଇଟିଆଇସ୍ଥିତ ଜୟଶ୍ରୀ ହେଲ୍‌ଥ କେୟାରରେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ପେଟରେ ଏକ ବଡ଼ ଟ୍ୟୁମର ଥିବା ଜଣାପଡ଼ିଥିଲା। ଡାଃ ଗିରିଜା ଶଙ୍କର ଦାଶ, ଡାଃ ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ସମେତ ସହଯୋଗୀ ଦୀର୍ଘ ୪ ଘଣ୍ଟା ଧରି ଅସ୍ତ୍ରୋପଚାର କରିବା ପରେ ତାଙ୍କ ପେଟରୁ ଟ୍ୟୁମର ବାହାର କରିଥିଲେ। ଏହାର ଓଜନ ୮ କେଜି ୨୬୧ଗ୍ରାମ। ଅସ୍ତ୍ରୋପଚାର ପରେ ପ୍ରଣତିଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ନେଇ ହସ୍‌ପିଟାଲ ନିର୍ଦ୍ଦେଶକ ଶ୍ରୀକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି।

DSPL-850

ଓଡ଼ିଶା ଦକ୍ଷତା ବୃଦ୍ଧି
ଓ
ନିଯୁକ୍ତି କାର୍ଯ୍ୟକ୍ରମ (OUPP)
ଦ୍ୱିତୀୟ ବ୍ୟାଚ୍

ପାଠ୍ୟକ୍ରମ :

- ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସାର୍ଟିଫିକେଟ ପାଠ୍ୟକ୍ରମ

ପାଠ୍ୟକ୍ରମ ଅବଧି :

- ୬ ମାସ

ଯୋଗ୍ୟତା:

- ୨୦୨୧, ୨୦୨୨ ଏବଂ ୨୦୨୩ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ।
- ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ସେକେଣ୍ଡାରୀ ସ୍କୁଲ ସାର୍ଟିଫିକେଟ ପରୀକ୍ଷା, ଡିପ୍ଲୋମା ପରୀକ୍ଷା (ଉତ୍ତୀର୍ଣ୍ଣ)ଙ୍କ ପାଇଁ ଏବଂ ସ୍ନାତକୋତ୍ତର (BE / B.Tech / Post-Graduation (MCA / M.Sc (Comp Science) ଇଞ୍ଜିନିୟରିଂ ଷ୍ଟ୍ରିମ୍-(Comp Science) ଇଞ୍ଜିନିୟରିଂ, ସୂଚନା ପ୍ରଯୁକ୍ତି (IT), ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲି କମ୍ୟୁନିକେସନ୍ (E&TC), ଇଲେକ୍ଟ୍ରିକାଲ ଏବଂ ଇଲେକ୍ଟ୍ରୋନିକ୍ସ ବିଷୟରେ ପ୍ରଥମ ଶ୍ରେଣୀରେ କିମ୍ବା ସର୍ବନିମ୍ନ ୬୦% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ ।
- ସେକେଣ୍ଡାରୀ ସ୍କୁଲ ସାର୍ଟିଫିକେଟ ପାଠ୍ୟକ୍ରମରେ ଯୋଗଦେବାର ବ୍ୟବଧାନ ୧ ବର୍ଷରୁ ଅଧିକ ହୋଇନଥିବ ।
- ଆବେଦନକାରୀ ଓଡ଼ିଶାର ବାସିନ୍ଦା ହୋଇଥିବେ ।

ନାମଲେଖା ପ୍ରକ୍ରିୟା:

- ଲିଖିତ ପରୀକ୍ଷା ଏବଂ ସାକ୍ଷାତକାର (ଇଣ୍ଟରଭ୍ୟୁ)
- ପରୀକ୍ଷାର ତାରିଖ, ସମୟ ଏବଂ ସ୍ଥାନର ବିବରଣୀ ବିଷୟରେ ଯୋଗ୍ୟ ପ୍ରାର୍ଥୀଙ୍କୁ ଇ-ମେଲ ମାଧ୍ୟମରେ ସୂଚିତ କରାଯିବ ।

କୌଣସି ବିଷୟରେ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ - odishatraining@techmahindra.com
ଅଧିକ ବିବରଣୀ ପାଇଁ କ୍ଲିକ୍ କରନ୍ତୁ : www.odishaupp.org

- ତାରିଖ ପରିବର୍ତ୍ତନ ବା ନିର୍ଦ୍ଧାରିତ କାର୍ଯ୍ୟକ୍ରମର ଅବଧି ବୃଦ୍ଧି ହେଲେ, ସେ ସମସ୍ତ ସୂଚନା ୱେବସାଇଟ୍‌ରେ ଅପଡେଟ୍ କରିଦିଆଯିବ ।
- ଓଡ଼ିଶା ସରକାରଙ୍କ ନିକଟରେ ଆବଶ୍ୟକସ୍ଥଳେ ଉପରୋକ୍ତ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରିବାର ଅଧିକାର ରହିଛି ।
- ପ୍ରାର୍ଥୀ ମାନଙ୍କୁ ଇ-ମେଲ୍ ମାଧ୍ୟମରେ ପରୀକ୍ଷା ସମ୍ବନ୍ଧୀୟ ସୂଚନା ଦିଆଯିବ ।

ସୁବିଧା:

- ଦେୟମୁକ୍ତ ପଞ୍ଜୀକରଣ ଏବଂ ପାଠ୍ୟକ୍ରମ ପ୍ରବେଶିକା
- ଦେୟମୁକ୍ତ ପାଠ୍ୟକ୍ରମ
- ଦେୟମୁକ୍ତ ଆବାସିକ ସୁବିଧା
- ସମସ୍ତ ପାଠ୍ୟ ପୁସ୍ତକ ସହ ଦେୟମୁକ୍ତ ତାଲିମ

ପ୍ରମାଣପତ୍ର ସହ ନିଯୁକ୍ତିର ସୁଯୋଗ:

- ପାଠ୍ୟକ୍ରମ ଶେଷ ହେବାପରେ ସଫଳ ପରୀକ୍ଷାର୍ଥୀ ମାନଙ୍କୁ ପ୍ରମାଣପତ୍ର ଏବଂ ଅଫର୍ ଲେଟର୍ ପ୍ରଦାନ କରାଯିବ।

SCAN TO REGISTER

OIPR-44025/13/0003/2324

ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ,କେନ୍ଦୁଝର

ଖୁସି ପଣ୍ୟଦ୍ରବ୍ୟ ନୁହେଁ, ଏହା କେବଳ ତୁମ କର୍ମର ପ୍ରତିଦାନରେ ମିଳେ ।
-ଦଲାଇ ଲାମା

ସକାଳ
THE SAKALA

ଜାମ୍ମୁ-କାଶ୍ମୀରରେ ବିଧାନସଭା ନିର୍ବାଚନ!

ଭାରତ ଲେଖିବ ନୂଆ ଇତିହାସ

ସମ୍ବିଧାନର ଧାରା ୩୭୦ର ବିଲୋପ ସ୍ୱାଧୀନ ଭାରତର ଏକ ଐତିହାସିକ ଘଟଣା କେବଳ ନୁହେଁ, ଏହା ସଂଘୀୟ ବ୍ୟବସ୍ଥାରେ ଦେଶର ଏକ ଘଟକ ଉପଭୋଗ କରି ଆସୁଥିବା ସ୍ୱତନ୍ତ୍ର ସାମ୍ବିଧାନିକ ସ୍ଥିତି ଓ ମାନ୍ୟତାର ଅବସାନ ମଧ୍ୟ ଘଟାଇଛି । ଏଥିସହିତ ଜାମ୍ମୁ-କାଶ୍ମୀର ଓ ଲଦାଖର ରାଜନୈତିକ ଓ ଭୌଗୋଳିକ ଚିତ୍ର ମଧ୍ୟ ବଦଳିଛି । ଅନ୍ୟାଦେଶ ପର୍ଯ୍ୟନ୍ତ ଜାମ୍ମୁକାଶ୍ମୀରର ରାଜ୍ୟ ମାନ୍ୟତାକୁ ମଧ୍ୟ ନିଲମ୍ବିତ କରାଯାଇ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ପ୍ରଦାନ କରାଯାଇଛି । ସେଥିରୁ ଜାମ୍ମୁ ଓ କାଶ୍ମୀର ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ହୋଇ କେନ୍ଦ୍ର ସରକାରଙ୍କ ସଂଘୀୟ ଶାସନ ଅଧୀନରେ ସିଧାସଳଖ ରହିଥିବା ବେଳେ ଲଦାଖ ସମାନ ମାନ୍ୟତା ପାଇ ଅନୁରୂପ ଶାସନ ବ୍ୟବସ୍ଥାରେ ଅଛି ।

ଧାରା ୩୭୦ର ଉଚ୍ଛେଦ ଜାମ୍ମୁ-କାଶ୍ମୀରରେ ଦୀର୍ଘକାଳ ଧରି ଚାଲିଥିବା ଧାର୍ମିକ ଆତଙ୍କବାଦ ଓ ବିଚ୍ଛିନ୍ନତାବାଦକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବାରେ ସହାୟକ ହୋଇଛି । ସେହି ଦୁଇ କେନ୍ଦ୍ରଶାସିତ ଅଞ୍ଚଳରେ ବିକାଶର ନୂଆ ପର୍ବ ଆରମ୍ଭ ହେବା ସହିତ ସେଠାକାର ଅଧିବାସୀ ଦେଶର ଅନ୍ୟାନ୍ୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପରି ସବୁ କେନ୍ଦ୍ରୀୟ ଯୋଜନାର ଲାଭ ଏବେ ପାଉଛନ୍ତି । କେନ୍ଦ୍ର ସରକାର, ବିଶେଷକରି ପ୍ରଧାନମନ୍ତ୍ରୀ ବାରମ୍ବାର କହିଆସୁଛନ୍ତି ଯେ ଜାମ୍ମୁ-କାଶ୍ମୀରରେ ପରିସ୍ଥିତି ସ୍ୱାଭାବିକ ହେବା ପରେ ସେଠାରେ ନିର୍ବାଚନ କରାଯିବ ଏବଂ ନୂଆ ସରକାର କ୍ଷମତାକୁ ଆସିବା ପରେ ତାହାକୁ ପୁନର୍ବାର ରାଜ୍ୟ ପାହ୍ୟା ପ୍ରଦାନ କରିବା କଥା ଚିନ୍ତା କରାଯିବ । ତେବେ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ହୋଇ ରହିବ । ବୋଧହୁଏ ସେହି ଲକ୍ଷ୍ୟରେ ସେଠାକାର ବିଧାନସଭା, ହାଇକୋର୍ଟ ଓ ଅନ୍ୟାନ୍ୟ ପ୍ରାଦେଶିକ ଅନୁଷ୍ଠାନଗୁଡ଼ିକୁ ପୂର୍ବବତ୍ ସୁରକ୍ଷିତ କରି ରଖାଯାଇଛି । କେବଳ ନୂଆ ଆବଶ୍ୟକତା ଦୃଷ୍ଟିରୁ ରାଜ୍ୟମାନଙ୍କ ସ୍ଥାନରେ ଉପରାଜ୍ୟପାଳ ପଦ ସୃଷ୍ଟି କରାଯାଇଛି ଏବଂ ଭାରତୀୟ ପ୍ରଶାସନିକ ଓ ପୁଲିସ ସେବାର କ୍ୟାଡରକୁ 'ଅଗ୍‌ମେଟ୍' କ୍ୟାଡର ସହିତ ଅସ୍ଥାୟୀ ଭାବେ ମିଶାଯାଇ କେନ୍ଦ୍ରଶାସିତ ଅଞ୍ଚଳ କ୍ୟାଡରର ଅନ୍ତର୍ଭୁକ୍ତ କରାଯାଇଛି ।

ଇତିମଧ୍ୟରେ ଜାମ୍ମୁ-କାଶ୍ମୀରର ବିଧାନସଭା ଆସନ ସୀମା ପୁନଃ ନିର୍ଦ୍ଧାରଣ କରାଯିବା ସହିତ ତାହାର ବିଜ୍ଞପ୍ତି ପ୍ରକାଶ ପାଇଛି । ସେଠାକାର ଭୋଟର ତାଲିକାକୁ ମଧ୍ୟ ସଂଶୋଧନ କରାଯାଇଛି । ଜାମ୍ମୁ-କାଶ୍ମୀରର ପରିସ୍ଥିତି କ୍ରମଶଃ ସ୍ୱାଭାବିକ ହେଉଛି । ସମ୍ବିଧାନର ଧାରା ୩୭୦ ଉଚ୍ଛେଦକୁ ସୁପ୍ରିମକୋର୍ଟ ବୈଧ ଘୋଷଣା କରିବା ପରେ ସେଠାକାର ରାଜନେତା ଓ ସଚେତନ ଜନତା ବାସ୍ତବତାକୁ ଗ୍ରହଣ କରି ନେଇଛନ୍ତି । ସେଠାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ମଧ୍ୟ ସୁଚାରୁରୂପେ ସମ୍ପନ୍ନ ହୋଇ ତୃଣମୂଳସ୍ତରର ଗଣତନ୍ତ୍ର କ୍ରମଶଃ ସୁଦୃଢ଼ ହେଉଛି । ଏବେ ସେଠାରେ ଲୋକସଭା ନିର୍ବାଚନ କରାଇବାରେ କୌଣସି ଅସୁବିଧା ନଥିବା ବେଳେ ବିଧାନସଭା ନିର୍ବାଚନ ନିମନ୍ତେ ମଧ୍ୟ ସେମିତି କିଛି ପ୍ରତିକୂଳ ସ୍ଥିତି ବା ଅଡୁଆ ନାହିଁ । ଲୋକେ ନିର୍ବାଚନ ପାଇଁ ପ୍ରସ୍ତୁତ । ରାଜନୈତିକ ଦଳମାନେ ମଧ୍ୟ ଏଥିପାଇଁ ଦାବି କରୁଛନ୍ତି । ପ୍ରଶାସନିକ ବ୍ୟବସ୍ଥା ନିଜର ଭୂମିକା ନିର୍ବାହ କରିବାକୁ ପ୍ରସ୍ତୁତ ଅଛି । ତେଣୁ ଜାମ୍ମୁ-କାଶ୍ମୀରରେ ଆସନ୍ତା ଲୋକସଭା ନିର୍ବାଚନ ସହିତ ବିଧାନସଭା ନିର୍ବାଚନ କରିବାରେ ସେମିତି କିଛି ଅସୁବିଧା ଦେଖାଯାଉନାହିଁ । ଦେଶର କୌଣସି ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳରେ ବିଶେଷ ପରିସ୍ଥିତି ବା ଅସୁବିଧା ନ ଥିଲେ ସେଠାରେ ନିର୍ବାଚନ କରାଯିବା ଦାୟିତ୍ୱ ନିର୍ବାଚନ ଆୟୋଗଙ୍କର । ତେବେ ସେଠାରେ ନିର୍ବାଚନ ହେବ କି ନାହିଁ ସେଥିପାଇଁ କେନ୍ଦ୍ରର ସବୁଜ ସଂକେତ ସେଠାକାର ସ୍ଥିତି ଦୃଷ୍ଟିରୁ ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ।

ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର ବୁଧବାର ଜାମ୍ମୁଠାରେ କହିଛନ୍ତି ଯେ ଜାମ୍ମୁ-କାଶ୍ମୀରରେ ବିଧାନସଭା ନିର୍ବାଚନ କରାଇବା ନେଇ ତାଙ୍କ ପକ୍ଷରୁ କୌଣସି ବିଳମ୍ବ ହେଉନାହିଁ । ଏ କ୍ଷେତ୍ରରେ ଗୋଟିଏ ମାତ୍ର ସମସ୍ୟା ରହିଛି । ସେଇଟି ହେଲା ଜାମ୍ମୁ-କାଶ୍ମୀର ପୁନର୍ଗଠନ ଆଇନ ୨୦୧୯ ଓ ୨୦୨୨ର ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଆଇନ, ଯାହା ୨୦୨୩ ଡିସେମ୍ବର ସୁଦ୍ଧା ଶେଷ ହୋଇଛି, ଉଭୟ ଆଇନ ମଧ୍ୟରେ ସମନ୍ୱୟ ଓ ମତୈକ୍ୟର ଅଭାବ ରହିଛି । ଏହା ଅବଶ୍ୟ ସତ୍ୟ ଯେ ଏହି ଦୁଇ ଆଇନ ମଧ୍ୟରେ ଅସଙ୍ଗତି ଓ ବିଭେଦ ରହିଲେ ବିଧାନସଭା ନିର୍ବାଚନ କରାଇବା ଆଇନତଃ ସମ୍ଭବ ହେବ ନାହିଁ । ସେ ଆହୁରି ସ୍ପଷ୍ଟ କରିଦେଇଛନ୍ତି ଯେ ଜାମ୍ମୁ-କାଶ୍ମୀର ପୁନର୍ଗଠନ ଆଇନ ୨୦୧୯ ବଳରେ ଏହାର ମୋଟ ଆସନ ସଂଖ୍ୟା ୧୦୭ ଧାର୍ଯ୍ୟ କରାଯାଇଛି । ସେଥିମଧ୍ୟରୁ ପାକିସ୍ତାନ ନିୟନ୍ତ୍ରଣରେ ଥିବା କାଶ୍ମୀରରେ ୨୪ଟି ଆସନ ରହିଛି । ଫଳରେ ବାସ୍ତବରେ ଜାମ୍ମୁ-କାଶ୍ମୀର ପାଇଁ ୮୩ଟି ବିଧାନସଭା ଆସନ ମିଳୁଛି ଯେଉଁଥିରୁ ସାତଟି ତଫସିଲଭୁକ୍ତ ଜାତିଙ୍କ ପାଇଁ ସଂରକ୍ଷିତ ।

ଅପରପକ୍ଷରେ ୨୦୨୨ର ପୁନର୍ଗଠନ ଆଇନ ଅନୁସାରେ ଜାମ୍ମୁ-କାଶ୍ମୀରର ବିଧାନସଭା ଆସନ ସଂଖ୍ୟା ୧୧୪ ହୋଇଛି । ଆଦିବାସୀଙ୍କ ନିମନ୍ତେ ୨୪ ଆସନ ଥିବାରୁ ସାଧାରଣଙ୍କ ପାଇଁ ସେଥିରୁ ୯୦ ଆସନ ରହିଛି । ଏହା ବାଦ ଏହି ଆଇନରେ ବାସଚ୍ୟୁତ କାଶ୍ମୀରୀ ହିନ୍ଦୁଙ୍କ ପାଇଁ ଦୁଇଟି ଆସନ ସଂରକ୍ଷିତ ରହିଥିବା ବେଳେ ପାକ୍ ଅଧିକୃତ କାଶ୍ମୀରରୁ ଜଣକୁ ବିଧାନସଭାକୁ ମନୋନୀତ କରିବାର ବ୍ୟବସ୍ଥା କରାଯାଇ ଗୋଟିଏ ଆସନ ରଖାଯାଇଛି । ତେଣୁ ଦୁଇଟି ଆଇନ ମଧ୍ୟରେ ଆସନକୁ ନେଇ ଅସଙ୍ଗତି ରହିଛି । ତଥାପି ଏଥିରେ ସମନ୍ୱୟ ଆଣିବା ଓ ଗ୍ରହଣଯୋଗ୍ୟ ମାର୍ଗ ବାହାର କରିବା କାର୍ଯ୍ୟ କେନ୍ଦ୍ର ସରକାରଙ୍କର । ନିର୍ବାଚନ କମିଶନ ତାଙ୍କ ପକ୍ଷର କଥା କେନ୍ଦ୍ରକୁ ଜଣାଇ ଦେବା ପରେ ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ।

ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ କହିବା କଥା ଯେ ଜାମ୍ମୁ ଓ କାଶ୍ମୀରର ସ୍ଥିତି ସେ ଅନୁଧ୍ୟାନ କରିବା ସହ ପ୍ରଶାସନିକ କଳ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ସେଠାରେ ଲୋକସଭା ନିର୍ବାଚନ ସହିତ ବିଧାନସଭା ନିର୍ବାଚନ ଏକ ସମୟରେ ହେବ କି ନାହିଁ ସେ ନିଷ୍ପତ୍ତି ଖୁବ୍‌ଶୀଘ୍ର ଗ୍ରହଣ କରାଯିବ । ତାଙ୍କ କଥାରୁ ନିଶ୍ଚିତ କିଛି ଅସ୍ଥିବାଚକ ସୂଚନା ମିଳୁଛି । ମୁସଲମାନ ଅଧ୍ୟୁଷିତ, ଆତଙ୍କବାଦ ପ୍ରବଣ ଏହି ସୀମାନ୍ତ ରାଜ୍ୟରେ ବିଧାନସଭା ନିର୍ବାଚନ କରାଇ ଏହାକୁ ପୂର୍ଣ୍ଣାଙ୍ଗ ରାଜ୍ୟ ପାହ୍ୟା ପୁଣିଥରେ ଫେରାଇ ଦେବାର ଆବଶ୍ୟକତା ସମସ୍ତେ ଅନୁଭବ କଲେଣି । ସେଠାକାର ପ୍ରମୁଖ ରାଜନୈତିକ ଦଳମାନେ ମଧ୍ୟ ନିର୍ବାଚନ ପାଇଁ ପ୍ରସ୍ତୁତ ହେଲେଣି । ସେଠାରେ ବିଧାନସଭା ନିର୍ବାଚନ କରାଇ ଏକ ନିର୍ବାଚିତ ସରକାରଙ୍କ ହାତକୁ କ୍ଷମତା ଦେବା ସହ ପୁନର୍ବାର ରାଜ୍ୟ ପାହ୍ୟା ପ୍ରଦାନ କରାଗଲେ ସେଠାକାର କ୍ଷୁବ୍ଧ ଅଧିବାସୀ ଆଶ୍ୱସ୍ତ ହେବେ ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ନାଗରିକତା (ସଂଶୋଧନ) ଅଧିନିୟମ

ରାଜନୀତି ଓ ଅର୍ଥନୀତିର ପ୍ରହେଳିକା

ଗୌରୀ ପ୍ରସାଦ ମହାପାତ୍ର
ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

ପ୍ରାୟ ଚାରିବର୍ଷର ବ୍ୟବଧାନ ପରେ ପୁଣି ଥରେ ସିଏଏ(ନାଗରିକତା ସଂଶୋଧନ ଅଧିନିୟମ)କୁ ନେଇ ବିବାଦ, ବିତର୍କ, ବିରୋଧାଭାସ ଓ ଉତ୍ତେଜନା ସୃଷ୍ଟି ହୋଇଛି । ବିରୋଧାଭାସକୁ ଇନ୍ଧନ ଯୋଗାଉ ଥିବା ବିରୋଧୀ ରାଜନୈତିକ ଦଳ ଓ ସଂଗଠନମାନଙ୍କର ଅଭିଯୋଗ ହେଉଛି - ସିଏଏ ସମ୍ବିଧାନର ମୌଳିକ ଅଧିକାର ହନନକାରୀ, ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିରୋଧୀ, ହିନ୍ଦୁତ୍ୱ ଏଜେଣ୍ଡା ଭିତ୍ତିକ ଓ ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆରସି)ର ମୂଳଦୂଆ । ଅପରପକ୍ଷରେ ସରକାରୀ ଦଳର ଯୁକ୍ତି ହେଉଛି ସିଏଏ ଭେଦଭାବ ରହିତ, ନ୍ୟାୟସଙ୍ଗତ, ସାମ୍ପ୍ରତିକ ସମୟର ଆବଶ୍ୟକତା, ଦେଶ ହିତରେ ଉଦ୍ଦିଷ୍ଟ ଏବଂ ୨୦୧୯ ସାଧାରଣ ନିର୍ବାଚନ ଇସ୍ତାହାର ଅନୁଯାୟୀ ସିଏଏ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ବଦ୍ଧପରିକର । ବିରୋଧୀ ଦଳର ପ୍ରତ୍ୟୁତ୍ତର ହେଉଛି ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ ପାଇଁ ଉଦ୍ଦିଷ୍ଟ 'କଟ୍ ଅଫ୍ ଡେଟ୍(ଧାର୍ଯ୍ୟ ସର୍ବଶେଷ ପ୍ରବେଶ ସମୟ ସୀମା)'୧୯୪୮, ଜୁଲାଇ ୧୯ ହେବା ଆବଶ୍ୟକ ବୋଲି ବିଜେପି ପୂର୍ବରୁ ଯୁକ୍ତି ଉପସ୍ଥାପନ କରି ଆସୁଥିଲା ଏବଂ କୌଣସି ପରିସ୍ଥିତିରେ ଆସାମ ଚୁକ୍ତି(କଟ୍ ଅଫ୍ ଡେଟ୍ -୧୯୭୧, ମାର୍ଚ୍ଚ ୨୫)କୁ ଅଗ୍ରାହ୍ୟ କରାଯିବ ନାହିଁ ବୋଲି ୨୦୧୬ ଆସାମ୍ ବିଧାନସଭା ନିର୍ବାଚନ ସମୟରେ ଦଳୀୟ ଇସ୍ତାହାରରେ ଉଲ୍ଲେଖ ଥିଲା । ଏବେ କିନ୍ତୁ ସିଏଏରେ 'କଟ୍ ଅଫ୍ ଡେଟ୍'କୁ କୋହଳ(୨୦୧୪, ଡିସେମ୍ବର ୩୧) କରାଯିବା ସହିତ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟଙ୍କ ସମେତ ଶ୍ରୀଲଙ୍କା, ମ୍ୟାଁମାର, ନେପାଳ ଓ ଭୁଟାନର ନିର୍ଯାତିତ ଦେଶାନ୍ତରିତଙ୍କୁ ବାଦ୍ ଦିଆଯାଇଛି । ଏହାଛଡ଼ା ମାମଲା ଏବେ ସୁପ୍ରିମକୋର୍ଟର ବିଚରାଧୀନ ଥିବା ବେଳେ କେନ୍ଦ୍ର ସରକାର ତରବରିଆ ଭାବେ ଏହାର କାର୍ଯ୍ୟକାରିତା ସମ୍ପର୍କିତ ବିଜ୍ଞପ୍ତି ଜାରି କରିବା ଦ୍ୱାରା ଏହାପଛର ପ୍ରଚ୍ଛନ୍ନ ରାଜନୈତିକ ଉଦ୍ଦେଶ୍ୟ ସନ୍ଦେହରୁ ଊର୍ଦ୍ଧ୍ୱକୁ ଯାଇପାରୁନାହିଁ ।

ଏହି ଆରୋପ-ପ୍ରତ୍ୟାରୋପରୁ କିଛି ସମୟ ପାଇଁ ବିରତ ରହି ଆସାମ ନାଗରିକ ପଞ୍ଜିକା(ଏଆରସି)ର ପୃଷ୍ଠଭୂମି ଏବଂ କେତେକ ପରିସଂଖ୍ୟାନ ଆଧାରରେ ସିଏଏକୁ ତର୍ଜମା କଲେ କିଛି ଭିନ୍ନ ସଙ୍କେତ ମିଳୁଛି -

ଆସାମକୁ ଅନୁପ୍ରବେଶକାରୀ/ଶରଣାର୍ଥୀ ସମସ୍ୟାମୁକ୍ତ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଥିବା ଏଆରସି ନବୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ତାଲିକା ଘୋଷଣା ହୋଇଥିଲା ୨୦୧୯ ଅଗଷ୍ଟ ମାସରେ, ଯେଉଁଥିରୁ ପ୍ରାୟ ଆସାମର ୧୯ ଲକ୍ଷ ମୂଳ ବାସିନ୍ଦା ବାଦ୍ ପଡ଼ିଥିବା ଅଭିଯୋଗ ହୋଇଥିଲା । ନୂଆଦିଲ୍ଲୀସ୍ଥିତ 'ରାଇଟ୍ ଆଣ୍ଡ ରିସ୍କ ଆନାଲିସିସ୍' ଗ୍ରୁପ୍‌ର ସୂଚନା ଅନୁଯାୟୀ ଏଆରସିର ପ୍ରାଥମିକ ବା ଚିଠା ତାଲିକାରୁ ବାଦ୍ ପଡ଼ିଥିବା ଆସାମର ୪୧, ୧୦, ୧୬୯ ମୂଳ ନାଗରିକ ଓ ବାଂଲାଦେଶୀ ହିନ୍ଦୁ ସେମାନଙ୍କ ନାଗରିକତ୍ୱକୁ ବୈଧ କରିବା ବା ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇବା ପାଇଁ ଖର୍ଚ୍ଚ କରିଥିଲେ ପ୍ରାୟ ୭, ୮୩୬ କୋଟି ଟଙ୍କା । ଅର୍ଥାତ୍ ଜଣକ ପିଛା ହାରାହାରି ଖର୍ଚ୍ଚ ଥିଲା ୧୯, ୦୬୫ ଟଙ୍କା । ଏହାସତ୍ତ୍ୱେ ଚୂଡ଼ାନ୍ତ ଏଆରସିରୁ ବାଦ୍ ପଡ଼ିଥିବା ପ୍ରାୟ ୧୯ ଲକ୍ଷଙ୍କ ମଧ୍ୟରେ ଅଛନ୍ତି ୫, ୦୪, ୮୦୦ ବାଂଲାଦେଶୀ ହିନ୍ଦୁଙ୍କ ସମେତ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଆସାମର ମୂଳ ହିନ୍ଦୁ । ଏଆରସିରେ ସେମାନଙ୍କ ନାମ ନଥିବାରୁ ଏବେ ସେମାନେ ବିଦେଶୀ ଭାବେ ପରିଗଣିତ ହେଉଛନ୍ତି । ତେଣୁ ଭାରତର ନାଗରିକତ୍ୱ ହାସଲ ପାଇଁ ସେମାନଙ୍କୁ 'ଫରେନର୍ସ ଟ୍ରିବ୍ୟୁନାଲ୍ ଅର୍ଡର ୧୯୬୪' ଅନୁଯାୟୀ 'ଫରେନର୍ସ ଟ୍ରିବ୍ୟୁନାଲ୍'ରେ ଆବେଦନ କରିବାକୁ ପଡ଼ିବ । ଆବେଦନ ପାଇଁ ଜଣକ ପିଛା ହାରାହାରି ପ୍ରାୟ ୧ ଲକ୍ଷରୁ ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ୨୦୧୯ରେ ଆକଳନ କରାଯାଇଥିଲା । ଆମ ଦେଶରେ ନ୍ୟାୟିକ ବ୍ୟବସ୍ଥାର ମନ୍ଥର ଗତି ଦୃଷ୍ଟିରୁ ଏହି ଅର୍ଥ ପରିମାଣ ଆହୁରି ବୃଦ୍ଧି ହୋଇପାରେ । ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗରେ ଥିବା ଏହି ଲୋକମାନେ ଏତେ ଟଙ୍କା ଖର୍ଚ୍ଚ କରି ଭାରତର ନାଗରିକତ୍ୱ ହାସଲ କରିବା କାଠିକର ପାଠ । ଯଦି ଜାତୀୟସ୍ତରରେ ଏନ୍‌ଆରସି ନବୀକରଣ ହୁଏ ଏବଂ ପ୍ରଶାସନିକ ତ୍ରୁଟି କାରଣରୁ ଅଧିକ ସଂଖ୍ୟକ ବୈଧ ବା ଦେଶର ମୂଳ ନାଗରିକ ତାଲିକାରୁ ବାଦ୍ ପଡ଼ନ୍ତି ତେବେ ସ୍ଥିତି ଆହୁରି ଜଟିଳ ହେବ । ଏହାଛଡ଼ା ପ୍ରାୟ ୧୦ ବର୍ଷ ଧରି ଚାଲିଥିବା ଏଆରସି ଚୂଡ଼ାନ୍ତ ତାଲିକା ପ୍ରକାଶ ପ୍ରକ୍ରିୟାରେ ୫୨ ହଜାର ସରକାରୀ କର୍ମଚାରୀ ନିଯୁକ୍ତ ହୋଇଥିବା ବେଳେ ଜଣେ ବ୍ୟକ୍ତି ପିଛା ୫୩୩ ଟଙ୍କା ହିସାବରେ ସରକାରୀ ତହବିଲରୁ ଖର୍ଚ୍ଚ ହୋଇଥିଲା ପ୍ରାୟ ୧୬୦୦ କୋଟି ଟଙ୍କା । ଏହି ଆଧାରରେ ଆକଳନ କରାଗଲେ ସମଗ୍ର ଦେଶରେ ଏନ୍‌ଆରସି ପାଇଁ କେତେ ବିପୁଳ ଆର୍ଥିକ ସମ୍ବଳ, ମାନବ ସମ୍ବଳ ଓ ସମୟ ଅପଚୟ ହେବ ତାହା ଅନୁମେୟ । ଅନୁପ୍ରବେଶକାରୀ ସମସ୍ୟା ଦୂର କରିବା ପାଇଁ ଏହି ବିଶାଳ ଆର୍ଥିକ ବୋଝ ଯୁକ୍ତିସଙ୍ଗତ ହୋଇପାରେ, କିନ୍ତୁ ଏହା ଯେ ଶତ ପ୍ରତିଶତ କାର୍ଯ୍ୟକାରୀ ଏବଂ ସଫଳ ହେବ ତାହା ଏଆରସି ଅନୁଭୂତି ଆଧାରରେ ନିଶ୍ଚିତ କରିହେଉନାହିଁ ।

ଆଉ ଏକ ଅଭିଯୋଗ ହେଉଛି ଯେ ଭାରତ 'ରେଫ୍ୟୁଜି କନ୍‌ଭେନ୍‌ସନ୍' କିମ୍ବା '୧୯୬୭ ପ୍ରୋଟୋକଲ୍'ରେ ସ୍ୱାକ୍ଷର କରି ନଥିବାରୁ ସିଏଏ ଓ ପରବର୍ତ୍ତୀ ସମୟରେ ନୀବକୃତ ହେବାକୁ ଥିବା ସମ୍ଭାବ୍ୟ ଏନ୍‌ଆରସିରୁ ବାଦ୍ ପଡ଼ିଲା ପରେ ବହିରାଗତଙ୍କୁ ତଡ଼ି ଦିଆଯିବ । ଏଠାରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହଙ୍କ ବିବୃତିକୁ ଉଦ୍ଧାର କରାଯାଇପାରେ । ୨୦୧୭ରେ ଏକ ଟ୍ୱିଟର ବାର୍ତ୍ତାରେ ସେ ଉଲ୍ଲେଖ କରିଥିଲେ ଯେ ଭାରତ 'ରେଫ୍ୟୁଜି କନ୍‌ଭେନ୍‌ସନ୍' କିମ୍ବା '୧୯୬୭ ପ୍ରୋଟୋକଲ୍'ରେ ସ୍ୱାକ୍ଷର କରି ନଥିଲେ ମଧ୍ୟ ଆନ୍ତର୍ଜାତିକ ଆଇନକୁ ସମ୍ମାନ ଜଣାଇ କୌଣସି ବହିରାଗତ କିମ୍ବା ଶରଣାର୍ଥୀଙ୍କୁ ଦେଶାନ୍ତରିତ କରିବ ନାହିଁ । ୨୦୧୬ରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରଣ ରିଜୁ ସଂସଦରେ ଦେଇଥିବା ସୂଚନା ଅନୁଯାୟୀ ଭାରତରେ ଆନୁମାନିକ ୨ କୋଟି ବାଂଲାଦେଶୀ ଅନୁପ୍ରବେଶକାରୀ ରହିଛନ୍ତି । ଇତିମଧ୍ୟରେ ଏହି ସଂଖ୍ୟାରେ ବୃଦ୍ଧି ଘଟିଥାଇପାରେ, ଯେଉଁମାନେ ଭାରତୀୟ ନାଗରିକଙ୍କ ଭଳି ଅନେକ ସୁବିଧା ସୁଯୋଗ ଅନୈତିକ ଭାବରେ ଉପଭୋଗ କରୁଛନ୍ତି । ଉପରୋକ୍ତ ଦୁଇ ଆନ୍ତର୍ଜାତିକ ଚୁକ୍ତିରେ ସ୍ୱାକ୍ଷର କରି ନଥିବା ଆଳରେ ସେମାନଙ୍କୁ କେବେ ଠାରୁ ତଡ଼ି ଦିଆଯାଇପାରିଥା'ନ୍ତା । ତେଣୁ କେନ୍ଦ୍ରରେ ଯେଉଁ ଦଳ ସରକାର ଗଢୁ ନା କାହିଁକି ଶରଣାର୍ଥୀଙ୍କୁ ତଡ଼ିବା ଏତେ ସହଜ ବ୍ୟାପାର ନୁହେଁ ।

ଏବେ ଆଉ ଏକ ପରିସଂଖ୍ୟାନ ଉପରେ ଦୃଷ୍ଟି ଦିଆଯାଉ । ଯଦି ସିଏଏ ଆଧାରରେ ଏନ୍‌ଆରସି ତତ୍କାଳ କାର୍ଯ୍ୟକାରୀ ହୁଏ ଏବଂ ତ୍ରୁଟିଶୂନ୍ୟ ହୁଏ ତେବେ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ସେହି ସମସ୍ତ ୨ କୋଟି ଅଣହିନ୍ଦୁ ଅନୁପ୍ରବେଶକାରୀ(ସଂଖ୍ୟା ଆହୁରି ଅଧିକ ହୋଇପାରେ)ଙ୍କୁ ଦେଶାନ୍ତର ନ କରି ଅଟକ ଶିବିରରେ ରଖାଯିବ । ୨୦୧୯ ସେପ୍ଟେମ୍ବରରେ ଆସାମ ସରକାର ୩ ହଜାର ଅନୁପ୍ରବେଶକାରୀଙ୍କ ପାଇଁ ଗୋଆଲ୍‌ପାରାରେ ଅଟକ ଶିବିର ନିର୍ମାଣରେ ଖର୍ଚ୍ଚ କରିଥିଲେ ୪୫ କୋଟି ଟଙ୍କା । ଏଆରସିରୁ ବାଦ୍ ପଡ଼ିଥିବା ୧୯ ଲକ୍ଷ ଲୋକଙ୍କ ଉଦ୍ଦେଶ୍ୟରେ ପ୍ରସ୍ତାବିତ ଅଟକ ଶିବିର ନିର୍ମାଣ ଲାଗି ରାଜକୋଷରୁ ପ୍ରାୟ ୨୮, ୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେତେବେଳେ ଆକଳନ କରାଯାଇଥିଲା । ଏହି ହିସାବ ଅନୁଯାୟୀ ୨କୋଟିରୁ ଊର୍ଦ୍ଧ୍ୱ ଅଣହିନ୍ଦୁ ଅନୁପ୍ରବେଶକାରୀ(ଯେଉଁମାନେ ସମ୍ଭାବ୍ୟ ଏନ୍‌ଆରସିରୁ ବାଦ୍ ପଡ଼ିବା ପ୍ରାୟ ନିଶ୍ଚିତ)ଙ୍କ ପାଇଁ ଅଟକ ଶିବିର ନିର୍ମାଣ ଓ ସେଠାରେ ସେମାନଙ୍କ ଭରଣପୋଷଣ ଲାଗି ବାର୍ଷିକ ପ୍ରାୟ ୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି । ତେଣୁ ଭାରତର ଅର୍ଥନୀତି ଯେ ବହିରାଗତ ବା ଶରଣାର୍ଥୀଙ୍କ ପାଇଁ ଏତେ ବଡ଼ ବୋଝ ସହିବ ସେକଥା ସହଜରେ ବିଶ୍ୱାସ କରି ହେଉନାହିଁ କି ସିଏଏ-ଏନ୍‌ଆରସି ସମ୍ପର୍କ ଆଲୋଚନା ପଛରେ କୌଣସି ଦୃଢ଼ ଆଧାର ଥିବା ମନେ ହେଉନାହିଁ ।

ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନ ପରିସ୍ଥିତିରେ ସିଏଏର ସର୍ବା

OFFICE OF THE REGULATED MARKET COMMITTEE, PADAMPUR
At-Padampur Po-Rajborasambar, Dist:- BARGARH, Pin-768036
Quotation Call Notice No. 109 Dated. 07.03.2024

QUOTATION CALL NOTICE

The Sub-Collector-Padampur Cum-Chairman, Regulated Market Committee,Padampur Invites sealed quotation in plain paper from reputed manufacturer or their authorized dealers for supply and installation of Grading Equipment for use in the Padampur Main Market Yard under eNAM Centre.

The Bidder shall have to submit Double Cover System (Cover-1: TECHINAL BID &Cover-2:PRICE BID) and super scribe the covers separately.

1.The Bidder has to deposit as EMD of Rs.10,000/- in shape of Demand Draft in favour of Regulated Market Committee,Padampur.

2.The Bid will be received from 07/03/2024 at 11am to 16/03/2024 up to 1pm and will be opened on 16.03.2024 at 4 PM other details can be had from office of the R.M.C Padampur during office hour.

Sd/-
Sub-Collector, Padampur Cum
Chairman R.M.C Padampur

O-2800

By E_Mail/e-Despatch
E_Mail ID : eerwcbaripada@gmail.com
Ph-No-06792-261343/261344
Gangraj, Baripada

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
"e" Procurement Notice for Building Work

Identification No.- Online Tender- Building N.C.B. No. 355 for 2023-24.
Letter No. 1369/Date 13.03.2024

1. Name of the work :- Construction of Building Works year 2023-24 in the District of Mayurbhanj.
2. Total No. of work :- 24 No. (Twenty Four)
3. Estimated Cost :- **Rs.100.34 Lakh to Rs.114.63 lakh** (approximately).
4. Eligible Class of Contractor :- **As Per Annexure**
5. Period of Completion :- **As Per Annexure.**
6. Other details :-

Procurement Officer	Bid Identification No.	Availability of tender On-line for bidding		Last Date & Time of seeking Tender Clarification.	Date & Time of Opening of Tender in O/O C.C.E.R.W. Circle, Baripada	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Baripada	Building On-line N.C.B. No.355	Dt.22.03.2024 at 11.00 A.M.	Dt.05.04.2024 up to 5.00 P.M.	Dt.05.04.2024 up to 5.00 P.M.	Dt.08.04.2024 at 11.00 A.M.	Will be intimated later

- **Further details can be seen from the website: www.tendersodisha.gov.in.**
- **Any Corrigendum / Addendum will be displayed in the above e_tender website only.**

OIPR-25130/11/0101/2324

Chief Construction Engineer,
R.W. Circle, Baripada

☎-06622-273343

OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH
(District Child Protection Unit)
Odisha State Child Protection Society, W & CD Department, Govt. of Odisha.

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେଜଣାଇ ଦିଆଯାଉଛି କି, ନିମ୍ନ ରେ ଦିଆଯାଇଥିବା ଶିଶୁମାନେ ବର୍ତମାନ ଶିଶୁ ଯତ୍ନଶାଳୀ ଅନୁଷ୍ଠାନ,ସାଲଭିସ୍ ଟୁ ହ୍ୟୁମାନିଟି ଫାଉଣ୍ଡେସନ୍ ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି । ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଗୁଡ଼ିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ବୈଧାନିକ କରାଯିବ ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ.ନଂ. – ୯୯୩୮୧୭୦୪୫୦/ ଅଫିସ୍- ୦୬୬୨୨-୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ.ନଂ.- ୭୯୭୮୯୦୯୦୦୧/ ଅଫିସ୍-୦୬୬୨୨-୨୭୨୨୬୩

କ୍ର.ନଂ.	ଶିଶୁର ନାମ	ଜନ୍ମ ତାରିଖ/ବୟସ	ଲିଙ୍ଗ	ଉପସ୍ଥିତି ଜାଗା	ଶିଶୁର ଫଟୋ
୧	ନିମିମା ଭୁଞ୍ଜ	୧୨ବର୍ଷ	ଝିଅ	ସାଲଭିସ୍ ଟୁ ହ୍ୟୁମାନିଟି ଫାଉଣ୍ଡେସନ୍ ସୁନ୍ଦରଗଡ଼ (ଶିଶୁ ଯତ୍ନଶାଳୀ ଅନୁଷ୍ଠାନ)	
୨	ଜାଇନ ସୁନା	୧୨ବର୍ଷ	ଝିଅ	ସାଲଭିସ୍ ଟୁ ହ୍ୟୁମାନିଟି ଫାଉଣ୍ଡେସନ୍ ସୁନ୍ଦରଗଡ଼ (ଶିଶୁ ଯତ୍ନଶାଳୀ ଅନୁଷ୍ଠାନ)	
୩	ପାୟଲ ସୁନା	୮ ବର୍ଷ	ଝିଅ	ସାଲଭିସ୍ ଟୁ ହ୍ୟୁମାନିଟି ଫାଉଣ୍ଡେସନ୍ ସୁନ୍ଦରଗଡ଼ (ଶିଶୁ ଯତ୍ନଶାଳୀ ଅନୁଷ୍ଠାନ)	

District Child Protection Officer
Sundargarh

RR-79

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ବିଜ୍ଞାପନ

ପୂର୍ବରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ୫୦,୦୦୦ (ପଚାଶ ହଜାର) କଳାକାରଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ବର୍ତ୍ତମାନ ରାଜ୍ୟ ସରକାର ଏହି ଯୋଜନାରେ ଆଉ ୩୦୦୦୦ (ତିରିଶ ହଜାର) ନୂତନ କଳାକାରଙ୍କୁ ସାମିଲ କରିବା ପାଇଁ ତା ୦୭.୦୨.୨୦୨୪ ରିଖରେ ନିଷ୍ପତ୍ତି ନେଇଛନ୍ତି ।

ଏହି ଯୋଜନାରେ ଆବେଦନ କରିବା ନିମିତ୍ତ ସର୍ତ୍ତାବଳୀ :

- କଳାକାରମାନଙ୍କର ବାର୍ଷିକ ଆୟ ଟ.୧,୦୦,୦୦୦ଙ୍କା (ଏକ ଲକ୍ଷ ଟଙ୍କା) ମଧ୍ୟରେ ହୋଇଥିବ ।
- ମହିଳା କଳାକାରଙ୍କ କ୍ଷେତ୍ରରେ ଅନ୍ୟୂନ ୪୦ ବର୍ଷ ବୟସ ଓ ପୁରୁଷ କଳାକାରଙ୍କ କ୍ଷେତ୍ରରେ ଅନ୍ୟୂନ ୫୦ ବର୍ଷ ବୟସ ହୋଇଥିବ ।

କଳାକାର ସହାୟତା ପାଇଁ ନିର୍ଦ୍ଧାରିତ ଆବେଦନ ପତ୍ର ପ୍ରତ୍ୟେକ ଜିଲ୍ଲାର ଜିଲ୍ଲା ସଂସ୍କୃତି ଅଧିକାରୀ (DCO) କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିନା ମୂଲ୍ୟରେ ମିଳିପାରିବ । ଯେଉଁମାନେ ପୂର୍ବରୁ ନିଜ ଜିଲ୍ଲାର ପ୍ରତୀକ୍ଷା ତାଲିକାରେ ଥିଲେ, ସେମାନେ ମଧ୍ୟ ଏଥିପାଇଁ ଆବେଦନ କରି ପାରିବେ । ଆବେଦନକାରୀମାନେ ନିଜର ବାର୍ଷିକ ଆୟ ପ୍ରମାଣ ପତ୍ର, ପାସପୋର୍ଟ ଫଟୋ, ଆଧାର କାର୍ଡର ନକଲ, ବୟସ ପ୍ରମାଣ ପତ୍ରର ନକଲ, ବ୍ୟାଙ୍କ ଖାତାର ପ୍ରଥମ ପୃଷ୍ଠା ନକଲ ଓ କଳା କ୍ଷେତ୍ରରେ ପାଇଥିବା ପ୍ରଶଂସାପତ୍ର ତଥା ମାନପତ୍ରର ନକଲ ଆବେଦନ ପତ୍ର ସହ ସଂଲଗ୍ନ କରି ନିଜ ଜିଲ୍ଲାର ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଦାଖଲ କରିବେ । କଳାକାର ସହାୟତା ପାଇଁ ଆବେଦନ କରିବାର ଶେଷ ତାରିଖ ୩୦ ଏପ୍ରିଲ ୨୦୨୪ ନିର୍ଦ୍ଧାରଣ କରାଯାଇଛି ।

ସ୍ୱା/- ନିର୍ଦ୍ଦେଶକ,
ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପାଇଁ ଆବେଦନ ପତ୍ର

ଆବେଦନକାରୀଙ୍କ ପାସପୋର୍ଟ ସାଇଜ ଫୋଟୋ ସଂଲଗ୍ନ କରନ୍ତୁ

୧. କଳାକାରଙ୍କ ନାମ :
୨. ପିତା/ସ୍ୱାମୀଙ୍କ ନାମ
୩. ଯୋଗାଯୋଗ ଠିକଣା
୪. ସ୍ଥାୟୀ ଠିକଣା (ସ୍ଥାୟୀ ବାସସ୍ଥାନ ପ୍ରମାଣ ପତ୍ରର ପ୍ରମାଣୀକୃତ ନକଲ ସଂଲଗ୍ନ କରନ୍ତୁ)
୫. ଜନ୍ମ ତାରିଖ (ପ୍ରମାଣିକୃତ ସାର୍ଟିଫିକେଟର ନକଲ ସଂଲଗ୍ନ କରନ୍ତୁ)
୬. ଭୋଟର ପରିଚୟ ପତ୍ର/ଆଧାର କାର୍ଡ ନମ୍ବର (ନକଲ ସଂଲଗ୍ନ କରନ୍ତୁ)
୭. କେଉଁ ପ୍ରକାର କଳାକାର
୮. କଳା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟର ବିବରଣୀ (ପ୍ରମାଣ ପତ୍ର ଥିଲେ ସଂଲଗ୍ନ କରନ୍ତୁ)
୯. ପରିବାରର ସମସ୍ତ ସୂତ୍ରରୁ ବାର୍ଷିକ ଆୟର ପରିମାଣ (ପ୍ରମାଣ ପତ୍ର ସଂଲଗ୍ନ କରନ୍ତୁ)
୧୦. ଦରଖାସ୍ତକାରୀଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ବିବରଣୀ (ଦରଖାସ୍ତକାରୀଙ୍କ ସହ ସେମାନଙ୍କ ସମ୍ପର୍କ, ବୟସ, ବୃତ୍ତି ଓ ଆୟର ପଛା ଯଦି କିଛି ଥାଏ ତାହାର ବିବରଣୀ ପ୍ରଦାନ କରିବେ)
୧୧. ଦରଖାସ୍ତକାରୀ କେନ୍ଦ୍ର ବା ରାଜ୍ୟ ସରକାରଙ୍କଠାରୁ କୌଣସି ଯୋଜନାରେ ପୂର୍ବରୁ ଭତ୍ତା/ସହାୟତା ପାଉଛନ୍ତି କି? (ଯଦି ପାଉଛନ୍ତି ତେବେ ତାହାର ସବିଶେଷ ବିବରଣୀ ପ୍ରଦାନ କରନ୍ତୁ)
୧୨. କଳାକାର ସ୍ଥାୟୀ ଭାବରେ ବସବାସ କରୁଥିବା ଗ୍ରାମ ପଞ୍ଚାୟତ ସହିତ ବ୍ଲକ/ପୌରାଞ୍ଚଳର ନାମ

ଏତଦ୍ୱାରା ମୁଁ ଘୋଷଣା କରୁଅଛି ଯେ, ମୋ ଦ୍ୱାରା ପ୍ରଦତ୍ତ ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ ଯଦି ଭବିଷ୍ୟତରେ ଏହା ଭୁଲ ବୋଲି ପ୍ରମାଣିତ ହୁଏ, ମୁଁ ଏ ବାବଦରେ ସରକାରଙ୍କ ନିକଟରୁ ପାଇଥିବା ସମସ୍ତ ସହାୟତା ଫେରସ୍ତ କରିବା ସହିତ ମୋ ବିରୁଦ୍ଧରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନିମନ୍ତେ ଦାୟୀ ରହିବି

ସ୍ଥାନ :
ତାରିଖ :
ମୋବ :

ଦରଖାସ୍ତକାରୀଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର

OIPR-03029/11/0037/2324

GOVERNMENT OF ODISHA, "e"-PROCUREMENT NOTICE B-1955

WORKS DEPARTMENT

E-mail : ceworldbankprojects@gmail.com

1st corrigendum to Bid Identification No. CE-W.B.P. (O) – 62 / 2023–24

Following changes are made to the Invitation for the work "Providing Services for preliminary assessment of conditions of bridges, ROBs, Flyover under Works Department of Length 200 m and more, by collecting necessary data using modern equipment/ machines, drones, as suitable for the job and using such data and information as input for condition /distress analysis which shall be AI driven and using modern software; and preparing estimate for remedial measures for repair and rehabilitation of the Bridges, Flyovers and ROBs" vide Bid Identification No. CE-WBP (O) – 62 / 2023 – 24.

- The Bid documents will be available in the website: htpp://tendersodisha.gov.in from **10.00 AM of 19.03.2024.**
- Pre bid queries will be received up to **05.00 P.M of 03.04.2024** through email ceworldbankprojects@gmail.com.
- The Last date of submission of tender is extended upto **5.00 PM of dt.22.04.2024**.
- Bids received on line shall be opened at **5.30 P.M of 22.04.2024.**

All other terms and conditions remain unchanged.

OIPR-34003/13/0095/2324

Engineer-in- Chief
(I/C) Chief Engineer (Bridges), WBP,
Odisha, Bhubaneswar

THE ASKA CO-OPERATIVE SUGAR INDUSTRIES LTD.
Po.: Nuagam, (Aska)-761111, Dist.- Ganjam, State-Odisha
Email id: askasugar@yahoo.co.in
GSTIN:21AAAAT5989L1ZO

Extension of Tender Notice

Letter No : MKT0432030 / Dated:14/02/2024

The Aska Co-operative Sugar Industries Ltd. Aska Extension tender call Notice No-1873 Dated-.15.02.2024 sell of Unserviceable Materials / Packing Materials / Cartoon Garbage / Damaged Glass Bottles Please visit our website : **www.askasugar.com**, and Notice Board for detailed extension Tender Call Notice. The last date for submission of Quotation is **5.00 PM on 21/03/2024.** and the same will be opened **11 :00 AM on 22/03/2024.**

Sd/- Managing Director

DISTRICT TREASURY, MALKANGIRI S-

TENDER CALL NOTICE

Notice No. 65 Dated: 07.03.24

Sealed tender in prescribed form are invited by the undersigned from reputed Manpower Agencies (Service Providing Agencies) for supply of 1 nos. of unskilled Manpower.

The details of Tender Paper/ Tender schedule can be obtained on payment of Rs.500/- (Rupees Five Hundred) only in shape of D.D./Bankers' cheque in favour of the District Treasury, Malkangiri during the office hour from date 07.03.2024 to 21.03.2024 on any working days 10.00 A.M to 5.30 P.M. The cost of tender paper is not refundable and the sealed tender paper duly filled up along with all required documents must be sent through Speed Post/ Regd. Post only to District Treasury Officer, Malkangiri during the office hour of any working days from 08.03.2024 to 22.03.2024. The Last Day of receiving the Tender is 22.03.2024, 5.00 P.M. The sealed Tender will be opened on 27.03.2024 at 3.00 P.M by the Tender Committee and in presence of the Tenderers or their authorized agents. No Telegraphic/Courier tender will be accepted. The Tender Paper can also be downloaded from the District website. In case of downloading, cost of the tender paper can be paid in Demand Draft only.

However the undersigned reserves the right to reject/cancel any or all the tenders at any time without assigning any reason thereof.

OIPR-05057/11/0002/2324

District Treasure Officer,
Malkangiri

OFFICE OF THE MUNICIPAL COUNCIL, MALKANGIRI
Odisha, Pin -764045 Ph: 06861-230244 e-Mail: comalkangiri@gmail.com

e- NOTICE C-3302

BID IDENTIFICATION No. EOMKG/11/2023-24

Lt. No. 1168/Dev/2024 Dated: 11.03.24

The Executive Officer, Malkangiri Municipality, Malkangiri on behalf of Governor of Odisha invites for bidders of eligible class registered with any State Govt. and bidders of equivalent grade/ class registered with central Govt./ PSU / MES/ Railways according to norm of e-procurement system in online mode for the work as per DTCN.

1. Name of the Work :- As per DTCN
2. Number of Work - 39 Nos.
3. Estimated cost : As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal: From 10 hours of Dt. 13/03/2024 to 17 hours of Dt. 21/03/2024
6. Last date and time for receipt of Bid in the Portal :- 17 hours of Dt. 21/03/2024
7. The bid received online shall be opened on 11 hours of dtd. 22/03/2024
8. Name and Address of the Officer inviting Bid: Executive Officer, Malkangiri Municipality.

OIPR-13125/11/0031/2324

Executive Officer
Malkangiri Municipality

DISTRICT TREASURY, MALKANGIRI S-

TENDER CALL NOTICE

Notice No. 76 Dated: 13.03.24

Sealed tender in prescribed form are invited by the undersigned from reputed Manpower Agencies (Service Providing Agencies) for supply of 1 nos. of unskilled Manpower.

The details of Tender Paper/ Tender schedule can be obtained on payment of Rs.500/- (Rupees Five Hundred) only in shape of D.D./Bankers' cheque in favour of the District Treasury, Malkangiri during the office hour from date 15.03.2024 to 30.03.2024 on any working days 10.00 A.M to 5.30 P.M. The cost of tender paper is not refundable and the sealed tender paper duly filled up along with all required documents must be sent through Speed Post/ Regd. Post only to District Treasury Officer, Malkangiri during the office hour of any working days from 15.03.2024 to 30.03.2024. The Last Day of receiving the Tender is 30.03.2024, 5.00 P.M. The sealed Tender will be opened on 02.04.2024 at 3.00 P.M by the Tender Committee and in presence of the Tenderers or their authorized agents. No Telegraphic/Courier tender will be accepted. The Tender Paper can also be downloaded from the District website. In case of downloading, cost of the tender paper can be paid in Demand Draft only.

However the undersigned reserves the right to reject/cancel any or all the tenders at any time without assigning any reason thereof.

OIPR-05057/11/0001/2324

District Treasure Officer,
Malkangiri

GOVERNMENT OF ODISHA CAD-4637

ST &SCDEVELOPMENT, MINORITIES & BACKWARD CLASSES WELFARE DEPARTMENT, ODISHA
OFFICE OF THE PROJECT ADMINISTRATOR,
INTEGRATED TRIBAL DEVELOPMENT AGENCY, RAIRANGPUR
e- Procurement Notice
Bid Identification No. 06 / ITDA (RRP) 2023-24

No. 1167 //2023-ITDA, RRP Dated, 13.03.2024

Bid documents consisting of works, Tender Value, Cost of Tender paper, Bid Security, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e "www.tendersodisha.gov.in"

01.	Name of the work	:	Civil Works as mentioned in DTCN
02.	No. of Works	:	3 (Three) Numbers only
03.	Estimated Cost	:	Rs. 240.00 Lakhs to Rs. 243.00 Lakhs
04.	Period of completion	:	9 (Nine) Calendar Months as per work category
05.	Date & Time of availability of bid document in the portal	:	15.03.2024 at 10.00 A.M. to 06.04.2024 05.30 hours
06.	Last date for receipt of bids in the portal	:	06.04.2024 till 5.30 hours
07.	Bid received Online shall be opened on	:	09.04.2024 at 11.00 hours onwards
08.	Name and address of the officer inviting Bid	:	Project Administrator, I.T.D.A. Rairangpur

Further details can be seen from the "www.tendersodisha.gov.in"

OIPR-19080/11/0003/2324

Project Administrator,
I.T.D.A., Rairangpur

O-2807

INVITATION FOR BIDS (IFB)
NATIONAL COMPETITIVE BIDDING THROUGH E-PROCUREMENT
IDENTIFICATION NO: RWS&S DIVN., BBSR – 47 OF 2023-24
Tel- (0674) 2384108, E-Mail: eerwss_BBSR @nic.in

The Executive Engineer, RWS&S Division, BBSR on behalf of Governor of Odisha invites bids through e-procurement in single cover system in conformity with the terms & conditions of the detailed tender call notice (DTCN) from the Contractor registered / licensed Electrical Contractor having HT license issued by Electrical license Board , Government of Odisha having valid & up to date Contractors registration certificate, GSTIN& PAN Card as given in the DTCN to be eventually drawn up in the standard Percentage rate contract form of OPWD.

Sl.No.	Nature of work:	External Electrification to Rural piped water supply for Sarakantara & its adjoining villages (Location- Zone-II Bahadalpur) under Bhubaneswar Block
1.	No. of works:	01(One)
2.	Estimated Cost:	Rs.6.96 lakhs (app.)
3.	Time for completion:	60 days
4.	Cost of bidding document:	Rs.4000/-
5.	Class of Contractors eligible:	HT
6.	Availability of bids on-line:	from 11.00 hours of 18.03.2024 hour to 17.00 hours of 28.03.2024
7.	Last date and time for seeking clarification:	up to 17.00 hours of 22.03.2024
8	Date & time of opening of technical bids & financial bids:	30.03.2024 at 11:30 Hours in the office of the Executive Engineer, RWS&S Division, BBSR (All documents should be submitted in online only. No original documents should be dropped in dropping box before opening of technical bid in Division Office).

Further details can be seen from the website https://www.tendersorissa.gov.in.

OIPR-25011/11/0043/2324

Executive Engineer,
RWS&S Division, BBSR

B-1933

Email: eepwdcuttack@gmail.com
Tel. /Fax No. (0671) 2304128

OFFICE OF THE SUPERINTENDING ENGINEER
CUTTACK (R&B) DIVISION NO.I: CUTTACK
GOVERNMENT OF ODISHA "e" procurement Notice
e-procurement Notice for Building (E.I.) Works
Bid Identification No. S.E. CTC (R&B)-70 of 2023-24

The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for building work (Fire Fighting) as mentioned below .

1. Name of the Work :- **05 (Five) Nos. of Fire Fighting Works**
2. Date & time of availability of bid document in the portal :- **From dt.15/03/2024 to 5PM of dt.27/03/2024**
3. Last date / time of receipt of bids in the portal :- **5PM of dt.27/03/2024**
4. Date & time of opening of bids :- **11 A.M of dt.28/03/2024**
5. Name and address of the Officer Inviting Bid :- **Superintending Engineer, Cuttack (R&B) Division No.I, Cuttack**

Further details can be seen from the e-procurement portal "**https://tendersodisha.gov.in**

OIPR-34091/11/0059/2324

(Er. P.K. Majhi)
Superintending Engineer
Cuttack (R&B) Division No.I

BHUBANESWAR MUNICIPAL CORPORATION C-3296
e-Procurement Notice
e-Mail:eebmcdiv3@gmail.com

No. 1801 Dated: 06.03.24

On behalf of the Commissioner, Bhubaneswar Municipal Corporation, Executive Engineer-III, BMC invites Percentage Rate Bids for the work mentioned below through e-Procurement in conformity with the terms and conditions of the Detailed Tender Call Notice (DTCN) from intending bidders fulfilling the eligibility criteria mentioned in the DTCN. Each bid should be submitted on-line through the website www.tendersodisha.gov.in by eligible bidders.

1. No. of works: Nos. 18. Nos.
2. Estimated cost- Rs. 6,19,154/- to Rs. 39,29,302/-
3. Class of contractor- D to B
4. Period of completion:30 (Thirty) Calendar Days.
5. Date and Time of Availability of Bid document in the portal: From 11:00. AM of of 13.03.2024 to 5.00 PM of 22.03.2024
6. Last date/Time of submission of bids in the portal: 05:00 PM of 22.3.2024
7. Date of opening of Bid from Portal: 11:30 AM of 27.3.2024

Tender details can be seen for the e-Procurement portal https://www.tendersodisha.gov.in & BMC Website **https://www.bmc.gov.in**

OIPR-13002/11/0355/2324

Executive Engineer
BMC Division-III

BHUBANESWAR MUNICIPAL CORPORATION C-3295
COMPETITIVE BIDDING THROUGH e-Procurement
NOTICE INVITING TENDER
Bid Reference No. BMC-EE-DD-40/2023-24 dtd. 12.03.24

No. 13205/BMC Dated: 12.03.24

On behalf of the Commissioner. Bhubaneswar Municipal Corporation (BMC). on-line e-tender Percentage Rate Bids are invited by the Superintending Engineer, Drainage Division, and BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited 11 Nos.
2. Place of Execution: Different locations in Bhubaneswar Municipal Corporation area.
3. Estimated Cost of Individual Work: Rs. 3,85,757/- to Rs. 25,95,548/-
4. **Class of Contractors- Class 'D & C' to Class-'C & B'**
5. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from 1.30 PM on **Dt 13.03.2024 to 5.30 P.M on Dt 22.03.2024** for online bidding.
7. Bids received online will be opened at **11.00A.M. on Dt.27.03.2024**
8. Any corrigendum will be displayed in the websites https://www.tendersodisha.gov.in.

Further details can be seen from the e-Procurement portal **https://www.tendersodisha.gov.in.**

OIPR-13002/11/0357/2324

Superintending Engineer
Drainage Division, BMC

GOVT OF ODISHA A-1736

OFFICE OF THE SUPERINTENDING ENGINEER, MINOR IRRIGATION DIVISION, GAJAPATI.
AT/PO: PARALAKHEMUNDI, DIST: GAJAPATI.
PHONE NO: 06815-222365, e-mail- eemi_gajapati@yahoo.co.in
e-Procurement Notice No. 869 Date. 13 /03 /2024
BID IDENTIFICATION NO. MIDGJP-09/2023-24

The **Superintending Engineer, Minor Irrigation Division Gajapati, Paralakhemundi** on behalf of Governor of Odisha invites **Percentage Rate** bid in **Single** Cover System **in ONLINE MODE** for the construction of **following works** as detailed in the **Detailed Tender Call Notice (D.T.C.N)** from the eligible class of contractors.

1. Name of the work: **Improvement to MIPs under "DPIW, MIPSP & Imp. to Check dam Scheme" -2024-25.**
2. No of works: **8 Nos. (Eight)**
3. Estimated cost: Varies approximately from **Rs. 7.00 to 12.50 Lakh.**
4. Period of completion: **02 to 04 (Two to Four) Calendar months.**
5. Date and time of availability of bid documents in the portal: from **10.00 Hours** of **19.03.2024 to 17.00 Hours of 30.03.2024.**
6. Last date/ time for receipt of bids in the portal; **17.00 Hours** of **30.03.2024.**
7. Date of opening of Bid: **11.00 Hours** on **02.04.2024.**
8. Name and address of the Officer inviting Bid: Superintending Engineer, Minor Irrigation Division, Gajapati, At/Po- Paralakhemundi, Dist- Gajapati. PIN-761200.

Further details can be seen from the e-procurement portal **https://tendersodisha.gov.in**

OIPR-32013/11/0009/2324

Superintending Engineer
MI Division, Gajapati
Paralakhemundi

BHUBANESWAR DEVELOPMENT AUTHORITY CAD-4631
AKASH SHOVA BUILDING,
SACHIVALAYA MARG, BHUBANESWAR – 751001
Visit us at: http://www.bda.gov.in

INVITATIONS FOR BIDS (IFB)

Bid Identification No. 467 **dated 13.03.2024**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in double Cover system conforming to the Detailed Tender Call Notice (DTCN) from Electrical Contractors having **valid MV and above license** registered under Government of Odisha, having PAN and valid EPF & ESI registration No., GST Certificate for the item of work mentioned in the table below.

Sl No	Name of work	Estimated Cost (in Rs)	EMD (in Rs)	Cost of Tender Paper (In Rs)	Period of Completion
(1)	(2)	(3)	(4)	(5)	(6)
1.	Illumination of the pathway and Park area for SP-5 Park and play ground in old AG Colony, Bhubaneswar	29,46,576.00	1% of the estimated cost put to tender. (Through online transfer by the last date & time for receipt of bids)	6,000/- +GST @18% (Through online transfer by the last date & time for receipt of bids)	30(Thirty) days

2. The Bid documents will be available in the website: *https://tendersodisha.gov.in* from 16.03.2024 to 27.03.2024 up to **17.00 Hours.**
3. Bids along with cost of tender paper and EMD (Bid Security) shall be received only **"On line"** on or before **27.03.2024** up to **17.00 Hours**. The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website: *https://tendersodisha.gov.in*

OIPR-13033/11/0741/2324

Executive Engineer
Division-IV, BDA

A-1735

GOVERNMENT OF ODISHA
OFFICE OF SUPERINTENDING ENGINEER
MINOR IRRIGATION DIVISION, MALKANGIRI
E-mail ID: midivmalkangiri@gmail.com
NOTICE INVITING TENDER
e-Procurement Notice
Bid Identification No. SEMIDMKG-07/2023-24
Letter No. 511 Dt.12.03.2 024

The Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids in Single cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1.	Name of the work	:	Improvement to MI Tank at MV-119 in Korukonda Block of Malkangiri District under MIPSP Scheme.
2.	Total Number of work	:	01 (One) No.
3.	Estimated cost	:	Approximately Rs. 8.47 lakhs
4.	Period of completion	:	02(Two) Calender Months
5.	Class of Contractor	:	"D" &"C" Class Contractor
6.	Date and time of availability of bid documents in the portal	:	From 10.00 A.M of 18.03.24 to 5.00 PM of 02.04.2024
7.	Last date /time for receipt of bids in the portal	:	5.00 pm on 02.04.2024
8.	Date of opening of bid	:	At 11.00 am on 03.04.2024 in website (www.tendersorissa.gov.in)
9.	Submission of Bids	:	Online mode
10.	Name of the Officer inviting Bid	:	Superintending Engineer, Minor Irrigation Division,Malkangiri

11. Further details can be seen from the Government of Odisha website www.tendersorissa.gov.in

OIPR-32364/11/0009/2324

Superintending Engineer
M.I. Division, Malkangiri

ଅବଶିଷ୍ଟାଂଶ...

ପେଟ୍ରୋଲ୍, ଡିଜେଲ୍...

ହୋଇଛି । ମୂଲ୍ୟ ଯୁକ୍ତ ଟିକସ(ଭାଟ୍)କୁ ହିସାବକୁ ନେଲେ ଖାଉଟିଙ୍କ ପାଇଁ ପେଟ୍ରୋଲ ଲିଟର ପିଛା ୨ ଟଙ୍କା ୫୮ ପଇସା ଏବଂ ଡିଜେଲ ୨ ଟଙ୍କା ୪୮ ପଇସା କମ୍ ରହିବ । ଯଦିବା ସରକାର ପେଟ୍ରୋଲ ମୂଲ୍ୟରେ ଲିଟର ପିଛା ୨ ଟଙ୍କା ହ୍ରାସ କରିଛନ୍ତି ତଥାପି ଦର ଏବେ ମଧ୍ୟ ଲିଟର ପିଛା ୧୦୦ ଟଙ୍କା ଉପରେ ରହିଛି । ନୂଆ ଦର ଶୁକ୍ରବାର ସକାଳ ୬ଟାଠାରୁ ଲାଗୁ ହେବ । ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏହି ହ୍ରାସକୁ କେନ୍ଦ୍ର ସରକାରଙ୍କର ଖାଉଟିଙ୍କୁ ନିର୍ବାଚନୀ ଥୋପ କୁହାଯାଉଛି ।

ଏଠାରେ ସୂଚନାଯୋଗ୍ୟ ଯେ, ଖୁଚୁରା ବଜାରରେ ପେଟ୍ରୋଲ ଏବଂ ଡିଜେଲ ଦର ୧୦୦ ଟଙ୍କା ଉପରେ ରହିବା ପରେ ଏଥିରେ ହ୍ରାସ ଘଟାଇବା ଲାଗି ଖାଉଟିଙ୍କ ଆଡୁ ଦୀର୍ଘ ଦିନ ହେବ ଦାବି ହୋଇଆସୁଥିଲା । ଅନ୍ତର୍ଜାତୀୟ ବଜାରରେ ତୈଳ ଦର ସ୍ଥିର ହେଲେ ଘରୋଇ ବଜାରରେ ମୂଲ୍ୟ ହ୍ରାସ କରାଯାଇପାରେ ବୋଲି ନିକଟରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ୍ ସିଂହ ପୁରୀ ସୂଚନା ଦେଇଥିଲେ ।

ମତି-ଭ୍ରମ...

ସରକାର ଗଠନ ନେଇ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସାମାଜିକ ଗଣମାଧ୍ୟମରେ 'ଏକ୍ସ'ରେ ମଧ୍ୟ ଏ ନେଇ ଏକ ପୋଷ୍ଟ କରିଥିଲେ ମନମୋହନ । ମାତ୍ର କିଛି ସମୟ ପରେ ବଦଳିଗଲା ତାଙ୍କର ଚେହେରା ଓ ଗଳାର ସ୍ୱର । ଗଣମାଧ୍ୟମ ସମ୍ମୁଖକୁ ଆସି ନିଜେ କହିଥିବା କଥାକୁ ଢ଼ୋକି ଦଳ ସଂକ୍ରାନ୍ତ ସମସ୍ତ ନିଷ୍ପତ୍ତି ରାଷ୍ଟ୍ରୀୟ ସଭାପତି ଓ ସଂସଦୀୟ ବୋଡର୍ ନେବ ବୋଲି କହିଲେ । ଏପରିକି ରାଜ୍ୟ ସଂକ୍ରାନ୍ତରେ ସଂସଦୀୟ ବୋଡର୍ ନିଷ୍ପତ୍ତି ଚୂଡ଼ାନ୍ତ ବୋଲି କହିଲେ । କେବଳ ସେତିକି ନୁହେଁ; ସବୁ ଦୋଷ ଗଣମାଧ୍ୟମ ଉପରକୁ ଠେଲି ମିଛ ଖବର ପ୍ରକାଶ କରାଯାଉଥିବା ମନ୍ତବ୍ୟ ଦେଲେ । ଏହାପରେ ତାଙ୍କୁ ପୁଣି ଦିଲ୍ଲୀରୁ ଡ଼କରା ଆସିଥିବା ଖବର ଆସିଲା ।

କେଇ ଘଣ୍ଟା ମଧ୍ୟରେ ମନମୋହନଙ୍କ ଏହି ପରିବର୍ତ୍ତନକୁ ନେଇ ଗଣମାଧ୍ୟମଠାରୁ ରାଜନୈତିକ ମହଲ ଓ ରାଜ୍ୟବାସୀ ଆଶ୍ଚର୍ଯ୍ୟ ହୋଇଛନ୍ତି । ରାଜ୍ୟରେ ମେଣ୍ଟ ନେଇ ଶାସକ ବିଜେଡି କୌଣସି ଟୀକା ଟିପ୍ପଣୀ ଦେଇ ନାହିଁ । ରାଜ୍ୟର ହିତ ପାଇଁ ବିଜେଡି ସଭାପତିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ଦଳର ନେତାମାନେ କହି ଆସିଛନ୍ତି । ମାତ୍ର ବିଜେପିର ରାଜ୍ୟ ନେତାମାନେ ଏ ସମ୍ପର୍କରେ ଭିନ୍ନଭିନ୍ନ ଟିପ୍ପଣୀ ଦେଇ ଚାଲିଛନ୍ତି । ମେଣ୍ଟକୁ ନେଇ ବିଜେପି ନେତାଙ୍କ ପାଟିରେ ବାଟୁଳି ବାଜୁନାହିଁ । ମନମୋହନ ବି ଅନେକ ବାର ମେଣ୍ଟ କଥା କହିଛନ୍ତି । ମାତ୍ର ଅକସ୍ମାତ କେଉଁ ପରିସ୍ଥିତିରେ ମନମୋହନ ଛେପ ଢ଼ୋକି ନିଜ ମତ ପରିବର୍ତ୍ତନ କଲେ ତାହା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମ୍ଭବତଃ ଦଳର ଶୀର୍ଷ ନେତୃତ୍ୱ ମନମୋହନଙ୍କୁ ବିଶ୍ୱାସକୁ ନେଉନାହାନ୍ତି, ଯେଉଁଥିପାଇଁ ସେ ନିଜରେ ଦ୍ୱନ୍ଦ୍ୱରେ ରହୁଛନ୍ତି ଓ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ରଖୁଛନ୍ତି ବୋଲି ସାଧାରଣ ଲୋକମାନେ ବି ଚର୍ଚ୍ଚା କରିବା ଆରମ୍ଭ କଲେଣି ।

ଗତ ୮ ଦିନ ହେଲାଣି ରାଜ୍ୟରେ ସମ୍ଭାବ୍ୟ ମେଣ୍ଟକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି । ନିଜେ ମନମୋହନ ଓ ବିଜେପିର ଅନ୍ୟ ବରିଷ୍ଠ ନେତାଏ ଦିଲ୍ଲୀକୁ ବାରମ୍ବାର ଗସ୍ତ କରିବା ସହ ତୁହାକୁ ତୁହା ବୈଠକ କରିଛନ୍ତି । ଦଳର ବରିଷ୍ଠ ନେତା ଜୁଏଲ ଓରାମ ଦିଲ୍ଲୀରେ ମେଣ୍ଟ ଆଲୋଚନା ହୋଇଥିବା ନେଇ ପରୋକ୍ଷରେ ସ୍ୱୀକାର କରିଛନ୍ତି । ତେବେ ଆଜି ମନମୋହନ ଦିଲ୍ଲୀରୁ ଫେରିବା ପରେ ଦଳୀୟ କାର୍ଯ୍ୟାଳୟରେ ଆମେ ରାଜ୍ୟରେ ଓଡ଼ିଆ ଅସ୍ମିତାକୁ ପାଥେୟ କରି ଏକାକୀ ନିର୍ବାଚନ କରିବୁ ଏବଂ ପ୍ରଥମଥର ସରକାର ଗଠନ କରିବୁ ବୋଲି କହିଲେ । ମେଣ୍ଟ ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ମନମୋହନ ବୁଲେଇବଙ୍କେଇ ଉତ୍ତର ଦେଲେ । ଏପରିକି ନିଜ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଭୟେ ମନମୋହନ ଏକାକୀ ସରକାର ଗଠନ କରିବ ବୋଲି ପୋଷ୍ଟ କଲେ । ମାତ୍ର ଘଣ୍ଟାକ ପରେ ଚିତ୍ର ବଦଳିଗଲା, ଉକ୍ତ ପୋଷ୍ଟ ଏକ୍ସରୁ ହଟିଗଲା । ସେ କେବେ ମେଣ୍ଟ ଶବ୍ଦ ନେଇନାହାନ୍ତି, ଗତ ୮ ଦିନ ହେବ ସାମାଜିକ ଗଣମାଧ୍ୟମ ଏବଂ ଗଣମାଧ୍ୟମ ଭୁଲ୍ ଏବଂ ଗୁଜବ ପ୍ରସାରଣ କରୁଛି ବୋଲି କହିଲେ । ଏପରିକି ଗଣମାଧ୍ୟମ ଯୋଗୁଁ ଦଳର କର୍ମୀ ମାନସିକ ଦ୍ୱନ୍ଦରେ ଥିବା ନେଇ ସେ ଅଭିଯୋଗ କଲେ । ଯାହାକୁ ନେଇ ରାଜନୈତିକ ସମୀକ୍ଷକମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ମନମୋହନଙ୍କ ଆଗଚଲା ଗୁଣ ଯୋଗୁଁ ଦିଲ୍ଲୀ ନେତୃତ୍ୱ ସମ୍ଭବତଃ ତାଙ୍କ ଉପରେ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ଏଥିପାଇଁ ମନମୋହନଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ ବୋଲି ଗୁଞ୍ଜରଣ ସୃଷ୍ଟି ହୋଇଛି ।

ମାରାଥନ ବୈଠକ...

ସୁଧୀର ସାମଲ, ଡ଼ ଅରୁଣ କୁମାର ସାହୁ, ପ୍ରଫୁଲ୍ଲ ମଲ୍ଲିକ, ଦେବେଶ ଆଚାର୍ଯ୍ୟ, ପ୍ରତାପ ଜେନା, ପଦ୍ମନାଭ ବେହେରା, ସୁଶାନ୍ତ ସିଂ, ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା, ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା, ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ, ବିଜୟ ନାୟକ, ଅମରେଶ ଜେନା, ଈଶ୍ୱର ପାଣିଗ୍ରାହୀଙ୍କ ସମେତ ସମସ୍ତ ଜିଲ୍ଲା ପର୍ଯ୍ୟବେକ୍ଷକମାନେ ଜଣକ ପରେ ଜଣେ ନବୀନ ନିବାସରେ ପ୍ରବେଶ କରିଥିଲେ ।

ଆରମ୍ଭରୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସଂକ୍ରାନ୍ତରେ ଜଣଜଣ କରି ଆଲୋଚନା କରିଥିଲେ । ଅପରାହ୍ନ ୪.୩୦ରୁ ସଂଧ୍ୟା ୭.୩୦ ପର୍ଯ୍ୟନ୍ତ ଦୀର୍ଘ ଅଢ଼େଇ ଘଣ୍ଟା ଧରି ପ୍ରତି ଜିଲ୍ଲାର ପ୍ରତ୍ୟେକ ନିର୍ବାଚନ କ୍ଷେତ୍ର ସମ୍ପର୍କରେ ପର୍ଯ୍ୟବେକ୍ଷକଙ୍କୁ ପଚାରି ବୁଝିଥିଲେ । ଦଳର ସାଂଗଠନିକ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିବା ସହିତ ଆଗାମୀ ନିର୍ବାଚନରେ ବିପୁଳ ଓ ବଡ଼ ବ୍ୟବଧାନରେ ବିଜୟୀ ହେବା ନିମନ୍ତେ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ବୈଠକ ପରେ ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ ଆଜି ଆମ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ଶୀର୍ଷ ନେତୃତ୍ୱ ଏବଂ ପର୍ଯ୍ୟବେକ୍ଷକମାନଙ୍କ ସହ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜିଲ୍ଲାୱାରୀ ଆଲୋଚନା କରିଥିଲେ । ସଭାପତି ସମସ୍ତଙ୍କ ଠାରୁ ଜିଲ୍ଲାର ସ୍ଥିତି ସମ୍ପର୍କରେ ଶୁଣିଥିଲେ ଆଉ ଜରୁରୀ ପରାମର୍ଶ ଦେଇଥିଲେ ।

ସବୁ ଜିଲ୍ଲାର...

ଦାଖଲ, ଡକ୍ୟୁମେଣ୍ଟ ଅପଲୋଡ୍ କରିବା, ସିଙ୍ଗିଲ୍ ୱିଣ୍ଡୋ ପୋର୍ଟାଲ ବ୍ୟବସ୍ଥା, ତ୍ରୁଟି ଯାଞ୍ଚ ଆପ୍ଲିକେସନ୍ ଓ ମ୍ୟାସେଜ୍ ଆଲର୍ଟ ଭଳି ସୁବିଧା ରହିଛି । ପୂରା ବ୍ୟବସ୍ଥାରେ ସାଇବର୍ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି । ଏହି ୱେବ୍‌ସାଇଟ୍ ପ୍ରତ୍ୟେକ ଦିନ ୨୪ ଘଣ୍ଟିଆ କାମ କରିବ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଆଇଟି ଅଧିନରେ ବିଭିନ୍ନ ନୀତି ଅନୁସାରେ ପ୍ରୋତ୍ସାହନ ପାଇବା ଲାଗି କମ୍ପାନୀମାନଙ୍କ ପାଇଁ ଏହି ୱେବ୍‌ସାଇଟ୍ ବେଶ୍ ଉପାଦେୟ ହୋଇପାରିବ । ଏହି ପଦକ୍ଷେପ କେବଳ ବୈଷୟିକ ଆଧାରିତ ନୁହେଁ, ବରଂ ପ୍ରତ୍ୟେକଙ୍କ ନିକଟରେ ସ୍ୱଚ୍ଛ, ବ୍ୟବହାର ଉପଯୋଗୀ ସରକାରୀ ସେବା ପହଞ୍ଚାଇବାର ପ୍ରମୁଖ ମାଧ୍ୟମ ସାଜିବ । ଷ୍ଟାଣ୍ଡାର୍ଡ ୱେବ୍‌ସାଇଟ୍ ଫ୍ରେମ୍‌ୱାର୍କ ମାନକ ଆଧାରରେ ସମସ୍ତ ୩୦ଟି ଜିଲ୍ଲା ପାଇଁ ୱେବ୍‌ସାଇଟ୍ ଉନ୍ମୋଚନ କରାଯିବା, ରାଜ୍ୟ ସରକାରଙ୍କ ଆଇଟି ଭିତ୍ତିଭୂମି ରୂପାନ୍ତରଣ ଅଭିଯାନର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିଛି । ପ୍ରତ୍ୟେକ ବର୍ଗର ଲୋକ ଏହି ୱେବ୍‌ସାଇଟ୍ ସହଜରେ ଉପଯୋଗ କରିପାରିବେ । ଏପରି ପଦକ୍ଷେପ ସମଗ୍ର ଦେଶ ପାଇଁ ଉଦାହରଣ ସୃଷ୍ଟି କରିଥିବା ଆମର ୫-ଟି ଶାସନ ବ୍ୟବସ୍ଥାରେ ପାରଦର୍ଶିତା ଓ ଦକ୍ଷତା ବିକାଶ ଲକ୍ଷ୍ୟକୁ ଆହୁରି ରୁଦ୍ଧିମନ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସବ୍ୟକ୍ତ କରିଛନ୍ତି । ରାଜ୍ୟ ଆଇଟି ବିଭାଗ, ନାସକମ୍ ଓ ଅନ୍ୟ ଶିଳ୍ପ ଅନୁଷ୍ଠାନ ସହାୟତାରେ ଆଇଟି, ଆଇଟିଇଏସ୍, ଇଲେକ୍ଟ୍ରୋନିକ୍ସ କମ୍ପାନୀ ମାନଙ୍କ ପାଇଁ ଏହି ପୋର୍ଟାଲର ଉପଯୋଗୀ ନିମନ୍ତେ ପ୍ରଶିକ୍ଷଣ ଆରମ୍ଭ ପାଇଁ ଲକ୍ଷ୍ୟ ରଖିଛି ।

ଏହି ଅବସରରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ରୂପାନ୍ତରଣ ଆଣିବାରେ '୫-ଟି' ଉପକ୍ରମ ବେଶ୍ ସଫଳ ହୋଇଛି । ଏପରିକି କୋଭିଡ୍ ମହାମାରୀ ସମୟରେ ମଧ୍ୟ ପ୍ରତିକୂଳ ପରିସ୍ଥିତି ସହିତ ଲଢ଼ିବା ପାଇଁ '୫-ଟି' ଉପକ୍ରମ ଆମକୁ ବଳ ଦେଇଥିଲା । ଏଥିରେ ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନର ଭୂମିକା ପ୍ରଶଂସନୀୟ ରହିଥିଲା । '୫-ଟି' ଉପକ୍ରମରେ ଆମେ ବହୁତ ସଫଳ ପ୍ରକଳ୍ପ କାର୍ଯ୍ୟକାରୀ କରିପାରିଛୁ । ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ଠାରୁ ଆରମ୍ଭ କରି ମୋ କଲେଜ, ମୋ ବସ୍, ଲକ୍ଷ୍ମୀ, ଆମ ହସ୍ପିଟାଲ, ଆମ ବ୍ୟାଙ୍କ, ମନ୍ଦିର ଓ ଅନ୍ୟ ଧାର୍ମିକ ପୀଠର ବିକାଶ, କ୍ରୀଡ଼ା ଭିତ୍ତିଭୂମିର ବିକାଶ ତଥା ଅନେକ କାର୍ଯ୍ୟକ୍ରମର ସଫଳତା ପଛରେ ବୈଷୟିକ କୌଶଳର ଉପଯୋଗ ଏବଂ ମିଳିତ ଉଦ୍ୟମ ରହିଛି ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଛନ୍ତି ।

କାର୍ଯ୍ୟକ୍ରମରେ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ ଓଡ଼ିଶାବାସୀଙ୍କୁ ସ୍ୱଚ୍ଛ, ଜନକେନ୍ଦ୍ରିକ ଶାସନ ପ୍ରଦାନ କରିବା ପୂର୍ବକ ସେମାନଙ୍କ ସେବା କରିବା ପାଇଁ ଆମର ପ୍ରତିବଦ୍ଧତା ଆମର ଇ-ପ୍ରଶାସନ ପଦକ୍ଷେପରେ ପ୍ରତିଫଳିତ ହେଉଛି । ଅତ୍ୟାଧୁନିକ ଡିଜିଟାଲ ସେବାକୁ ସର୍ବତ୍ର ଉପଲବ୍ଧ କରାଇବା ଲକ୍ଷ୍ୟରେ ଜିଲ୍ଲା ୱେବ୍‌ସାଇଟ୍ ଗୁଡ଼ିକୁ ପ୍ରସ୍ତୁତ କରାଯାଇଛି । ପୁଞ୍ଜିନିବେଶ ଆଣିବା ଏବଂ ବିକାଶ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଅନ୍‌ଲାଇନ୍ ଇନସେନଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ ଯୁଗାନ୍ତକାରୀ ସାବ୍ୟସ୍ତ ହେବ ବୋଲି ଶ୍ରୀ ବେହେରା କହିଛନ୍ତି । ଆଇଟି ବିଭାଗ ପ୍ରମୁଖ ସଚିବ ତଥା ଓକାକ୍ ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ମିଶ କହିଛନ୍ତି ଯେ ଏସ୍‌ଡବ୍ଲୁଏଫ୍ ଅତ୍ୟନ୍ତ ସୁରକ୍ଷିତ ଏବଂ ମାପନୀୟ ପ୍ଲାଟଫର୍ମ ଯାହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ବହୁତ କମ । ଜିଲ୍ଲା ଗୁଡ଼ିକ ଗୋଟିଏ ୱେବ୍‌ସାଇଟ୍ ବ୍ୟବହାର କରିବା ଦ୍ୱାରା ଭାରତ ସରକାରଙ୍କ ୱେବ୍‌ସାଇଟ୍ ମାର୍ଗଦର୍ଶିକା ଓ ରାଜ୍ୟ ଆଇଟି ମାର୍ଗଦର୍ଶିକାର ଅନୁପାଳନ ସୁନିଶ୍ଚିତ ହେବ । ସେହିପରି ସରକାରୀ ସେବା ଏବଂ ପ୍ରଶାସନିକ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ଦିଗରେ ଇନସେନ୍‌ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ବ୍ୟବସ୍ଥା ସରକାରଙ୍କର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି । ଏହା କଣ୍ଟେଣ୍ଟ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ସିଏମ୍‌ଏସ୍) ୱେବ୍‌ସାଇଟ୍ ବ୍ୟବହାରକାରୀଙ୍କୁ ଅଧିକ ସ୍ୱାଧୀନତା ପ୍ରଦାନ କରିବ । ଏଥିରେ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷା ବ୍ୟବହାର କରାଯାଇପାରିବ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓକାକ୍ ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା, ସିଇଓ ମନୋଜ ପଟ୍ଟନାୟକ, ଜେନେରାଲ ମ୍ୟାନେଜର ମଧୁମିତା ରଥ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ ।

'ଏକ ରାଷ୍ଟ୍ର...

ପରିବର୍ତ୍ତନ ଆଣିବାକୁ ମଧ୍ୟ କମିଟି କହିଛି । ଏକସଙ୍ଗେ ଲୋକସଭା ଏବଂ ବିଧାନସଭା ନିର୍ବାଚନ କରିବାକୁ ହେଲେ ସମ୍ବିଧାନର ୫ଟି ଧାରାର ସଂଶୋଧନ କରାଯିବା ଦରକାର । ସଂସଦର ଦୁଇ ସଦନର କାର୍ଯ୍ୟକାଳ ସମ୍ପର୍କିତ ସମ୍ବିଧାନର ଧାରା ୮୩ ଓ ରାଷ୍ଟ୍ରପତିଙ୍କ ଦ୍ୱାରା ଲୋକସଭା ଭଙ୍ଗ ସଂକ୍ରାନ୍ତୀୟ ଧାରା ୮୫, ବିଧାନସଭାର କାର୍ଯ୍ୟକାଳ ସଂକ୍ରାନ୍ତୀୟ ଧାରା ୧୭୨, ବିଧାନସଭା ଭଙ୍ଗ ସଂକ୍ରାନ୍ତୀୟ ଧାରା ୧୭୪ ଓ ରାଜ୍ୟଗୁଡ଼ିକରେ ରାଷ୍ଟ୍ରପତି ଶାସନ ଲାଗୁ କରାଯିବା ସଂକ୍ରାନ୍ତୀୟ ଧାରା ୩୫୬କୁ ନେଇ ମୋଟ ୫ଟି ଧାରାର ସଂଶୋଧନ ଦରକାର ବୋଲି କମିଟି କହିଛି । ଏହା ବ୍ୟତୀତ ଦଳବଦଳ କାରଣରୁ ସାଂସଦ ଓ ବିଧାୟକମାନଙ୍କୁ ଅଯୋଗ୍ୟଘୋଷଣା କରାଯିବା ନିମନ୍ତେ ସମ୍ବିଧାନର ୧୦ମ ପରିଚ୍ଛେଦରେ ଯେଉଁ ବ୍ୟବସ୍ଥା ରହିଛି ସେଥିରେ ମଧ୍ୟ କିଛି ପରିବର୍ତ୍ତନ ଅଣାଯିବା ଦରକାର ବୋଲି କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ସେପ୍ଟେମ୍ବର ୨, ୨୦୨୩ ରେ ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯାଇଥିଲା । ଏଥିରେ ୮ ଜଣ ସଦସ୍ୟ ରହିଥିଲେ । ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ବ୍ୟତୀତ ଗୃହମନ୍ତ୍ରୀ ଅମିତ ଶାହ ,ପୂର୍ବତନ ସାଂସଦ ଗୁଲାମ ନବୀ ଆଜାଦ ଏବଂ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କୁ ଏହି କମିଟିରେ ସ୍ୱତନ୍ତ୍ର ସଦସ୍ୟ ଭାବେ ସାମିଲ କରାଯାଇଥିଲା । ଅନୁଧ୍ୟାନ ବେଳେ ୧୯୫୧-୫୨ ରୁ ୧୯୬୭ ମଧ୍ୟରେ ତିନୋଟି ନିର୍ବାଚନର ତଥ୍ୟ ବ୍ୟବହାର କରାଯାଇଥିଲା । ଯଦି ସମସ୍ତ ପକ୍ଷ ଆଇନ ଆୟୋଗର ପ୍ରସ୍ତାବରେ ସହମତ ହୁଅନ୍ତି ତେବେ କମିଟି କରିଥିବା ସୁପାରିସ୍ ୨୦୨୯ ରୁ କାର୍ଯ୍ୟକାରୀ କରାଯାଇପାରିବ । ଏଥିସହ ଡିସେମ୍ବର ୨୦୨୬ ସୁଦ୍ଧା ୨୫ ଟି ରାଜ୍ୟରେ ବିଧାନସଭା ନିର୍ବାଚନ କରିବାକୁ ପଡିବ ବୋଲି ଏହି ରିପୋର୍ଟରେ କୁହାଯାଇଛି । ସେହିପରି ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲେଙ୍ଗାନା, ଛତିଶଗଡ ଏବଂ ମିଜୋରାମ ବିଧାନସଭାର କାର୍ଯ୍ୟକାଳ ଜୁନ୍ ୨୦୨୯ ପର୍ଯ୍ୟନ୍ତ ୬ ମାସ ବୃଦ୍ଧି କରିବାକୁ ପଡ଼ିବ । ଏହା ପରେ ସମସ୍ତ ରାଜ୍ୟରେ ଏକକାଳୀନ ବିଧାନସଭା ଓ ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇପାରିବ ।

ମହିଳା ସଶକ୍ତୀକରଣର ଅନନ୍ୟ...

ଶକ୍ତି ଉଦ୍ୟୋଗ ପ୍ରତିଷ୍ଠା ହୋଇଛି । ଏଥି ମଧ୍ୟରେ ୭ଟି ମିଲେଟ୍ ଶକ୍ତି କାଫେ, ୮ଟି ମିଲେଟ୍ ଶକ୍ତି କେନ୍ଦ୍ର, ୧୭୫ଟି ମିଲେଟ୍ ଟିଫିନ୍ କେନ୍ଦ୍ର, ୪ଟି ଭ୍ରାମ୍ୟମାଣ ମିଲେଟ୍ କେନ୍ଦ୍ର, ଅଙ୍ଗନବାଡି କେନ୍ଦ୍ର ପାଇଁ ୫୯ଟି ରାଶି ଲଡୁ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ୨୪୦୯ ମିଲେଟ୍ ଉଦ୍ୟୋଗୀଙ୍କୁ ସହାୟତା ପ୍ରଦାନ କରାଯାଇଛି ବୋଲି ଡ଼. ମିଶ୍ର କହିଛନ୍ତି ।

ସେହିପରି ବିଜେଡି ପ୍ରବକ୍ତା ଶ୍ରୀମୟୀ ମିଶ୍ର କହିଛନ୍ତି ଯେ ମିଶନ ଶକ୍ତି ଏକ ସ୍ୱାଧୀନ ବିଭାଗ, ଯାହାର ନିଜସ୍ୱ ବଜେଟ୍ ଅଛି । ଏହା ସମସ୍ତ ଏସଏଚଜି ପଦକ୍ଷେପକୁ ଗୋଟିଏ ମଞ୍ଚରେ ଏକତ୍ର କରିଛି । ଧାନ କିଣାଠାରୁ ଆରମ୍ଭ କରି ବିଦ୍ୟୁତ ମିଟର ରିଡିଂ ଏବଂ ବ୍ୟାଙ୍କ ମିତ୍ର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ମିଶନ ଶକ୍ତିର ମହିଳାମାନେ ତୁଲାଉଛନ୍ତି । ସେମାନଙ୍କୁ ପୋଷାକ- ୟୁନିଫର୍ମ ଟୁ ବ୍ଲେଜର ବାବଦରେ ୭୩୦ କୋଟି ବଜେଟ୍ ସହାୟତା ପ୍ରଦାନ କରାଯାଇଛି । ଦାୟିତ୍ୱ ସମ୍ପାଦନ ପାଇଁ ସରକାର ସେମାନଙ୍କୁ ସ୍କୁଟି ଯୋଗାଇ ଦେଇଛନ୍ତି । ଟାର୍ଗେଟ ଗ୍ରୁପରେ ୭୫୦୦୦ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ ୧୨, ୦୦୦ ବ୍ୟବସାୟି ପ୍ରତିନିଧିଣନିୟୋଜିତ ହୋଇଛନ୍ତି । ୪୦, ୦୦୦ ସଦସ୍ୟ ଏହି ସେବାର ଲାଭ ଉଠାଇଛନ୍ତି ଏବଂ ଆସନ୍ତା ପାଞ୍ଚ ବର୍ଷ ପାଇଁ ୫୨୮ କୋଟିର ବଜେଟ୍ ସହାୟତା ପ୍ରଦାନ କରାଯାଇଛି । ଅଧିକ ଜ୍ଞାନକୌଶଳ ଆହରଣ ନିମନ୍ତେ ୫୦୦ରୁ ଅଧିକ ଏସ୍‌ଏଚ୍‌ଜି ମୁଖ୍ୟଙ୍କୁ ଦୁବାଇ ଓ ସିଙ୍ଗାପୁର ଗସ୍ତ ସୁଯୋଗ ମିଳିଛି । ଲିଙ୍ଗଗତ ଭେଦଭାବ ଦୂର ପାଇଁ ଲକ୍ଷ୍ମୀ ସ୍କିମ୍‌ରେ ଏସ୍‌ଏଚ୍‌ଜିମାନଙ୍କୁ କଣ୍ଡକ୍ଟର ନିଯୁକ୍ତି, ଟିକେଟ୍, ଭଡ଼ା ଆଦାୟ, ନଗଦ ଜମା ଇତ୍ୟାଦି ଭୂମିକା ପ୍ରଦାନ କରିବାର ସୁଯୋଗ ପ୍ରଦାନ କରିଛି ବୋଲି ଶ୍ରୀମୟୀ କହିଛନ୍ତି ।।

ରାଜ୍ୟର ଅର୍ଥନୈତିକ କାର୍ଯ୍ୟକଳାପ ସହିତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ କିପରି ଜଡ଼ିତ ରହିଛନ୍ତି ସେ ସଂକ୍ରାନ୍ତରେ ବିଜେଡି ମୁଖପାତ୍ର ହୃୟ କହିଛନ୍ତି ଯେ ୨୦୦୯ ମସିହାରେ ସ୍ୱୟଂ ସହାୟକ ଗୋଷ୍ଠୀ

ଛେଉଣ୍ଡ ୨ ନାବାଳକଙ୍କୁ ବାଲିଜୋରୀ ସେବାଶ୍ରମରେ ଥଇଥାନ ଯୋଜନା

ସୁନ୍ଦରଗଡ଼, ୧୪।୩(ସମିସ): ବାପାମାଆଙ୍କ ମୃତ୍ୟୁ ପରେ ଘୋର ଦୁର୍ଦ୍ଦଶାରେ କାଳାତିପାତ କରୁଥିବା ସୁନ୍ଦରଗଡ଼ ସଦର ବ୍ଲକ ଦେଉଳୀ ପଞ୍ଚାୟତ ମୁଗ୍ରିପଡ଼ାର ୨ ନବାଳକଙ୍କ ସମ୍ପର୍କିତ ଖବର ଗୁରୁବାର 'ସକାଳ'ରେ ପ୍ରକାଶ ପାଇବା ପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଦୁଇ ନାବାଳକଙ୍କ ଥଇଥାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ନାବାଳାକ ଦ୍ୱୟଙ୍କୁ ଉଦ୍ଧାର କରି ଟାଙ୍ଗରପାଲି ବ୍ଲକ ବୋଲିଜୋରୀସ୍ଥିତ ଶିଶୁ ସେବାଶ୍ରମରେ ରଖିବାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ସେବାଶ୍ରମ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ସେବାଶ୍ରମ ସୁପରିନଟେଣ୍ଡେଣ୍ଟ ଟିକେଶ୍ୱର ସାହୁ ଦେଉଳୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରି ତାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଦେଉଳୀ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିବା କରନ ମୁଣ୍ଡା (୧୨) ଓ ଗାଁ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପଢୁଥିବା ତାଙ୍କ ସାନଭାଇ

କବିର ମୁଣ୍ଡା (୯)ଙ୍କ ସ୍କୁଲ ପରୀକ୍ଷା ଚାଲିଥିବାରୁ ପରୀକ୍ଷା ସରିବା ପରେ ତାଙ୍କୁ ଉକ୍ତ ସେବାଶ୍ରମରେ ରଖାଯାଇ ପାଠ ପଢ଼ାଇବାକୁ ଯୋଜନା କରାଯାଇଛି।

'ସକାଳ' ପ୍ରଭାବ

ସୂଚନାଯୋଗ୍ୟ, ଉକ୍ତ ୨ ନାବାଳକଙ୍କ ବାପା ସୁରେଶ ମୁଣ୍ଡା ୪ ବର୍ଷ ତଳେ ରୋଗରେ ପୀଡ଼ିତ ହୋଇଥିଲେ। ତେବେ ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ନ ପାଇ ତାଙ୍କ ମୃତ୍ୟୁ ଘଟିଥିଲା। କିଛିମାସ ତଳେ ମା' ବାସନ୍ତୀ ମଧ୍ୟ ଜଣ୍ଡିସରେ ଆକ୍ରାନ୍ତ ହୋଇ ଉପଯୁକ୍ତ ଚିକିତ୍ସା ନ ପାଇବାରୁ ତାଙ୍କ ମୃତ୍ୟୁ ଘଟିଛି। ବାପା ମାଆଙ୍କ ମୃତ୍ୟୁ ପରେ କରନ ଓ କବିର ବେସାହାରା ହୋଇଯାଇଛନ୍ତି। ତାଙ୍କ ଅଜା ରାମ (୬୫) ଆଈ ରଉଡ଼ି (୬୩) ତାଙ୍କୁ ଆଶ୍ରୟ ଦେଇଥିଲେ ହେଁ ବୃଦ୍ଧାବସ୍ଥା ଏବଂ ଦାରିଦ୍ର୍ୟ ଯୋଗୁଁ ସେମାନେ ଠିକ ଭାବେ ଲାଳନପାଳନ କରିପାରୁ ନାହାନ୍ତି। ତାଙ୍କ ବାର୍ଦ୍ଧକ୍ୟ ଭତ୍ତାରେ ନିଜ ପେଟ ପୋଷିବା ସହ ଏହି ଦୁଇ ପିଲାଙ୍କ ପେଟ ଚଳୁଛି। ସମ୍ପୃକ୍ତ ୨ ନାବାଳକଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ଏ ସ୍ଥିତିରେ ଉକ୍ତ ନାବାଳକଙ୍କୁ ପ୍ରଶାସନ ପକ୍ଷରୁ ସେବାଶ୍ରମରେ ରଖାଯାଇ ପାଠ ପଢ଼ାଯିବା ବ୍ୟବସ୍ଥାକୁ ତାଙ୍କ ଅଜା ଆଈ ସ୍ୱାଗତ କରିଛନ୍ତି।

ଯୁବକଙ୍କ ଗଳାକାଟି ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼, ୧୪।୩(ସମିସ)

ମଙ୍ଗଳବାର ରାତିରେ ଧରୁଆଡିହି ଥାନା ଅନ୍ତର୍ଗତ ଲମିଟି ଗ୍ରାମରେ ଜଣେ ଯୁବକଙ୍କ ଗଳାକାଟି ହତ୍ୟା ମାମଲାରେ ପୁଲିସକୁ ସଫଳତା ମିଳିଛି। ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକର ଏବଂ ସଦର ଏସଡିପିଓ ହିମାଂଶୁ ଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ ଆଇଆଇସି ସଞ୍ଜୁକ୍ତା ସାହୁ ତନାଘନା ଚଳାଇ ମାମଲା ଉପରୁ ପରଦା ଉଠାଇଛନ୍ତି। ଅଭିଯୁକ୍ତ ସୁବୋଧ ଛତ୍ରିଆ (୨୪)ଙ୍କୁ ଗିରଫ କରାଯାଇ ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନ ମିଳିବାରୁ ତାଙ୍କୁ ସୁନ୍ଦରଗଡ଼ ଜେଲ ପଠାଇ ଦିଆଯାଇଛି।

ବୁଧବାର ସକାଳେ ଗାଁ ସ୍କୁଲଠାରୁ ପ୍ରାୟ

ଶହେ ମିଟର ଦୂରରେ ଗ୍ରାମର ଜୟାନନ୍ଦ ଓରଫ ଦୟାନନ୍ଦ ସୁନାନୀ (୪୫ଙ୍କ ମୃତଦେହ ପଡ଼ିଥିଲା। ତାଙ୍କ ବେକକୁ କୌଣସି ଧାରୁଆ ଅସ୍ତ୍ରରେ କଟାଯାଇଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ରାତିରେ ପୁଲିସ ସୁବୋଧଙ୍କୁ ଧରି ପଚରାଉଚୁରା କରିବାରେ ସେ ଦୋଷ ସ୍ୱୀକାର କରିଥିଲେ। ତାଙ୍କ କହିବା ଅନୁଯାୟୀ, ସୁବୋଧ ଏବଂ ଜୟାନନ୍ଦଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ଥିଲା। ଉଭୟ ସ୍ଥାନୀୟ ଜଙ୍ଗଲରୁ କାଠ ଚୋରିକରି ବିକ୍ରି କରୁଥିଲେ।

ଘଟଣା ଦିନ ଅପରାହ୍ନରେ ଜୟାନନ୍ଦଙ୍କ ବାପା ରବିକର ସୁନାନୀ ଆଣିଥିବା କୁକୁଡ଼ା ମାଂସକୁ ତାଙ୍କ ଘରେ ରୋଷେଇ କରି ଜୟାନନ୍ଦ, ସୁବୋଧ ମିଶି ଖାଇଥିଲେ। ରାତିରେ ଜୟାନନ୍ଦ ଓ ସୁବୋଧ ଜଙ୍ଗଲକୁ କାଠ ଚୋରି କରିବାକୁ ବାହାରିଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ସେମାନେ ବାଟରେ ଗ୍ରେଗରି ହାଂସଦା ନାମକ ଜଣେ ବୃଦ୍ଧଙ୍କୁ କାଠ ଆଣିବାକୁ ଯାଉଥିବା କହି ଏକ ମସିଣା ମାଗିଥିଲେ। ସେମାନେ ମସିଣା ଧରି ଜଙ୍ଗଲକୁ ବାହାରିବା ସମୟରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଜୟାନନ୍ଦ ସୁବୋଧଙ୍କ ମା' ଭଉଣୀଙ୍କ ପ୍ରତି ଅଶ୍ଳୀଳ ମନ୍ତବ୍ୟ ରଖିବାରୁ ଏଥିରେ ସୁବୋଧ ଉତକ୍ଷିପ୍ତ ହୋଇ ଧରିଥିବା ଟାଙ୍ଗିଆରେ ତାଙ୍କ ବେକକୁ ହାଣି ପକାଇଥିଲେ। ଏ ସମ୍ପର୍କରେ କାହାକୁ କିଛି ନ ଜଣାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୁଲିସ ଘଟଣାର ପର୍ଦ୍ଦାଫାଶ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି।

କ୍ରୀଡ଼ା ଛାତ୍ରାବାସରେ ରୂପଶ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ବାଲିଶଙ୍କରା, ୧୪।୩(ସମିସ): ସାଫ ଚାମ୍ପିଅନସିପ ଭଳି ସମ୍ମାନଜନକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ନିଜ ଚମକ ଦେଖାଇଛନ୍ତି କେନ୍ଦୁଝର ଜିଲ୍ଲା ଯୋଡ଼ା ତହସିଲ ଭୂୟାଁ ରୋଇଡ଼ା କ୍ୟାମ୍ପ ହଟିଂ ଗାଁର ରୂପଶ୍ରୀ ମୁଣ୍ଡା। ୧୪ ବର୍ଷୀୟା ରୂପଶ୍ରୀ ଖୁବ୍ କମ ବୟସରେ ସାଫ ଚାମ୍ପିଅନସିପରେ ରନର୍ସଅପ ଟ୍ରଫି ହାସଲ କରିପାରିଛନ୍ତି। ଏହି ପ୍ରତିଯୋଗିତା ପାଇଁ ନେପାଳ ଯାଇଥିବା ୨୩ ଜଣ ଭାରତୀୟ ଦଳ ମଧ୍ୟରୁ ରୂପଶ୍ରୀ ହେଉଛନ୍ତି ଅନ୍ୟତମ। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଫାଇନାଲରେ ଭାରତ ପେନାଲଟି ସୁଟଆଉଟରେ ବାଂଲାଦେଶଠାରୁ ଗୋଟିଏ ଗୋଲରେ ହାରି ରନର୍ସଅପ୍ ହୋଇଛି। ଫାଇନାଲ ଓ ଲିଗ ପର୍ଯ୍ୟାୟରେ ଜବରଦସ୍ତ ପ୍ରଦର୍ଶନ କରିଥିବା ରୂପଶ୍ରୀଙ୍କୁ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ବିବି ଥୋମାସ ପ୍ରଶଂସା କରିଛନ୍ତି। ତାଙ୍କୁ ଯଙ୍ଗ ଟାଇଗ୍ରେସ (ଯୁବ ବାଘୁଣୀ)ର ଆଖ୍ୟା ଦେଇଛନ୍ତି।

ଗାଁ ଦାଣ୍ଡରେ ସାଙ୍ଗସାଥୀଙ୍କ ସହ କାଗଜ ପେଣ୍ଡୁରେ ଖେଳି ରୂପଶ୍ରୀ ଫୁଟବଲ ପ୍ରତି ଆକର୍ଷିତ ହୋଇଥିଲେ। ବାପା ଦୀପକ ମୁଣ୍ଡା ଓ ମା' ପ୍ରମିଳା ମୁଣ୍ଡା ଝିଅକୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ। ରାଜ୍ୟ ସରକାରଙ୍କ ତରଫରୁ

ସେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଥିରେ ସଫଳ ହୋଇ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସରେ ୨୦୨୨ ଏପ୍ରିଲ ମାସରେ ଯୋଗଦେଇଥିଲେ। ସେଠାରେ ପ୍ରଶିକ୍ଷକ ହୃଦୟ ରଞ୍ଜନ ସିଂ (ଟୁନା)ଙ୍କ ମାର୍ଗଦର୍ଶନରେ ନିଜ ପ୍ରତିଭାକୁ ଆହୁରି ଶାଣିତ କରି କିଛି ମାସ ମଧ୍ୟରେ ରାଜ୍ୟ କନିଷ୍ଠ ଦଳରେ ସ୍ଥାନ ପାଇଥିଲେ। ଭାରତୀୟ କନିଷ୍ଠ ପ୍ରତିଯୋଗିତା (ଟାୟାର-୧)ରେ ଓଡ଼ିଶାକୁ ସେମିଫାଇନାଲକୁ ନେବାରେ ସେ ନିର୍ଣ୍ଣାୟକ ଭୂମିକା ତୁଲାଇଥିଲେ। ଏହି ପ୍ରତିଯୋଗିତାର ପୂର୍ଣ୍ଣ ଆଧାରରେ ସାଫ ଚାମ୍ପିଅନସିପ ଲାଗି ସମ୍ଭାବ୍ୟ ୧୬ ବର୍ଷରୁ କମ ଭାରତୀୟ ଦଳରେ ସ୍ଥାନ ପାଇ ଗୋଆରେ ଆୟୋଜିତ ପ୍ରଶିକ୍ଷଣ ଓ ଚୟନ ଶିବିରରେ ଯୋଗଦେଇଥିଲେ। ସେଠାରେ ଚମତ୍କାର ପ୍ରଦର୍ଶନ କରି ଚୂଡ଼ାନ୍ତ ଦଳରେ ସ୍ଥାନ ପକ୍କା କରିଥିଲେ। ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ସହ ଓଡ଼ିଶାକୁ ଗର୍ବିତ କରିଛନ୍ତି ରୂପଶ୍ରୀ। ଖେଳ ସହ ପାଠପଢ଼ା ମଧ୍ୟ ଜାରି ରଖିଛନ୍ତି। ସୁନ୍ଦରଗଡ଼ ଟାଉନ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି ରୂପଶ୍ରୀ। ତାଙ୍କ ପାଖରେ ଭାରତୀୟ ବରିଷ୍ଠ ଦଳରେ ସ୍ଥାନ ପକ୍କା କରିବାର ସାମର୍ଥ୍ୟ ଅଛି। ମୁଁ ନିଜେ ଜଣେ ଜାତୀୟସ୍ତରୀୟ ଖେଳାଳି ହୋଇଥିବାରୁ ଭାରତୀୟ ବରିଷ୍ଠ ଦଳରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖି ପ୍ରଶିକ୍ଷଣ ଦେଉଛି। ନିରନ୍ତର ପ୍ରୟାସ କରୁଛି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପଟେ ତାଙ୍କୁ ଆର୍ଥିକ ଓ ମାନସିକ ସ୍ତରରେ ସହଯୋଗ ମିଳିବା ଦରକାର। ଏହା ହେଲେ ସେ ନିଶ୍ଚିତ ଭାବେ ଦେଶ ଓ ରାଜ୍ୟର ନାଁ ରଖିବେ ବୋଲି କହିଛନ୍ତି ପ୍ରଶିକ୍ଷକ ହୃଦୟ ରଞ୍ଜନ ସିଂ।

ନେପାଳରୁ ସେ ଓଡ଼ିଶା ଫେରିଥିବାବେଳେ ଭବାନୀପୁର କ୍ରୀଡ଼ା ଛାତ୍ରାବାସଠାରେ ସନ୍ଧ୍ୟା ୭ଟାରେ ରୂପଶ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନ ଜ୍ଞାପନ କରାଯାଇଥିଲା। ପ୍ରଶିକ୍ଷକ ସିଂ, ହକି କୋଚ୍ ବିଜୟ ଲାକଡ଼ା, ତେଜ କୁମାର ଖେସ, ନାରାୟଣ ବାନରା, କ୍ରୀଡ଼ା ଛାତ୍ରାବାସ ମ୍ୟାନେଜର ସୁଶିଲ ରଞ୍ଜନ ବେକ, ଆଥଲେଟିକ୍ସ ପ୍ରଶିକ୍ଷକ ସୁସ୍ମିତା ଦତ୍ତ ପ୍ରମୁଖ ଯୋଗଦେଇ ରୂପଶ୍ରୀଙ୍କ ଉଲ୍ଲେଖନୀୟ ଖେଳ ପ୍ରତିଭା ଉପରେ ଗୁରୁତ୍ୱାରୋପ କରିଥିଲେ।

ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

କୁତ୍ରା, ୧୪।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କଟଙ୍ଗ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କୁତ୍ରା ବିଇଓ ଶରତ କୁମାର ପତି, ସମ୍ମାନିତ ଅତିଥି ଭାବରେ ଏବିଇଓ ଲକ୍ଷ୍ମଣ ଜାମୁଦା, ନିରଞ୍ଜନ ରାଉଳ, ମୀନା କୁମାରୀ ଜେନା, କଟଙ୍ଗ ସରପଞ୍ଚ ପୁଷ୍ପା କେର୍କେଟା ଓ ଏସଏମସି ସଭାପତି ଲିଲିମା କିସପଟ୍ଟା ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଲୋକନାଥ ବେହେରା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଟେକଚାନ୍ଦ ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ସ୍ତରରେ ସମ୍ମାନିତ ଶିକ୍ଷକ/ଶିକ୍ଷୟିତ୍ରୀ ଅମରେଶ ସାହୁ, ବରୁଣ ପାଣିଗ୍ରାହୀ, ମଧୁସ୍ମିତା ଶତପଥୀ, ଜିଲ୍ଲା ସ୍ତରରେ ସମ୍ମାନିତ ଶିକ୍ଷକ ଯତୀନ୍ଦ୍ର ବେହେରା, ଜିଲ୍ଲାସ୍ତରୀୟ ପୁରସ୍କାରପ୍ରାପ୍ତ ସରକାରୀ

ପ୍ରାଥମିକ ବିଦ୍ୟାଳୟ ମଝାପଡ଼ା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଞ୍ଚରା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାନଗୁଡିଆଲୀ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଲତାଲଗା, ତରକେରା ଉଚ୍ଚ ବିଦ୍ୟାଳୟ, ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ, ବ୍ଲକସ୍ତରୀୟ ଏସଏମସି ଆୱାର୍ଡ ପାଇଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ, ବ୍ଲକସ୍ତରୀୟ ଆଲୁମନି ଆୱାର୍ଡ ପାଇଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ, ସରପଞ୍ଚ ଆୱାର୍ଡ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ, ରାଜ୍ୟସ୍ତରୀୟ ବିଦ୍ୟାଳୟ ପୁରସ୍କାର କୁତ୍ରା ସରକାରୀ ଉତ୍କୃଷ୍ଟ ବିଦ୍ୟାଳୟ, ପରିଚାଳନା କମିଟି ନଳିନୀକାନ୍ତ ଶଶିନୀ ଓ ଶ୍ରେଷ୍ଠ ପ୍ରଧାନଶିକ୍ଷକ ଆୱାର୍ଡ ଲୋକନାଥ ବେହେରା ତରକେରା ଉଚ୍ଚ ବିଦ୍ୟାଳୟକୁ ସମ୍ମାନିତ କରାଯାଇଥିଲା। ରାଧାନାଥ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

ବିଦ୍ୟୁତ ତାର ଚୋରି ଅଭିଯୋଗ

ସୁନ୍ଦରଗଡ଼, ୧୪।୩(ସମିସ): ବୁଧବାର ରାତି ଭଷ୍ମା ଥାନା ଅନ୍ତର୍ଗତ କୁର୍ଲା ନିକଟରୁ ୪୦୦ କେଭି ବିଦ୍ୟୁତ ଲାଇନ ରିନୋଭେସନ ପାଇଁ ରଖାଯାଇଥିବା ନୂଆ ଓ ପୁରୁଣା ତାର ଚୋରି ହୋଇଛି। ଚୋରମାନେ ୧୦୦୦ ମିଟର ପୁରୁଣା ଓ ୮୦୦ ମିଟର ନୂଆ ତାର ଚୋରାଇ ନେଇଛନ୍ତି। ପିଜିସିଆଇଏଲର ସୁପରଭାଇଜର ମକବୁଲ ଅନସାରୀ ଗୁରୁବାର ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପେଟ୍ରୋଲ ଢାଳି ଯୁବକଙ୍କ ଆତ୍ମାହୁତି

ରାଉରକେଲା, ୧୪।୩(ସମିସ): ମାଆ ଟଙ୍କା ନ ଦେବାରୁ ନିଜ ଦେହରେ ପେଟ୍ରୋଲ ଢାଳି ଜଣେ ଯୁବକ ଆତ୍ମାହୁତି ଦେଇଛନ୍ତି। ଏହି ଘଟଣା ଟାଙ୍ଗରପାଲ୍ଲୀ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମୃତ ଯୁବକ ହେଲେ ହରେନ୍ଦ୍ର ସିଂହ (୨୪)। ସୂଚନା ମୁତାବକ ଟାଙ୍ଗରପାଲ୍ଲୀ ଥାନା ବ୍ରିଟାନିଆ କଲୋନୀରେ ରହୁଥିବା ହରେନ୍ଦ୍ର ଗତ ୯ ତାରିଖ ନିଶାସକ୍ତ ଅବସ୍ଥାରେ ଆସି ନିଜ ମାଆଙ୍କୁ ଟଙ୍କା ମାଗିଥିଲେ। ତେବେ ଟଙ୍କା ଦେବାକୁ ମାଆ ମନା କରିବାରୁ ଉତ୍ୟକ୍ତ ହୋଇ ହରେନ୍ଦ୍ର ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ତାଙ୍କୁ ତୁରନ୍ତ ଏକ ଘରୋଇ ହସ୍ପିଟାଲ ନିଆଯାଇଥିଲା। ଗୁରୁବାର ରାତି ସାଢ଼େ ୯ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ଏ ନେଇ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ରାମେଶ୍ୱର ସିଂହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି।

ନାବାଳିକା ଛାତ୍ରୀ ନିଖୋଜ

ରାଉରକେଲା, ୧୪।୩(ସମିସ): ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ ହାଟିଙ୍ଗଟୋଲା ଅଞ୍ଚଳରୁ ଜଣେ ନାବାଳିକା ଛାତ୍ରୀ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପାରିବାରିକ ଅଶାନ୍ତି କାରଣରୁ ନାବାଳିକା କୁଆଡ଼େ ଚାଲିଯାଇଥିବା କୁହାଯାଉଛି।

କାଉନ୍‌ସିଲରଙ୍କୁ ଦରମା ଓ ବୀମା ସୁବିଧା ଦାବି

● ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ସୁନ୍ଦରଗଡ଼, ୧୪।୩(ସମିସ): ସୁନ୍ଦରଗଡ଼ ପୌର ପରିଷଦର କାଉନ୍ସିଲରମାନେ ଦରମା ଓ ବୀମା ସୁବିଧା ଦାବିରେ ଗୁରୁବାର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ପୌର ପରିଷଦର କାଉନସିଲମାନଙ୍କୁ ମାସିକ ସର୍ବନିମ୍ନ ୧୫ ହଜାର ଟଙ୍କା ଦରମା ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ପ୍ରତ୍ୟେକ କାଉନସିରଙ୍କ ପାଇଁ ୫ ଲକ୍ଷ ଟଙ୍କା ବୀମା ଏବଂ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ୧୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟବୀମା ଦାବି ରହିଛି। ପୂର୍ବତନ ନଗରପାଳ ତଥା କାଉନସିଲର ବେଣୁଧର ତାଣ୍ଡିଆ, ସୁମନ୍ତ ସାହୁ, ଅନିଲ କୁମାର ମହାପାତ୍ର, ହେମନ୍ତ ପାଢ଼ୀ, ଏମଡି ଆଖର ହୁସେନ, ଶ୍ୱେତା ସେଫାଲି ମୁଣ୍ଡୁ, ଚିରସ୍ମିତା ଯୋଶୀ, ଭାରତୀ ପଟେଲ, ଦୀପାଞ୍ଜଳି ନନ୍ଦ, ଦୁଶିଲା ଡନସନା, କୈଳାସ ତନ୍ତୀ, ସୁଶିଲା ନାଗ, ରମେଶ ସରେଙ୍ଗ, ପୌଷାଲି ବାରିକ, ମମତା ଖାଲକୋ ପ୍ରମୁଖ କାଉନସିଲର ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ଖଡ଼ିଆ ସମାଜର ଦାବି ପୂରଣ କଲେ ସଚିବ

ସୁନ୍ଦରଗଡ଼, ୧୪।୩(ସମିସ): ସୁନ୍ଦରଗଡ଼ ଜିଲ୍ଲା ଖଡ଼ିଆ ସମାଜର ଦାବିକୁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ କମିଶନର ତଥା ସଚିବ ରୁପାରୋଶନ ସାହୁ ପୂରଣ କରିଛନ୍ତି। ତାଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ସୁନ୍ଦରଗଡ଼ ଆଇଟିଡିଏ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ନୂଆଡିହି, ଭେଡ଼ାବାହାଲ, ମନୋହରପୁର, କହପାନି, କରମଡିହି, ତସଲାଡିହି, ତୁମୁଳିଆ, ଧମକପୁର, ବରପାଲି, ମହାଦେବପଡ଼ା ଆଦି ୧୦ ଗ୍ରାମର ଖଡ଼ିଆ ସମାଜଙ୍କୁ ପାରମ୍ପରିକ ବାଦ୍ୟଯନ୍ତ୍ର ଓ

ପୋଷାକ ବଣ୍ଟନ କରାଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ. ବିନୟ କୁମାର ଟପ୍ପୋ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ ଏହାକୁ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ, ଗତ ମାସ ୧୯ ତାରିଖ ଏହି ୧୦ ଗ୍ରାମର ଖଡ଼ିଆ ସମାଜ ଲୋକେ ସଚିବଙ୍କୁ ଭେଟି ବାଦ୍ୟଯନ୍ତ୍ର ଓ ପୋଷାକ ପ୍ରଦାନ କରିବାକୁ ନିବେଦନ କରିଥିଲେ। ସେହିପରି କରମଡିହିଠାରେ ଜିଲ୍ଲାସ୍ତରୀୟ ଖଡ଼ିଆ ସମାଜ ଗୃହ ନିର୍ମାଣ, ପାନୀୟ ଜଳ ଓ ବିଦ୍ୟୁତ ଯୋଗାଇଦେବା ପାଇଁ ମଧ୍ୟ ସଚିବଙ୍କୁ ନିବେଦନ କରାଯାଇଥିଲା। ଏହି କାର୍ଯ୍ୟ ମଧ୍ୟ ଆଇଟିଡିଏ ଜରିଆରେ ଚାଲୁ ରହିଛି। ସଚିବ ଖଡ଼ିଆ ସମାଜର ଦାବି ପୂରଣ କରିଥିବାରୁ ସମାଜ ପକ୍ଷରୁ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ସଂକୀର୍ତ୍ତନ ମାଧ୍ୟମରେ ସଚେତନତା

ହେମଗିରି, ୧୪।୩(ସମିସ): ହେମଗିରି ବ୍ଲକ ଅନ୍ତର୍ଗତ ସୁମୁର ଓ ମୁଢ଼ରଖେତ ପଞ୍ଚାୟତରେ ୫ ଦିନ ଧରି ରାଜ୍ୟ

ଟିଟିଲାଗଡ଼ ଜେଲ୍‌ରୁ କଏଦୀ ଫେରାର୍ ଘଟଣା

ଦିନ ଗଡୁଛି, ୨ ଫେରାର କଏଦୀଙ୍କ ସୁରାକ୍ ମିଳୁନି

ବଲାଙ୍ଗିର, ୧୪।୩(ସମିସ)

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ କଏଦୀ ଫେରାର ଘଟଣା ଏବେ ଜେଲ୍ ସହ ପୁଲିସ ପ୍ରଶାସନ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ପାଲଟିଛି। କୁଆଡେ ଗଲେ ଦୁଇ କଏଦୀ, ପାଚେରି ଡେଇଁ ଫେରାର ହେଲେ ନା

ଜେଲରଙ୍କ ଘର ଯିବା ବାଟରେ ଫେରାର ମାରିଲେ। ଟ୍ରେନରେ ଫେରାର ହୋଇଛନ୍ତି ନା ସେମାନଙ୍କୁ ଫେରାର କରାଇବା ପାଇଁ ଆଉ କେହି ସହଯୋଗ କରିଛି। ଏହିଭଳି ଦିନ ପରେ ଦିନ ଗଡୁଛି କିନ୍ତୁ ଏଯାଏଁ ଫେରାର ଦୁଇ ଅଭିଯୁକ୍ତଙ୍କ କୌଣସି ସୂଚନା ମିଳୁନାହିଁ। ଅନ୍ୟପଟେ କେବଳ ଜଣେ ତଳିଆଙ୍କ ମୁଣ୍ଡରେ ଅଠା ବୋଲି ନେଇ ଜେଲ୍ ବିଭାଗ ମଧ୍ୟ ନିରବ ରହିଛି। ତେବେ ଫେରାର ଦୁଇ କଏଦୀ ଧରାପଡ଼ିବେ ନା କେବଳ ପୁଲିସ ନାଲିଫିତା ଭିତରେ ଚାପି ହୋଇରହିବେ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ଏହି ଘଟଣାରେ ଟିଟିଲାଗଡ଼ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ଉଠିଛି ପ୍ରଶ୍ନବାଚୀ। ଦୁଇ କଏଦୀ ଜେଲରୁ ଫେରାର ହେବା ଘଟଣାକୁ ସପ୍ତାହେ ବିତିବାକୁ ବସିଲାଣି ତଥାପି ଫେରାର କଏଦୀଙ୍କୁ ଠାବ କରିବା ପାଇଁ ଖିଅ ଖୋଜୁପାଉନି ପୁଲିସ। ଜେଲରୁ ଫେରାର ହେବା ପରେ ଶୋଭାବନ ରଣା ଓ ସୁମିତ ବିହାରୀ ରାଜ୍ୟ ଭିତରେ ଲୁଚିଛନ୍ତି ନା ରାଜ୍ୟ ବାହାରକୁ ଯାଇ ଲୁଚିଛନ୍ତି ? ତାକୁ ନେଇ ପୁଲିସ ଅନ୍ଧାରରେ ବାଡି ବୁଲାଇଲା ଭଳି ତଦନ୍ତ ନାମରେ ଦିନ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି। ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ସ୍ୱର୍ଗତ ଗୋବିନ୍ଦ ସାହୁ ମଧ୍ୟ ତଦନ୍ତ ସମୟରେ ପୁଲିସ ବ୍ୟାରେକରୁ ଫେରାର ମାରିଥିଲା। ଏହାର କିଛି ଘଣ୍ଟା ଭିତରେ ତାକୁ ପୁଲିସ ଠାବ କରି ଗିରଫ କରିଥିଲା। ଏହି ମାମଲାରେ ପୁଲିସକୁ ଏତେଦିନ ଲାଗିବା ସମସ୍ତଙ୍କୁ ଚକିତ କରିଛି। ଜେଲର୍ ଚୈତନ୍ୟ ପ୍ରଧାନ ଦେଇଥିବା ସୂଚନା ଅନୁସାରେ, ଉକ୍ତ ଦୁଇ ଜଣ ଜେଲ କାର୍ଯ୍ୟାଳୟର କାମ କରିବାର ସୁଯୋଗ ନେଇ ଗତ ଶନିବାର ରାତ୍ରି ପ୍ରାୟ ୮ ଟାରୁ ୮ ଟା ୩୦ ଭିତରେ ଫେରାର ହୋଇଥିଲେ। ଜେଲ କର୍ତ୍ତୃପକ୍ଷ ପୁଲିସକୁ ବିଳମ୍ବିତ ରାତ୍ରିରେ ସୂଚନା ଦେଇଥିଲେ। ଏନେଇ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ସୂଚନା ପାଇବା ପରେ ତନାଘନା ଆରମ୍ଭ କରିଥିଲା।

- ଜେଲ କର୍ତ୍ତୃପକ୍ଷ ପରେ ଏବେ ପୁଲିସ ଉପରେ ଉଠିଲାଣି ଅଙ୍ଗୁଠି
- କଏଦୀଙ୍କୁ ଧରିବାରେ ସଫଳ ହେବ ତ ଟିଟିଲାଗଡ଼ ପୁଲିସ ?

ଜେଲର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଦୁଇ ହତ୍ୟା ମାମଲା ଅଭିଯୁକ୍ତ ଫେରାର ହେଲେ ଯାହାକୁ ନେଇ ଜେଲ ବିଭାଗ ସହ ପୁଲିସ ପାଇଁ ମଧ୍ୟ ଏହା ମୁଣ୍ଡବ୍ୟଥାର କାରଣ ପାଲଟିଛି। ଅନ୍ୟପକ୍ଷରେ ଏହି ମାମଲାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିବା ବେଳେ ତଦନ୍ତ ସମୟରେ ଜେଲ କର୍ତ୍ତୃପକ୍ଷଙ୍କ ଅବହେଳା ରହିଥିବା ନିଜେ ସମ୍ବଲପୁର ଜେଲ ଡିଆଇଜି କୁଲମଣି ବେହେରା ସ୍ପଷ୍ଟ କରିଥିଲେ। ଘଟଣାକୁ ସପ୍ତାହେ ବିତିବାକୁ ବସିଥିବା ବେଳେ କେବଳ ଜଣେ ତଳିଆ କର୍ମଚାରୀ ଜେଲ ୱାର୍ଡରଙ୍କୁ ନିଲମ୍ବିତ କରି ଜେଲ ବିଭାଗ ନିରବ ରହିଛି। ଆଜି ପର୍ଯ୍ୟନ୍ତ ସବ ଜେଲର କିମ୍ବା ଜେଲ ଅଧୀକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଦୁଇ ହତ୍ୟା ଅଭିଯୁକ୍ତଙ୍କୁ ଜେଲ କର୍ତ୍ତୃପକ୍ଷ କିଭଳି ବିଶ୍ୱାସକୁ ନେଇ କାମ କରାଉଥିଲେ, ବାହାରକୁ ଛାଡୁଥିଲେ ତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ଆଜି ପର୍ଯ୍ୟନ୍ତ ଅବହେଳା ଓ ଅନୁକମ୍ପା ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଏହି ମାମଲାକୁ ଆହୁରି ବିବାଦୀୟ କରିଛି। ଏନେଇ ଟିଟିଲାଗଡ଼ ଥାନାଧିକାରୀ ଅବନୀ ସାହୁଙ୍କୁ ପଚାରିବାରୁ ସେ ଏବିଷୟରେ କୌଣସି ସୂଚନା ଦେଇପାରିବେ ନାହିଁ ଉପରିସ୍ଥ ଅଧିକାରୀଙ୍କୁ ପଚାରନ୍ତୁ କହି ଘଟଣାକୁ ଏଡାଇଯାଇଥିଲେ। ସେହିପରି ଟିଟିଲାଗଡ଼ ଏସଡିପିଓ ଅଙ୍କିତା କୁମାରଙ୍କୁ ପଚାରିବାରୁ କଏଦୀ ଫେରାର ହେବା ଘଟଣାରେ ଜେଲର ବିଳମ୍ବିତ ରାତ୍ରିରେ ସୂଚନା ଦେଇଥିଲେ। ମାମଲାର ତଦନ୍ତ ଚାଲିଛି। ସମସ୍ତ ଦିଗ ଉପରେ ଧ୍ୟାନ ଦେଇ ଚଢଉ କରାଯାଉଥିବା ପ୍ରତିକ୍ରିୟାରେ କହିଛନ୍ତି। ଏହି ମାମଲା ପୁଲିସ ପାଇଁ ସମ୍ମାନ ଓ କାର୍ଯ୍ୟଦକ୍ଷତା ପ୍ରଶ୍ନ ହୋଇଥିବା ବେଳେ ଟିଟିଲାଗଡ଼ ପୁଲିସ ଏହାକୁ ବଜାୟ ରଖିପାରିବ ନା ଦିନ ଗଡ଼ିଗଲା ପରେ ଏହି ମାମଲା ବି ନାଲିଫିତା ଭିତରେ ଚାପି ହୋଇରହିଯିବ ବୋଲି ଲୋକେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି।

ମନମୁଣ୍ଡା, ବାଉଁଶୁଣୀକୁ ଏନ୍‌ଏସି ଘୋଷଣା ପରେ ଖୁସି

ଶଗଡ଼ା, ୧୪।୩(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ମନମୁଣ୍ଡା ଓ ବାଉଁଶୁଣୀକୁ ଦ୍ୱିତୀୟ ପର୍ଯ୍ୟାୟରେ ଏନଏସି

ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ଓ କଣ୍ଟାମାଳ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଲୋକେ ରାସ୍ତାରେ ବାଜା ବଜାଇ, ବାଣ ଫୁଟାଇ, ନାଚଗୀତର ତାଳେ ତାଳେ ପରସ୍ପରକୁ ମିଠା ଖୁଆଇବା ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଶେଷରେ କ୍ରିୟାନୁଷ୍ଠାନର ଏକ ଟିମ୍ ବିଧାୟକ ମହିଧର ରଣାଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ। କମିଟି ସଭାପତି ଆଶିଷ ସାହୁ, ସମ୍ପାଦକ ବୈଦ୍ୟନାଥ ହୋତା, ସାମ୍ବାଦିକ ଅକ୍ରୁର ବେହେରା, ଆବୁ ଖାଁ, କଣ୍ଟାମାଳ ବ୍ଲକ ଅଧକ୍ଷା ସସ୍ମିତା ସେନାପତି, ଜାନି ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ବଜ୍ରକାପ୍ତା ଚାଲାଣ ଘଟଣାରେ କୋର୍ଟ କନଷ୍ଟେବଲ ଗିରଫ

ସିନାପାଲି, ୧୪।୩(ସମିସ): ବଜ୍ରକାପ୍ତା ଚାଲାଣ ଘଟଣାରେ ସିନାପାଲି କୋର୍ଟ କନଷ୍ଟେବଲ ଖଡିଆଳ ଥାନା ଡୁଆଝର ଗ୍ରାମର ବ୍ରହ୍ମା ଶଙ୍କର ମେହେର (୫୩)। ଗିରଫ ହୋଇଛନ୍ତି। କିଛି ଦିନ ତଳେ ସିନାପାଲି ଓ ଛତିଶଗଡ଼ ବନ ବିଭାଗ ଚଉରା ଜଙ୍ଗଲ ନିକଟରେ ବଜ୍ରକାପ୍ତା ବିକ୍ରି ଲାଗି ଡିଲ୍ ବେଳେ

ଚଢଉ କରିଥିଲା। ୧୧ କେଜିର ବଜ୍ରକାପ୍ତା ଉଦ୍ଧାର କରି ୭ଜଣ ଅଭିଯୁକ୍ତକୁ ଗିରଫ କରିଥିଲା। ଏହି ଘଟଣାରେ କନଷ୍ଟେବଲ ସମ୍ପୃକ୍ତ ଥିବା ଶେଷରେ ଜଣା ପଡ଼ିଛି। ଖଡିଆଳ ଏସିଏଫ ମହମ୍ମଦ ମୁସତାଫା ସାଲେହାଙ୍କ ନେତୃତ୍ୱରେ ସିନାପାଲି ବନ ବିଭାଗର ଏକ ଟିମ୍ ତାଙ୍କୁ ଗିରଫ କରିଛି।

ମିଳନ ଛକର ହେବ ସୌନ୍ଦର୍ଯ୍ୟକରଣ

ତୁଷୁରା, ୧୪।୩ (ସମିସ): ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତୁଷୁରାଠାରେ ଗୁରୁବାର ଓଡିଶା ସରକାରଙ୍କ ଜଳସମ୍ପଦ ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ଟୁକୁନୀ ସାହୁ ମିଳନ ଛକର ସୌନ୍ଦର୍ଯ୍ୟକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ତୁଷୁରା ଏନଏସି ଅଧକ୍ଷ ଅଜୟ ଜୟସ୍ୱାଲଙ୍କ ସହ ସ୍ଥାନୀୟ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।

ବନ୍ଧୁକଧାରୀ ଯୁବକ ସହ ନାବାଳକ କୋର୍ଟ ଚାଲାଣ

ସଇଁତଲା, ୧୪।୩(ସମିସ): ସଇଁତଲା ଥାନା ଅନ୍ତର୍ଗତ କରମତଲା ଗାଁରେ ଚାଲିଥିବା ୪୦ ପ୍ରହର ନାମଯଜ୍ଞଠାରେ ଜଣେ ନାବାଳକ ସମେତ ଜଣେ ଯୁବକ ବନ୍ଧୁକ ଦେଖାଇ ଦାଦାଗିରି ସହ ଲୋକଙ୍କୁ ଭୟଭୀତ କରି ଉକ୍ତ ଅଞ୍ଚଳରେ ଆତଙ୍କ ଖେଳାଉଥିବା ବେଳେ ଗ୍ରାମବାସୀ ସେମାନଙ୍କୁ କାବୁକରି ସଇଁତଲା ପୁଲିସକୁ ଜିମା ଦେଇଥିଲେ। ପରେ ସଇଁତଲା ପୁଲିସ ସେମାନଙ୍କଠାରୁ ଦୁଇଟି ବନ୍ଧୁକ, ଗୋଟିଏ ବାଇକ ଓ ମୋବାଇଲ ଫୋନ ଜବତ କରିବା ସହ ସଂପୃକ୍ତ ଯୁବକ ଓ ନାବାଳକକୁ କୋର୍ଟ ଚାଲାଣ କରିଛି। ଦୁଇ ଯୁବକ ମଧ୍ୟରେ ଜଣେ ନାବାଳକ ଥିବା ବେଳେ ଅନ୍ୟଜଣେ ହେଲେ ବୋଙ୍ଗୋମୁଣ୍ଡା ଥାନାଞ୍ଚଳର କୁନୁ ଅଦା ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

ପୂର୍ବତନ ଆର୍‌ଆଇଙ୍କୁ ଜେଲ୍ ଦଣ୍ଡାଦେଶ

ବଲାଙ୍ଗିର, ୧୪।୩(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ତହସିଲ ମହଲେଇ ରାଜସ୍ୱ ସର୍କଲର ପୂର୍ବତନ ଆରଆଇ ସତ୍ୟନାରାୟଣ କୁମୁରାଙ୍କୁ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ। ଗୁରୁବାର ଏକ ଭିଜିଲାନ୍ସ ମାମଲାର ଶୁଣାଣି ସମୟରେ ସତ୍ୟନାରାୟଣ କୁମୁରାଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ପାଇଁ ଜେଲ୍ ଦଣ୍ଡାଦେଶ ଓ ୨ ହଜାର ଟଙ୍କା ଜରିମାନା ଲଗାଇଛନ୍ତି। ପ୍ରକାଶ ଯେ ଗତ ୨୦୧୮ ରେ ଜଣେ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କ ଜମିର ବଂଶାନୁକ୍ରମିକ ଅନୁସନ୍ଧାନ ରିପୋର୍ଟ ପ୍ରଦାନ କରିବା ପାଇଁ ସେ ଲାଞ୍ଚ ନେଇଥିଲେ। ଲାଞ୍ଚ ନେବା ସମୟରେ ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସତ୍ୟନାରାୟଣ କୁମୁରାଙ୍କୁ ଗିରଫ କରି ଭିଜିଲାନ୍ସ କୋର୍ଟ ଚାଲାଣ କରିଥିବାବେଳେ ତାର ମାମଲା ବିଚାରାଧୀନ ଥିଲା। ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମାମଲାର ଫଇସଲା କରି ଦଣ୍ଡାଦେଶ ଶୁଣାଇଥିବା ଜଣାପଡ଼ିଛି।

ମଦମୁକ୍ତି ଅଭିଯାନ କରିବାରୁ ମହିଳାଙ୍କୁ ମାଡ଼

ବଲାଙ୍ଗିର, ୧୪।୩(ସମିସ): ପୁଇଁତଲା ବ୍ଲକ ବିଲେଇସର୍ଡା ଗ୍ରାମବାସୀ ଗୁରୁବାର ରାତିରେ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ମଦ ବିକ୍ରି ବନ୍ଦ କରିବାକୁ କହିଥିବା ମହିଳାଙ୍କୁ ଆକ୍ରମଣ କରାଯାଇଥିବାବେଳେ ମଦବେପାରୀ ଓ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଗ୍ରାମର ସମସ୍ତ ଏସଏଚଜି ଦଳର ମହିଳାମାନେ କୁଚିଆ ମଦ ବିକ୍ରି ବନ୍ଦ କରିବାକୁ ଅଭିଯାନ ଆରମ୍ଭ କରିଥିଲେ। ଗତ ବୁଧବାର ଦିନ ପୁଇଁତଲା ପୁଲିସ ଗାଁରେ ଚଢଉ କରିଥିଲା। ପ୍ରସନ୍ନ ପ୍ରଧାନଙ୍କ ଘରୁ ମଦ ଜବତ କରିବା ସହିତ ତାକୁ ଗିରଫ କରି ଆଣିଥିଲା। ଗୁରୁବାର ସକାଳେ ଗାଁର ହେମ ବାଗ ଗାଧୋଇ ସାରି ବନ୍ଧରୁ ଘରକୁ ଫେରୁଥିବାବେଳେ ଶୁଭମ ପ୍ରଧାନ ତାଙ୍କୁ ବାଟରେ ଅଟକାଇ ଅସଦାଚରଣ କରି ମାଡ ମାରିଥିଲା। ମହିଳା ମାନଙ୍କୁ ଆକ୍ରୋଶମୂଳକ ଭାବରେ ଏଭଳି ବ୍ୟବହାର ପ୍ରଦର୍ଶନ କରାଯାଉଥିବା ସମସ୍ତ ମହିଳା କହିଥିଲେ। ଏନେଇ ବିଲେଇସର୍ଡାର ସରପଞ୍ଚ ସୁଶାନ୍ତ ଛତ୍ରିଆଙ୍କ ନେତୃତ୍ୱରେ ମହିଳା ଓ ଗ୍ରାମବାସୀ ଥାନାରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଶିଶକେଲାରେ କ୍ରିକେଟ ପ୍ରତିଯୋଗିତା

ସଇନ୍ତଲା, ୧୪।୩(ସମିସ): ସଇନ୍ତଲା ବ୍ଲକ ଶିଶକେଲା ପଞ୍ଚାୟତ ଖେଳପଡିଆରେ ଶିଶକେଲା ଯୁଥ କ୍ରିକେଟ କମିଟି ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ପ୍ରଥମ ଦିନର ୪ଟି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଅମାଟ କ୍ୱାର୍ଟର ଫାଇନାଲରେ ତୁଷ୍ଟାପାଲିକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟଅତିଥି ଭାବରେ ଶିଶକେଲା ସରପଞ୍ଚ ମାଳତୀ ରଣା ଓ ସମ୍ମାନିତ ଅତିଥି ଭାବରେ ଶିଶକେଲା ସମବାୟ ସମିତି ସଭାପତି ଜୟସିଂହ ରଣା ଏବଂ ଶିଶକେଲା ହାଇସ୍କୁଲ ଖେଳଶିକ୍ଷକ ବିନୋଦ ବିହାରୀ ବେହେରା ଯୋଗଦାନ କରିଥିଲେ। ଖେଳ ପରିଚାଳନାରେ କୃଷ୍ଣା ନାଗ, ସୁଧୀର ରଣା, ଲକ୍ଷ୍ମଣ ରଣା, ପ୍ରଶାନ୍ତ ରଣା, ପରମାନନ୍ଦ ରଣା, ଆନନ୍ଦ ରଣା, ସଜିକାନ୍ତ ରଣା, ପ୍ରମୋଦ ନାଗ, ରମେଶ ନାଗ ଏବଂ ବିକିଜି ନାଗ ଓ ଶିଶକେଲା ଯୁଥ୍ କ୍ରିକେଟ ଟିମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ଲାଞ୍ଚ ମାମଲାରେ ପୂର୍ବତନ ଅଙ୍ଗନବାଡ଼ି ସୁପରଭାଇଜର ନିର୍ଦ୍ଦୋଷ ପ୍ରମାଣିତ

ଭବାନୀପାଟଣା, ୧୪।୩(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଚଟିଆଗୁଡା ସେକ୍ଟରର ତତ୍କାଳୀନ ଅଙ୍ଗନବାଡି ସୁପରଭାଇଜର ହର୍ଷମଣୀ ଦେଇ ଏକ ଲାଞ୍ଚ ମାମଲାରେ ନିର୍ଦ୍ଦୋଷ ପ୍ରମାଣିତ ହୋଇଛନ୍ତି। ଭବାନୀପାଟଣାସ୍ଥିତ ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଶିଥିକଣ୍ଠା ସାମଲ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ରାୟ ପ୍ରକାଶ କରିଛନ୍ତି। ୨୧।୧୧।୨୦୨୧ରେ ସାଗୁନଭାଡି ଗ୍ରାମର ବିକାଶ ବାଗଙ୍କଠାରୁ ତାଙ୍କର ଭଉଣୀକୁ ଅଙ୍ଗନବାଡି ଚାକିରି ଦେବା ପାଇଁ ଲାଞ୍ଚ ନେଉଥିବା ବେଳେ ସେ ଧରା ପଡ଼ିଥିଲେ। କୋରାପୁଟ ଭିଜିଲାନ୍ସ ଡିଭିଜନ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଗିରଫ କରିଥଲା। ତେବେ ସୁପରଭାଇଜରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ସା ମାମଲା ପରିଚାଳନା କରୁଥିଲେ।

ବ୍ଲକ୍‌ସ୍ତରୀୟ ଆଦିବାସୀ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ

ତୁଷୁରା, ୧୪।୩ (ସମିସ): ଓଡିଶା ସରକାରଙ୍କ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ବଲାଙ୍ଗିର

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଗୁଡଭେଲା ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଆଦିବାସୀ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁଡଭେଲା ବ୍ଲକରେ ୫୦ ପ୍ରତିଶତ ଆଦିବାସୀ ଅଛନ୍ତି। ଗୁଡଭେଲା ବ୍ଲକର ପ୍ରମୁଖ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ କନ୍ଧ, ସହରା, ଗଣ୍ଡ, ବିଂଝାଲ, ଦଳ, ମିର୍ଦ୍ଧା, କୁଡା, ଅନ୍ୟତମ। ଆଦିବାସୀଙ୍କ ଉଚ୍ଚକୋଟୀର ପାରମ୍ପରିକ କଳା, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ, ସ୍ଥାପତ୍ୟ, ଦେବଦେବୀ ପୀଠ, ନୃତ୍ୟ, ଗୀତ, ବାଦ୍ୟ, ସଙ୍ଗୀତ, ଭାଷା, ଚାଲିଚଳଣି, ପ୍ରଥା ପରମ୍ପରା, ପ୍ରକୃତି ପୂଜାର ସୁରକ୍ଷା, ସଂରକ୍ଷଣ, ପୁନରୁଦ୍ଧାର, ପ୍ରଚାର ପ୍ରସାର ପାଇଁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏହି ସାଂସ୍କୃତିକ ଉତ୍ସବ ଆଦିବାସୀ କଳାକାରଙ୍କ ପ୍ରତିଭାକୁ ଚିହ୍ନଟ କରି କଳାକାରଙ୍କୁ ସମ୍ମାନିତ କରିବା ଏକ ବଡ଼ ସଫଳତା ସୃଷ୍ଟି କରିଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଓଡିଶା ସରକାରଙ୍କ ଜଳସମ୍ପଦ, ବାଣିଜ୍ୟ ଏବଂ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ସମ୍ମାନିତ ଅତିଥି ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବ୍ରଜମୋହନ ବିଶୋଇ କୃତୀ କଳାକାର ସାଂସ୍କୃତିକ ଦଳ ମାନଙ୍କୁ ମାନପତ୍ର ପ୍ରଦାନ କରି କଳାକାରଙ୍କୁ ଉତ୍ସାହିତ କରିଥିଲେ। ତୁଷୁରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଅଜୟ ଜୟସ୍ୱାଲ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଅଗ୍ରୱାଲ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଶ୍ୟାମସୁନ୍ଦର ଭୋଇ, ଗୁଡଭେଲା ବ୍ଲକ ସଭାପତି ଘନଶ୍ୟାମ ପ୍ରଧାନୀ ମଞ୍ଚାସୀନ ଥିଲେ। ଅପରପକ୍ଷରେ ଆଦିବାସୀ ସାଂସ୍କୃତିକ ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପସ୍ଥିତ ଥିବାରୁ ଆଦିବାସୀମାନେ କ୍ଷୋଭ ପ୍ରକାଶ କରିଥିଲେ।

ଡାହାଣୀ ଓ ଗୁଣିଗାରେଡି ରୋକିବା ନିମନ୍ତେ କର୍ମଶାଳା

ନୂଆପଡ଼ା, ୧୪।୩(ସମିସ): ସ୍ଥାନୀୟ ସଦର ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭା ପ୍ରକୋଷ୍ଠରେ ଗୁଣି ଗାରେଣୀ, ଡାହାଣୀ ପ୍ରଥା ଓ ଅନ୍ଧବିଶ୍ୱାସର ମୂଳୋତ୍ପାଟନ ପାଇଁ ଏକ କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ମଶାଳାରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଆଲୋକ ଅନୁଗୁଳିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳାମାନଙ୍କ କ୍ଷେତ୍ରରେ ଡାହାଣୀ ସନ୍ଦେହକୁ କିପରି ରୋକାଯାଇ ପାରିବ, ବିଭିନ୍ନ ସରକାରୀ ବିଭାଗ ସହାୟତାରେ କିପରି ତୃଣମୂଳସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଇପାରିବ ସେ ନେଇ ଶ୍ରୀ ଅନୁଗୁଳିଆ ଆଲୋକପାତ କରିଥିଲେ। ଜିଲ୍ଲା ମାନବ ମାନବ ଚାଲାଣ ନିରୋଧ ଶାଖାର ମୁଖ୍ୟ ଆଦିତ୍ୟ ସେନ ଡାହାଣୀ ସନ୍ଦେହ ଓ ଗୁଣି ଗାରେଣୀ ଦ୍ୱାରା ପ୍ରଭାବିତ ହେଉଥିବା ମହିଳାମାନଙ୍କ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବୀ କୁମୁଦ ହୋତା ଡାହାଣୀ ପ୍ରଥା ନିରାକରଣ ଆଇନ-୨୦୧୩ ତଥା ବିଭିନ୍ନ ଧାରା ଏବଂ ଦଣ୍ଡ ବିଧାନ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସଂଯୋଜକ ରଞ୍ଜନ ସାହୁ କହିଥିଲେ ଯେ, ବିଶେଷ କରି ସ୍ୱାସ୍ଥ୍ୟ ଜନିତ ସମସ୍ୟା ଯୋଗୁଁ ଗ୍ରାମାଞ୍ଚଳରେ ଲୋକେ ଗୁଣି ଗାରେଣୀ ଭଳି ଅନ୍ଧବିଶ୍ୱାସ ଉପରେ ଭରସା କରିଥାନ୍ତି। ଏହାର ପରିଣାମ ସ୍ୱରୂପ ଅସମୟରେ ନିରୀହଙ୍କ ଜୀବନ କଷ୍ଟମୟ ହେବା ସହିତ ଜୀବନ ଯାଉଛି। ବ୍ୟାପକ ସଚେତନତା ସୃଷ୍ଟି କରାଯାଇପାରିଲେ ଏଥିରୁ ଲୋକେ ବିରତ ରହିବେ ବୋଲି ସେ କହିଥିଲେ। ବୋଡେନ ସିଡିପିଓ ସାନ୍ତା ବାରିକ ଯୋଗଦେ ଗ୍ରାମାଞ୍ଚଳରେ ବସବାସ କରୁଥିବା ମହିଳାଙ୍କ ଉପରେ ପଡୁଥିବା କୁପ୍ରଭାବ ଏବଂ ଏ ଦିଗରେ ସଚେତନତା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଏହି କାର

ଧସିଲା ୧୦୦ ଫୁଟ ଅତଡ଼ା; ବ୍ରାହ୍ମଣୀ ଆଁରେ ଜୁଣଗଡ଼ି, ପଞ୍ଚୁପଲ୍ଲୀ

ରାଜନଗର, ୧୪।୩(ସମିସ)

ବ୍ରାହ୍ମଣୀ ନଦୀ ଉଗ୍ରମୁଖା ହୋଇ ଏବେ କୂଳ ଖାଇବାରେ ଲାଗିଛି। ରାଜନଗର ବ୍ଲକର ଜୁଣଗଡ଼ି ଓ ପଞ୍ଚୁପଲ୍ଲୀ ନିକଟରେ ଗତ ୫ବର୍ଷ ଧରି ପାଟଶାଳା ନଦୀ ପଠା ଖାଇ ରାଜନଗର-ତାଳଚୁଆ ମୁଖ୍ୟ ରାସ୍ତାକୁ ଗିଳିବା

● ଚିନ୍ତାରେ ଅଞ୍ଚଳବାସୀ; ତୁରନ୍ତ ଦୃଷ୍ଟି ଦେବାକୁ ଦାବି

ଆରମ୍ଭ କରିଥିଲା। ଏବେ ସେହି ଗାଁର ଅପର ପାର୍ଶ୍ୱରେ ଥିବା ବ୍ରାହ୍ମଣୀ ନଦୀ ଏବେ ପଠା ଖାଇ ଗାଁ ଭିତରକୁ ମାଡି ଆସିଲାଣି। ଗତକାଲି ରାତିରେ ପ୍ରାୟ ୧୦୦ଫୁଟ ଓସାରର ଓ ୩୦ଫୁଟ ଚଉଡାର ପଠାକୁ ବ୍ରାହ୍ମଣୀ ନଦୀ ତା ଗର୍ଭକୁ ନେଇଯିବା ପରେ ସମ୍ପୂର୍ଣ୍ଣ ଗାଁ ନଦୀ ଗର୍ଭକୁ ଚାଲିଯିବାର ଆଶଙ୍କା ସୃଷ୍ଟି ହୋଇଛି।

ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତର ପଞ୍ଚୁପଲ୍ଲୀ ଓ ଜୁଣଗଡ଼ି ଗାଁର ଦୁଇ ପାର୍ଶ୍ୱରେ ଦୁଇଟି ନଈ

ବହି ଯାଇଛି। ଗାଁର ଗୋଟିଏ ପାର୍ଶ୍ୱରେ ବ୍ରାହ୍ମଣୀ ନଈ ବହି ଯାଇଥିବାବେଳେ ଅନ୍ୟ ପାର୍ଶ୍ୱରେ ପାଟଶାଳା ନଦୀ ରହିଛି। ଗାଁର ପଛପଟେ ଥିବା ବ୍ରାହ୍ମଣୀ ନଈ ଦୀର୍ଘବର୍ଷ ତଳେ ଥିବା ନଦୀବନ୍ଧକୁ ଗର୍ଭସ୍ଥ କରିବା ପରେ ୩ ବର୍ଷ ତଳେ ପଞ୍ଚୁପଲ୍ଲୀରୁ ପଦ୍ମନାଭପୁର ଯାଏଁ ନୂଆ ବନ୍ଧ ନିର୍ମାଣ ହୋଇଛି। ଏହି ବନ୍ଧର ପଦ୍ମନାଭପୁର ନିକଟରେ କିଛି ଅଂଶ ପଥର ପ୍ୟାକିଂ ହୋଇଥିବା ବେଳେ ଅନ୍ୟଅଂଶ ଏ ଯାଏଁ ପଥର ପ୍ୟାକିଂ ହୋଇନି। ଗତକାଲି ରାତିରେ ଜୁଣଗଡ଼ି ଗାଁର ସଦାନନ୍ଦ ବାରିକ, ମହେଶ୍ୱର ବାରିକ, ଶୁକଦେବ ନାୟକଙ୍କ ଘର ନିକଟରେ ବ୍ରାହ୍ମଣୀ ନଦୀ ପଠାକୁ ଧସେଇ ନେଇଛି। ପ୍ରାୟ ୮୦ଫୁଟ ଲମ୍ବ ଓ ୩୦ଫୁଟ ଚଉଡାର ପଠା ନଦୀ ଗର୍ଭକୁ ଧସିଯିବା ଯୋଗୁ ଗାଁ ଭିତରକୁ ନଦୀ ଚାଲି ଆସିଛି। ପରିସ୍ଥିତି ଏପରି ହୋଇଛି ଯଦି ଏହି ପ୍ରକ୍ରିୟା ଜାରି ରହେ, ୩ବର୍ଷ ତଳେ ନିର୍ମାଣ ହୋଇଥିବା ନୂଆ ଘେରିବନ୍ଧ ମଧ୍ୟ ଭାସିଯିବାର ସମ୍ଭାବନା ରହିଛି। ନୂଆ ଘେରିବନ୍ଧ ଠାରୁ ନଦୀର ଦୂରତା ମାତ୍ର ୧୦ଫୁଟ ରହିଛି। ଆଜି ସକାଳେ ଗାଁ ଭିତରକୁ ନଦୀ ଚାଲି ଆସିଥିବା ଦେଖି ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ସୃଷ୍ଟି ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ଏ ନେଇ ପଦକ୍ଷେପ ନିଆନଗଲେ ଜୁଣଗଣି ଓ ପଞ୍ଚୁପଲ୍ଲୀ ଗାଁ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ରହିଛି। ତୁରନ୍ତ ଏ ନେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ବ୍ୟାଟେରିଚାଳିତ ଗାଡ଼ି ପ୍ରଦାନ କଲା ପ୍ରଶାସନ

● ଭିନ୍ନକ୍ଷମ ଅଞ୍ଚଳିଙ୍କୁ ସହଜ ହେଲା କଣ୍ଢେଇ ବିକିବା

ଜଗତସିଂହପୁର, ୧୪।୩(ସମିସ): ନିଜ ହାତ ତିଆରି କଣ୍ଢେଇ ବିକି ସ୍ୱାବଲମ୍ବୀ ପାଲଟିଥିବା ଜଣେ ଭିନ୍ନକ୍ଷମ ଯୁବତୀଙ୍କ ପାଇଁ ଏବେ ବ୍ୟାଟେରି ଚାଳିତ ଗାଡି ବରଦାନ ପାଲଟିଛି।ପ୍ରଶାସନ ପକ୍ଷରୁ ଆଜି ତାଙ୍କୁ ଏହି ଗାଡି ପ୍ରଦାନ କରାଯିବାପରେ ଏଣିକି ସହଜରେ ସ୍ଥାନୀୟ ଅଞ୍ଚଳରେ କଣ୍ଢେଇ ବିକି ପାରିବେ ବୋଲି ସଦର ବ୍ଲକ ଆଳିପିଙ୍ଗଳ ପଞ୍ଚାୟତ ଶାଳଗାଁର ଅଞ୍ଜଳି ଭୂୟାଁ(୪୦) ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ଜନ୍ମରୁ ପୋଲିଓ ଆକ୍ରାନ୍ତ ହୋଇ ନିଜର ଦୁଇ ଗୋଡ଼ ବଙ୍କା ହେବା ଫଳରେ ଚଳପ୍ରଚଳରେ ଅଞ୍ଜଳି କଠିନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବେଶ କଷ୍ଟରେ ବଢ଼ି ଆସିଥିବା ଅଞ୍ଜଳି ନିଜ ହାତରେ ଖୁବ୍ ସୁନ୍ଦର କଣ୍ଢେଇ ତିଆରି କରନ୍ତି। ଏହାକୁ ସ୍ଥାନୀୟ ଅଞ୍ଚଳରେ ବିକି ପରିବାରର ଖର୍ଚ୍ଚ ଉଠାନ୍ତି। ତେବେ ନିକଟରେ ଚଲାବୁଲା ନିମନ୍ତେ ତଥା ହାତତିଆରି କଣ୍ଢେଇ ସ୍ଥାନୀୟ ଅଞ୍ଚଳରେ ବିକ୍ରି କରିବାକୁ ଅଞ୍ଜଳି ଏକ ବ୍ୟାଟେରୀ ଚାଳିତ ଗାଡିର ଆବଶ୍ୟକତାକୁ ଅନୁଭବ କରି ଆଶୀର୍ବାଦ ସେବା ସଂଗଠନ ସହଯୋଗରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ୍ କୁମାର ନାୟକଙ୍କ ପରାମର୍ଶ କ୍ରମେ ଜଗତସିଂହପୁର ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଏବିଡ଼ିଓ ଅଜୟ ବେହେରା, ବ୍ଲକ ଉପ ସଭାପତି ରତି ରଞ୍ଜନ ବେହେରା ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପରେଖା ସାହୁଙ୍କ ଉପସ୍ଥିତିରେ ଭିନ୍ନକ୍ଷମ ଯୁବତୀ ଅଞ୍ଚଳିଙ୍କୁ ବ୍ୟାଟେରି ଚାଳିତ ଗାଡି ପ୍ରଦାନ କରାଯାଇଛି। ଏହି ସମୟରେ ସେଠାରେ ଜଗନ୍ନାଥ ବେହେରା, ରଶ୍ମି ରଞ୍ଜନ ମହାନ୍ତି ଦୈତାରୀ ଭୋଇ, ସୌମ୍ୟକାନ୍ତ ଦାସ, ସନ୍ତୋଷ କରଣ ପ୍ରମୁଖ ଉପସ୍ଥିତ ଥିଲେ।

ସୁନା ଦୋକାନୀଙ୍କଠାରୁ ଝାମ୍ପିନେଲେ ୫୦ ଗ୍ରାମର ଗହଣା

ତିର୍ତ୍ତୋଲ, ୧୪।୩(ସମିସ): ତିର୍ତ୍ତୋଲ ଗ୍ରାମର ସୁନା ଦୋକାନୀ ସରୋଜ ସାହୁଙ୍କଠାରୁ ଗତକାଲି ରାତିରେ ଦୁର୍ବୃତ୍ତମାନେ ୫୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନା ଗହଣା ଓ ୪୦ହଜାର ଟଙ୍କା ଲୁଟିନେଇ ଥିବା ତିର୍ତ୍ତୋଲ ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡ଼ିଛି ଯେ, ତିର୍ତ୍ତୋଲ କଲେଜ ବଜାରସ୍ଥିତ ଶ୍ରୀରାମ ଜୁଏଲାରୀର ମାଲିକ ଶ୍ରୀ ସାହୁ ଦୋକାନ ବନ୍ଦ କରି ରାତିରେ ସୁନା ଗହଣା ଓ ଟଙ୍କା ନେଇ ଏକ ସ୍କୁଟିରେ ନିଜ ଘର ତିର୍ତ୍ତୋଲକୁ ଯାଉଥିଲେ। ତିର୍ତ୍ତୋଲ ଗ୍ରାମ ମୁଣ୍ଡରେ ଲୁଟେରାମାନେ ଦୁଇଟି ବାଇକରେ ଆସି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରି ସ୍କୁଟି ଡିକିରୁ ୫୦ ଗ୍ରାମର ସୁନାଗହଣା ଓ ୪୦ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏସମ୍ପର୍କରେ ତିର୍ତ୍ତୋଲ ଥାନାରେ ଅଭିଯୋଗ ପରେ ତିର୍ତ୍ତୋଲ ପୁଲିସ ଘଟଣାର ଅନୁସନ୍ଧାନ ଚଳାଇଛି।

ବ୍ରହ୍ମ ସନାତନ ଯଜ୍ଞ ପ୍ରସ୍ତୁତି ବୈଠକ

ଡେରାବିଶ, ୧୪।୩(ସମିସ):ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାଣିଓଳାସ୍ଥିତ ଜଗଦଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଶ୍ରମ ପରିସରରେ ବ୍ରହ୍ମସନାତନ ଯଜ୍ଞ ଓ ଅଷ୍ଟପ୍ରହରବ୍ୟାପୀ ନାମଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ଭକ୍ତ ସମିତିର ଅଷ୍ଟାଦଶ ବାର୍ଷିକ ଉତ୍ସବ ଅବସରରେ କେନ୍ଦ୍ରୀୟ ବହିଃଶୁଳ୍କ ଅବକାରୀ ବିଭାଗର ପୂର୍ବତନ ପ୍ରଶାସନିକ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ନେତୃତ୍ୱରେ ଭକ୍ତ ସମିତିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ରହିଥିଲେ। ଚଳିତ ମାସ ୧୭ ତାରିଖରେ ବ୍ରହ୍ମ ସନାତନ ଯଜ୍ଞର ଅଙ୍କୁରାରୋପଣ, ୧୮ ତାରିଖରେ ନାମଯଜ୍ଞର ଶୁଭାଧିବାସ ଏବଂ ୧୯ ତାରିଖରେ ବ୍ରହ୍ମସନାତନ ଯଜ୍ଞର ପୂର୍ଣ୍ଣାହୁତିହେବା ସହ ୨୦ ତାରିଖରେ ନଗରକୀର୍ତ୍ତନ ପରେ ନାମଯଜ୍ଞର ସମାପ୍ତି ହେବ। ଚାରିଦିନ ବ୍ୟାପୀ ଏହି ଯଜ୍ଞ କାର୍ଯ୍ୟକ୍ରମର ସନ୍ଧ୍ୟାରେ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ରହିଥିବା ବେଳେ ଭକ୍ତ ଗୋଷ୍ଠୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ବ୍ୟବସ୍ଥା ରହିଥିବା ଭକ୍ତ କମିଟିର କର୍ମକର୍ତା ପ୍ରକାଶ କରିଛନ୍ତି।

ଭଗବତୀ ବିଦ୍ୟାଳୟ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ପଞ୍ଚୁପାଣ୍ଡବ, ୧୪।୩(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ବିଜୟଲକ୍ଷ୍ମୀ ବାରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଜେନାଙ୍କ ନେତୃତ୍ୱରେ ଏବିଇଓ ସଚିକାନ୍ତ ମିଶ୍ର ଓ ସିଆରସିସି

ମାମୁନି ସିଂ ଅଷ୍ଟମରେ ପଢୁଥିବା ବିଜୟଲକ୍ଷ୍ମୀ ବାରିକଙ୍କୁ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ସହ ଆଶିର୍ବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହରେକୃଷ୍ଣ କର, କମଳାକାନ୍ତ ସାହୁ, ଅଶ୍ୱିନୀ କୁମାର ରାଉତ, ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ମିତାଲି ମିଶ୍ର ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

■ ବିବାଦ ଘେରରେ ଜିଲ୍ଲା ପ୍ରଶାସନ

ଭୁଲ୍ କରୁଛନ୍ତି ଉପରିସ୍ଥ ଅଧିକାରୀ, ଦଣ୍ଡ ଭୋଗୁଛନ୍ତି ତଳିଆ କର୍ମଚାରୀ

କେନ୍ଦ୍ରାପଡ଼ା, ୧୪।୩(ସମିସ): ଏଠି ପ୍ରଶାସନ ଅଧିକାରୀ ଯାହା ଚାହିଁବେ କରିବେ। ତାଙ୍କୁ କେହି ରୋକିପାରିବେନି। ଏମିତିକି ବିନା କାରଣରେ ତଳିଆ କର୍ମଚାରୀଙ୍କୁ ନିଲମ୍ବିତ ମଧ୍ୟ କରେଇପାରନ୍ତି। ନବଯୁଗ ଠକେଇକୁ ନେଇ ବିବାଦରେ ଥିବା କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଆଉ ଗୋଟେ ବିବାଦରେ ଫସିଛି। ଜଣେ ତଳିଆ କର୍ମଚାରୀଙ୍କୁ ଷଡ଼ଯନ୍ତ୍ର କରି ନିଲମ୍ବିତ କରିବା ଭଳି ଘଟଣା ଏବେ ସାମ୍ନାକୁ ଆସିଛି। ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ଭୁଲ ଯୋଗୁ କେମିତି ଜଣେ ମହିଳା କର୍ମଚାରୀଙ୍କୁ ବିନା କାରଣରେ ପୂର୍ବତନ ଜିଲ୍ଲାପାଳ ନିଲମ୍ବିତ କଲେ ତାହା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ଭାଇରାଲ ହେଉଥିବା ଅଡିଓ ପ୍ରଶାସନିକ ଅଧିକାରୀଙ୍କ ଗୁମର ଖୋଲିଦେଇଛି। ନବଯୁଗ ଠକେଇ ଘଟଣାରେ ଛନ୍ଦି ହୋଇଥିବା ପ୍ରଶାସନ ଏବେ ନିଲମ୍ବିତ ଘଟଣାର ଭାଇରାଲ ହେଉଥିବା ଅଡିଓକୁ ନେଇ

● ଷଡ଼ଯନ୍ତ୍ରର ଶିକାର ହୋଇ ନିଲମ୍ବିତ ତଳିଆ କର୍ମଚାରୀଙ୍କ ଅଡିଓ ଭାଇରାଲ

ପୁଣି ବିବାଦକୁ ଟାଣି ହୋଇଛି। ଯେଉଁଥିରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ପୂର୍ବତନ ଅଧିକାରୀ ଜିଲ୍ଲାର ବିବାଦୀୟ ପ୍ରଶାସନିକ ଅଧିକାରୀ ଓ ସମାଜ ମଙ୍ଗଳ କାର୍ଯ୍ୟାଳୟର ନିଲମ୍ବିତ ମହିଳା କର୍ମଚାରୀଙ୍କ ଅଡିଓ ଏବେ ମୋବାଇଲରୁ ମୋବାଇଲ ଘୁରି ବୁଲୁଛି। ପୂର୍ବତନ ସମାଜ ମଙ୍ଗଳ ଅଧିକାରୀ ଓ ନିଲମ୍ବିତ ମହିଳା କର୍ମଚାରୀଙ୍କର ବାର୍ତ୍ତାଳାପରେ ସ୍ପଷ୍ଟ ଭାବେ ମହିଳା କର୍ମଚାରୀଙ୍କ କିଛି ଦୋଷ ନଥିବା ଶୁଣିବାକୁ ମିଳିଛି।ସେହିଭଳି ଦ୍ୱିତୀୟ ଅଡିଓରେ ବିବାଦୀୟ ପ୍ରଶାସନିକ ଅଧିକାରୀ ଓ ନିଲମ୍ବିତ କର୍ମଚାରୀଙ୍କ ଅଡିଓରେ ମହିଳା କର୍ମଚାରୀ ଜଣଙ୍କ ଅଧିକାରୀଙ୍କୁ ନିଲମ୍ବିତ ନେଇ ଜିଲ୍ଲାପାଳଙ୍କୁ ସ୍ପଷ୍ଟ କଥା କହିବାକୁ ଅନୁରୋଧ କରିଛନ୍ତି। ହେଲେ ଅଧିକାରୀ ଜଣଙ୍କ ରାଜ୍ୟ ବାହାରେ ଥିବା କହି ସେ ନିଜ ଜିଲ୍ଲାପାଳଙ୍କୁ କୁହନ୍ତୁ ବୋଲି ଅଧିକାରୀ ଜଣକ କହିଛନ୍ତି।

ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ବୈଠକ

ଡେରାବିଶ, ୧୪।୩(ସମିସ):ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳା ସ୍ଥିତ ବିବି ମଡ଼େଲ ହାଇସ୍କୁଲ ପରିସରରେ ବ୍ଲକ ସ୍ତରୀୟ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ଶ୍ରୀକୃଷ୍ଣ ସ୍ତୋତ୍ର ପାଠ ଓ ଶ୍ରୀ ବେହେରାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରତୀବାଳା ରଥ ଉପସ୍ଥିତ ବ୍ଲକର ସମସ୍ତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିବା ସହିତ ଏହି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ମହାନ୍ତି, ସୁଚିସ୍ମିତା ତ୍ରିପାଠୀ, ସସ୍ମିତା ବଳ, ଅନିତା ପଣ୍ଡା, ପ୍ରଜ୍ଞାପାରମିତା ମିଶ୍ର, ତବସୁମ ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ, ଚନ୍ଦନ ସିନ୍ଦୁର ପ୍ରଦାନ ପୂର୍ବକ ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ, ବ୍ଲକ ଶିକ୍ଷାଧିକାରୀ ଶ୍ରୀ ବେହେରା ଓ କାର୍ଯ୍ୟକ୍ରମର ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର କାନନବାଳା ନାୟକ ଏବଂ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ରଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ବୈଠକରେ ନବମ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଉନ୍ନତି ପାଇଁ ନୂତନ ଶିକ୍ଷାବର୍ଷ ନିମନ୍ତେ ଯୋଜନା, ଦଶମ ପରୀକ୍ଷା ଦେଇଥିବା ପିଲାଙ୍କ ପାଇଁ ଧନ୍ଦାମୂଳକ ଶିକ୍ଷା ପ୍ରଶିକ୍ଷଣ

ଆଲୋଚନା, ଗ୍ରୀଷ୍ମାବକାଶ ସମୟରେ ବିଦ୍ୟାଳୟର ଆସବାବପତ୍ର, ସମ୍ପତ୍ତିର ରକ୍ଷଣାବେକ୍ଷଣ ଓ ସୁପରିଚାଳନା, ବିଦ୍ୟାଳୟ ଗୁଡ଼ିକର ଉନ୍ନତିରେ ପୁରାତନ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ବିଷୟରେ ବ୍ଲକ ଅଧିକାରୀ ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର ନାୟକ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମଲ୍ଲିକେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରା, କୁସୁନୁପୁର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ଜେନା, ଡେରାବିଶ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସ, ରାମଚଣ୍ଡୀ ନୋଡାଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଶେଷରେ ହରିଅଙ୍କ ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରର ଗିରିଜା ପରିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱଶାନ୍ତି ରୁଦ୍ରମହାଯଜ୍ଞ ଉଦ୍‌ଯାପିତ

ରାଜନଗର, ୧୪।୩ (ସମିସ): ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡ଼ ଗ୍ରାମରେ ମହାଶିବରାତ୍ରି ଉପଲକ୍ଷେ ଶ୍ରୀ ଶ୍ରୀ ହରଗୌରୀ ପୂଜାତ୍ସୋବ ଓ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଦୀର୍ଘ ୫ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସୁବ୍ରତ କୁମାର ରଥ, ପଣ୍ଡିତ ମହେନ୍ଦ୍ର କୁମାର ଶତପଥି, ପଣ୍ଡିତ ପ୍ରକାଶ କୁମାର ଶତପଥି, ପଣ୍ଡିତ ଅଶୋକ କୁମାର ଦେବତା, ପଣ୍ଡିତ ବାସୁଦେବ ନନ୍ଦ, ପଣ୍ଡିତ ଫକୀର ମୋହନ ଶତପଥିଙ୍କ ମନ୍ତ୍ରଧ୍ୱନୀରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ ହରଗୌରୀଙ୍କର ଷୋଡଶ ପୂଜା ଉପଚାର ସହିତ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର କଳସ ଯାତ୍ରା, ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋମାତା ପୂଜା, ରୁଦ୍ରାଭିଷେକ, ଯଜ୍ଞକର୍ମ, ଚଣ୍ଡୀପାଠ, ଗୀତାପାଠ ଓ ଶେଷରେ ପୁଷ୍ପାଞ୍ଜଳି ପୂର୍ଣ୍ଣାହୂତି କରାଯାଇଥିଲା। ଯଜ୍ଞର ପୁରୋଧା ଭାବେ ସନାତନ ରାଉତ ଓ ତାଙ୍କ ସହଧର୍ମିଣୀ କବିତା ରାଉତ କାର୍ଯ୍ୟ ନିର୍ବାହ କରିଥିଲେ। ଗ୍ରାମର ପ୍ରାୟ ୩୦ଜଣ ବୟୋଜ୍ୟେଷ୍ଠ ବୃଦ୍ଧଙ୍କୁ ଏକତ୍ରିତ କରି ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଶାସ୍ତ୍ରିଜୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଶଙ୍ଖାରିସାହି ଚାମ୍ପିଅନ୍

ବିରିଡି, ୧୪।୩(ସମିସ): ବିରିଡି ବ୍ଲକ ବାରେଡ଼ିଆ ପଞ୍ଚାୟତ ଢ଼ିଅସାହି ବିରିଖେଳ ପଡ଼ିଆରେ ସ୍ଥାନୀୟ ଶାସ୍ତ୍ରିଜୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶାସ୍ତ୍ରୀଜୀ ଯୁବପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ ଶଙ୍ଖାରିସାହି ଓ ତଳପାଟକ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ଟସ୍ ଜିତି ଶଙ୍ଖାରିସାହି ଦଳ ୨୦ଓଭରରେ ୧୯୮ ରନ କରିଥିଲା। ଜବାବରେ ତଳପାଟକ ଟିମ ୧୦୨ରନ କରିବାରେ ସକ୍ଷମ ହୋଇଥିଲେ। ଫଳରେ ୯୬ରନରେ ଜିତି ଆଜିର ଶାସ୍ତ୍ରିଜୀ କ୍ରିକେଟ କପ୍-୨୦୨୪ ର ଚଳିତବର୍ଷ ଚାମ୍ପିଅନ୍ ହୋଇଥିଲା ଶଙ୍ଖାରିସାହି। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ କାଳନ୍ଦୀ ବସ୍ତିଆ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସଭ୍ୟା ଦୀପ୍ତିମୟୀ ରାୟ, ପୂରଣ ସମବାୟ ସମିତି ସଭାପତି ନନ୍ଦକିଶୋର ବସ

ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

ସ୍ୱାମୀଙ୍କ ଭଲପାଇବା ଏମିତି

ପତ୍ନୀଙ୍କୁ ଧରାନ୍ତି ୮ ଲକ୍ଷ ହାତଖର୍ଚ୍ଚ

ବିବାହ ଏକ ପବିତ୍ର ବନ୍ଧନ । ଅନେକ ଆଶା ଆକାଂକ୍ଷା ଯୋଡ଼ି ହୋଇ ରହିଥାଏ ଏହାସହ । ବର କନିଆଙ୍କ ଠାରୁ ଆରମ୍ଭ କରି ପରିବାର ଓ ବନ୍ଧୁବାନ୍ଧବ ସମସ୍ତେ ବେଶ୍ ଉତ୍ସାହିତ ଥାନ୍ତି ବାହାଘରକୁ ନେଇ । ପ୍ରତ୍ୟେକ ଝିଅ ତାଙ୍କୁ ଭଲ ସ୍ୱାମୀଟିଏ ମିଳୁ ବୋଲି ସ୍ୱପ୍ନ ଦେଖିଥାନ୍ତି । ଯିଏ ତାଙ୍କୁ ସବୁବେଳେ ଖୁସିରେ ରଖିପାରୁଥିବ । ସେମିତି ଜଣେ ସ୍ୱାମୀ ହେଲେ ଆମେରିକାରେ ରହୁଥିବା ଆର୍ଟୁରୋ ପେଷ୍ଟାନା । ଆର୍ଟୁରୋ ନିଜ ପତ୍ନୀଙ୍କୁ ଏମିତି ରଖନ୍ତି ଯେ, ଏବେ ସେ ବିଶ୍ୱର ସବୁଠୁ ଭଲ ସ୍ୱାମୀ ଆଖ୍ୟା ପାଇଛନ୍ତି । ୨୪ ବର୍ଷୀୟ ଆର୍ଟୁରୋ ତାଙ୍କ ପତ୍ନୀଙ୍କୁ ହାତଖର୍ଚ୍ଚ ବାବଦରେ ମାସକୁ ୮ ଲକ୍ଷ ଟଙ୍କା ଦେଇଥାନ୍ତି । ଯଦ୍ୱାରା ସେ ମନଇଚ୍ଛା ସଫି କରିପାରିବେ । ତା'ସହ ନିଜ ସ୍ତ୍ରୀଙ୍କୁ ଘରକାମ କରିବାକୁ ବି ମନା କରନ୍ତି । ଏହାବାଦ୍ ପ୍ରତିମାସ ଅମିରାଙ୍କୁ ୪ଟି ଛୁଟି ମଧ୍ୟ ଦେଇଥାଆନ୍ତି ଯଦ୍ୱାରା ସେ ଯୁଆଡ଼େ ଇଚ୍ଛା କରିବେ ବୁଲିପାରିବେ । ତେବେ ୧୨ ବର୍ଷ ବୟସରେ ଏହି ପତିପତ୍ନୀ ପରସ୍ପରକୁ ଭେଟିଥିଲେ । ୨୦୨୩ ମସିହାରେ ଏ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଗଲେ । ଅମିରା ଓ ଆର୍ଟୁରୋଙ୍କ ଗୋଟିଏ ସନ୍ତାନ ମଧ୍ୟ ଅଛି । ପ୍ରଥମେ ଆର୍ଟୁରୋଙ୍କୁ ଅମିରା ପସନ୍ଦ କରୁ ନ ଥିଲେ । ମାତ୍ର ୧୮ ବର୍ଷ ବୟସ ହେବା ପରେ ଅମିରା ଆର୍ଟୁରୋଙ୍କ ପ୍ରେମକୁ ସ୍ୱୀକାର କରିଥିଲେ ଓ ଉଭୟେ ଏବେ ସୁଖୀଦାମ୍ପତ୍ୟ ଜୀବନ କାଟୁଛନ୍ତି । ଅମିରାଙ୍କୁ ସାରା ଜୀବନ ରାଜକୁମାରୀ ଭଳି ରଖିବେ ବୋଲି ଆର୍ଟୁରୋ କହିଛନ୍ତି ।

ଆଜିର ଇତିହାସ

- ୧୮୯୨- ପ୍ରଥମ ଥର ନ୍ୟୁୟର୍କରେ ଅଟୋମେଟିକ୍ ବାଲାଟ୍ ମେସିନ୍‌ର ବ୍ୟବହାର କରାଗଲା ।
- ୧୯୧୯- ଉସ୍‌ମାନିଆ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ହୋଇଥିଲା ।
- ୧୯୩୪- ବହୁଜନ ସମାଜ ପାର୍ଟିର ସଂସ୍ଥାପକ କାଂଶୀ ରାମଙ୍କ ଜନ୍ମ ।
- ୨୦୦୨- ବାର୍ସିଲୋନାରେ ୟୁରୋପୀୟ ସଂଘର ଶିଖର ସମ୍ମିଳନୀ ଆରମ୍ଭ ହେଲା ।
- ୨୦୦୮ - ଦେଶର ପ୍ରଥମ ମହିଳା ପାଇଲଟ୍ ସରଳା ଠକରାଲ୍‌ଙ୍କ ଦେହାନ୍ତ ।

'ପୁଷ୍ପା-୨'ରେ ସଞ୍ଜୟ !

ଚଳିତ ବର୍ଷ ରିଲିଜ୍ ହେବାକୁ ଥିବା ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରୁ ଯେଉଁ ଫିଲ୍ମକୁ ନେଇ ଅଧିକ ଚର୍ଚ୍ଚା ହେଉଛି ତାହା ହେଉଛି 'ପୁଷ୍ପା ୨: ଦ ରୁଲ୍' । ଅଲ୍ଲୁ ଅର୍ଜୁନ୍‌ଙ୍କ ଅଭିନୀତ 'ପୁଷ୍ପା' ଫିଲ୍ମର ଏହା ସିକ୍ୱେଲ । ୨୦୨୧ରେ ମୁକ୍ତିଲାଭ କରିଥିବା 'ପୁଷ୍ପା: ଦ ରାଇଜ୍' ଫିଲ୍ମ ସାରା ବିଶ୍ୱରେ ୩୫୦ କୋଟିରୁ ଅଧିକ ଆୟ କରିଥିଲା । ବିଶେଷକରି ସୋସିଆଲ ମିଡିଆରେ ଏହାର ଏକ ଅଲଗା କ୍ରେଜ୍ ଦେଖିବାକୁ ମିଳିଥିଲା । ତେବେ 'ପୁଷ୍ପା-୨' ପାଇଁ ଏହାର ନିର୍ଦ୍ଦେଶକ ସୁକୁମାର ସଞ୍ଜୟ ଦତ୍ତଙ୍କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି । ଏଥିରେ ସଞ୍ଜୟ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଭାବରେ ଅଭିନୟ କରିବେ । ତେବେ 'କେଜିଏଫ୍-୨' ହିଟ୍ ହେବା ପରେ ସଞ୍ଜୟଙ୍କୁ ବହୁତ ବଡ଼ ବଡ଼ ବ୍ୟାନର୍‌ରୁ ଅଫର୍ ଆସୁଛି । ସଞ୍ଜୟ ଏଥିରେ ଖଳନାୟକ ଭାବେ ଦେଖାଯିବେ କି ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ ।

ଭିକାରି ବେଶରେ ୧୨ ବର୍ଷ

ସମାଜରେ ବହୁ ଅସହାୟ, ଦରିଦ୍ର ତଥା ଭିନ୍ନକ୍ଷମ ଭିକ୍ଷାବୃତ୍ତି କରିଥାନ୍ତି । ଏଥିରୁ ଯାହା କିଛି ମିଳେ ସେଥିରେ ସେମାନେ ଜୀବନ ନିର୍ବାହ କରନ୍ତି । ଏହି ପରିପ୍ରେକ୍ଷୀରେ ଚୀନ୍‌ର ଜଣେ ବ୍ୟକ୍ତିଙ୍କୁ ଅଭିନୟ ପସନ୍ଦ ଥିବାରୁ ସେ ଭିକାରି ବେଶ ଧାରଣ କରିଛନ୍ତି । ତେବେ ଏହି ବ୍ୟକ୍ତି ଜଣକ ଯେ, କେବଳ ଭିକାରି ଭଳି ଅଭିନୟ କରୁଛନ୍ତି ତାହା ନୁହେଁ, ବରଂ ଏହାକୁ ସେ ବୃତ୍ତି ଭାବେ ଆପଣାଇ ମାସକୁ ବେଶ୍ ମୋଟା ଅଙ୍କର ଅର୍ଥ ରୋଜଗାର କରିପାରୁଛନ୍ତି । ଅଭିନେତା ଲୁ ଜିନ୍‌ଗାଙ୍ଗ ଚୀନ୍‌ର ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳରେ ଭିକାରି ବେଶରେ ଦିନେ କି ଦୁଇ ଦିନ ନୁହେଁ, ବରଂ ଦୀର୍ଘ ୧୨ ବର୍ଷ ଧରି ଅଭିନୟ କରି ଆସୁଛନ୍ତି । ତାଙ୍କ ଅଭିନୟ ଏତେ ଜୀବନ୍ତ ଯେ, ଲୋକେ ତାଙ୍କୁ ସତରେ ଭିକାରି ଭାବନ୍ତି । ଲୁଙ୍କୁ ଦେଖିଲେ ଏମିତି ଲାଗେ, ଯେମିତି ସେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି । ଉଦାସ ମୁହଁ ସହିତ ଛିଣ୍ଡାଲେଙ୍କଡ଼ା ମଇଳା ପୋଷାକରେ ଲୁଙ୍କୁ ସବୁବେଳେ ଦେଖିବାକୁ ମିଳେ । ତାଙ୍କର ଏଭଳି ଅବସ୍ଥାକୁ ଦେଖି ଲୋକେ ଦୁଃଖ କରି ଲୁଙ୍କୁ ଭିକ୍ଷା ଦେବାକୁ ବାଧ୍ୟ ହୋଇଥାନ୍ତି । ଲୁ ତାଙ୍କର ଏହି ଅଭିନୟ ମାଧ୍ୟମରେ ମାସିକ ଆଠ ଲକ୍ଷ ଟଙ୍କା ରୋଜଗାର କରିଥାନ୍ତି । ଅବଶ୍ୟ ପ୍ରଥମେ ତାଙ୍କ ପରିବାର ତାଙ୍କର ଏଭଳି କାର୍ଯ୍ୟକୁ ଆଦୌ ପସନ୍ଦ କରୁ ନ ଥିଲେ । କିନ୍ତୁ ପରେ ଏଥିରୁ ସେ ଅଧିକ ଟଙ୍କା ଆୟ କରିବାରୁ ସେମାନେ ଲୁଙ୍କ ଏହି କାର୍ଯ୍ୟକୁ ସମର୍ଥନ କଲେ । ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହି ଘଟଣା ସେୟାର୍ ହେବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି । ତା'ସହ ଲୁଙ୍କ ଏଭଳି କାର୍ଯ୍ୟକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି । ଚାକିରି ଛାଡ଼ି ଭିକ୍ଷାବୃତ୍ତିକୁ ଆପଣାଇବା କଥା ଅନେକ କହିଛନ୍ତି ।

ରାଶିଫଳ

ଆଜିର

ମେଷ: ଦୀର୍ଘଦିନର ପାରିବାରିକ ମତଭେଦ ଦୂର ହେବ । ଭାବନା ଉପରେ ନିୟନ୍ତ୍ରଣ ରଖନ୍ତୁ । କର୍ମଚଞ୍ଚଳ ରହିବେ । ସାଥୀଙ୍କୁ ତାଙ୍କ ପସନ୍ଦର ଉପହାର ଦିଅନ୍ତୁ । ଶୁଭ ରଙ୍ଗ-ଲାଲ୍, ଶୁଭ ଅଙ୍କ- ୫ ।

ବୃଷ: ପାରିବାରିକ ଜୀବନ ସୁଖମୟ ହେବ । କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି । ନୂତନ ବ୍ୟବସାୟ ପାଇଁ ଉପଯୁକ୍ତ ସମୟ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଶୁଭ ରଙ୍ଗ-ସବୁଜ, ଶୁଭ ଅଙ୍କ- ୯ ।

ମିଥୁନ: ପ୍ରେମସମ୍ପର୍କ ବିଷୟରେ ଅଧିକ ଚିନ୍ତା କରିବେ । ନିଜ ପାଇଁ ସମୟ ବାହାର କରନ୍ତୁ । ଶାନ୍ତ ରୁହନ୍ତୁ । କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ଶୁଭ ରଙ୍ଗ -ହଳଦିଆ, ଶୁଭ ଅଙ୍କ- ୭ ।

କର୍କଟ: ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ । ଶୁଭ ରଙ୍ଗ - ଗାଢ଼ ନୀଳ ଓ ଶୁଭ ଅଙ୍କ - ୧୧ ।

ସିଂହ: କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ପ୍ରେମ ବ୍ୟାପାରରେ ସତର୍କ ରୁହନ୍ତୁ । ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ଅର୍ଥ ନିବେଶରୁ ଦୂରେଇ ରହିବେ । ଶୁଭ ରଙ୍ଗ - ନାରଙ୍ଗୀ ଓ ଶୁଭ ଅଙ୍କ - ୩ ।

କନ୍ୟା: ନିଜ ଲୋକଙ୍କ ପାଇଁ ଚିନ୍ତାରେ ରହିବେ । ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ । ଶୁଭ ରଙ୍ଗ -ବାଇଗଣୀ ଓ ଶୁଭ ଅଙ୍କ -୧୬ ।

ତୁଳା: ମନ ବିଚଳିତ ରହିବ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ପୂଜାର୍ଚ୍ଚନାରେ ସମୟ ବିତିବ । ଶୁଭ ରଙ୍ଗ-ଗୋଲାପୀ ଏବଂ ଶୁଭ ଅଙ୍କ -୮ ।

ବିଛା: ନିଜ ମନକଥା କହିବାକୁ ସଙ୍କୋଚ କରନ୍ତୁନି । ଅଚାନକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜମିବାଡ଼ିକୁ ନେଇ ବିବାଦ ଦେଖାଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଶୁଭ ରଙ୍ଗ -ସବୁଜ, ଶୁଭ ଅଙ୍କ -୬ ।

ଧନୁ: ପ୍ରେମରେ ପ୍ରତାରିତ ହୋଇପାରନ୍ତି । ଘର ପାଇଁ ନୂଆ ଜିନିଷ କିଣିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ଶୁଭ ରଙ୍ଗ - ଲାଲ, ଶୁଭ ଅଙ୍କ -୧୨ ।

ମକର: ବିବାଦୀୟ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ନୂତନ ଯାନବାହନ କ୍ରୟ କରିବେ । ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି । ଶୁଭ ରଙ୍ଗ -ହଳଦିଆ ଓ ଶୁଭ ଅଙ୍କ -୧୭ ।

କୁମ୍ଭ: ଆଜି ଦିନରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ । ଶୁଭ ରଙ୍ଗ- ନୀଳ, ଶୁଭ ଅଙ୍କ -୧୩ ।

ମୀନ: ବ୍ୟବସାୟରେ ବାଧା ଆସିବ । ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେବେ । ଶୁଭ ରଙ୍ଗ- ଧଳା. ଶୁଭ ଅଙ୍କ -୨ ।

କର୍କଟ ଆଶଙ୍କା ହ୍ରାସ କରେ ଆଖୁରସ

ଆଖୁରସରୁ ସୋଡିୟମ୍, କ୍ୟାଲସିୟମ୍, ଲୌହସାର ଆଦି ପୋଷକତତ୍ତ୍ୱ ମିଳିଥାଏ । ଆଖୁରସ କର୍କଟ ରୋଗ ଆଶଙ୍କାକୁ ହ୍ରାସ କରିବା ସହ ଯକୃତ୍ ସମସ୍ୟା, ପାଚନସମ୍ବନ୍ଧୀୟ ସମସ୍ୟାକୁ କମ୍ କରି ଅସ୍ଥିକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ । ତେଣୁ ପ୍ରତିଦିନ ଏକ ଗ୍ଲାସ ଆଖୁରସ ପିଇବା ଫଳପ୍ରଦ ।

- ଆଖୁରସରେ କ୍ୟାଲସିୟମ୍, ପୋଟାସିୟମ୍, ଆଇରନ, ମ୍ୟାଗ୍ନେସିୟମ୍ ମାତ୍ରା ଅଧିକ ରହିଥାଏ । ଏଥିରେ ମିଳୁଥିବା ସ୍ୱତନ୍ତ୍ର ତତ୍ତ୍ୱ କର୍କଟ ରୋଗ ଆଶଙ୍କାକୁ ହ୍ରାସ କରାଏ । ବିଭିନ୍ନ କର୍କଟ ରୋଗ ସମେତ ପ୍ରୋଷ୍ଟେଟ ଏବଂ ସ୍ତନ୍ୟ କର୍କଟ ସହ ଲଢ଼େଇ କରିବାରେ ଏହା ବେଶ୍ ସହାୟକ ହୁଏ । ଆଖୁରସରେ ପ୍ରାକୃତିକ ଶର୍କରା ମିଳୁଥିବାରୁ ଏହା ଶରୀରର ଗ୍ଲୁକୋଜ ମାତ୍ରାକୁ ବୃଦ୍ଧି କରାଏ । ଏହି ରସ ପିଇବା ଦ୍ୱାରା ଶରୀର ମଜଭୁତ ରହିବା ସହ ଖରାଦିନେ ଅଜୀର୍ଣ୍ଣ ସମସ୍ୟାରୁ ମଧ୍ୟ ରକ୍ଷା ମିଳିଥାଏ ।
- ଆଖୁରସରୁ ମିଳୁଥିବା ପୋଟାସିୟମ୍ ପାଚନତନ୍ତ୍ର ପାଇଁ ଲାଭପ୍ରଦ । ପେଟଜନିତ ସମସ୍ୟାକୁ ଏହା ଦୂର କରେ । କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ରୁହେ ନାହିଁ । ଏଥିରେ ଥିବା ଫାଇବର ଓଜନ ନିୟନ୍ତ୍ରଣ କରେ । ଅଲ୍‌ଫା ହାଇଡ୍ରୋକ୍ସି ଏସିଡ (ଏଏଚ୍‌ଏଏସ୍) ପଦାର୍ଥ ତ୍ୱଚା ସମ୍ବନ୍ଧୀୟ ସମସ୍ୟାକୁ ଦୂର କରେ ।
- ଆଖୁ ରସ ଶରୀରର କୋଲେଷ୍ଟ୍ରଲ ଏବଂ ଟ୍ରାଇଗ୍ଲିସରାଇଡ ସ୍ତରକୁ ହ୍ରାସ କରେ । ପ୍ରୋଟିନ୍‌ଯୁକ୍ତ ଆଖୁରସ ପିଇବା ଦ୍ୱାରା ବୃକ୍‌କ ସଂକ୍ରମଣ, ପରିସ୍ରା ସଂକ୍ରମଣ, ଅମ୍ଳ, ପଥର ସମସ୍ୟାରୁ ମୁକ୍ତି ମିଳେ । ସେହିପରି ଆଖୁରସରେ ଆଣ୍ଟି ଅକ୍ସିଡାଣ୍ଟ ମାତ୍ରା ଅଧିକ ଥିବାରୁ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ରକ୍ତହୀନତା ଦୂର କରେ । ଦାନ୍ତଜନିତ ସମସ୍ୟା ଦୂର କରିବାରେ ମଧ୍ୟ ଆଖୁ ରସ ବେଶ୍ ଫଳପ୍ରଦ ।

ଦାନ୍ତ ହଳଦିଆ ପଡୁଥିଲେ...

ଜଣ ଜଣଙ୍କର ଦାନ୍ତ ଖୁବ୍ ହଳଦିଆ ଦେଖାଯାଇଥାଏ । ଏହା ସେମାନଙ୍କ ସୌନ୍ଦର୍ଯ୍ୟହାନି କରେ । ସେମାନେ ଅନ୍ୟ ଆଗରେ ଦାନ୍ତ ଦେଖାଇବାକୁ ସଙ୍କୋଚ ଅନୁଭବ କରନ୍ତି । ଯଦିଓ ଭିନ୍ନ ଭିନ୍ନ କାରଣରୁ ଦାନ୍ତ ହଳଦିଆ ପଡ଼ିଥାଏ, କିନ୍ତୁ ଆବଶ୍ୟକତାଠାରୁ ଦାନ୍ତ ଅଧିକ ହଳଦିଆ ହୋଇଥିଲେ, କିଛି ଘରୋଇ ଉପାୟରେ ଦାନ୍ତକୁ ଚକ୍‌ଚକ୍ କରିପାରିବେ ।

- ନିମ୍ବକାଠି, କରଞ୍ଜ, ଅପମାରଗରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଥିବାରୁ ଏଥିରେ ଦାନ୍ତ ଘଷିବା ଦ୍ୱାରା ଦାନ୍ତ ସଫା ଓ ଚିକ୍କଣ ହୁଏ । ମାଢ଼ି ମଜଭୁତ ରୁହେ । ପୋକ ସମସ୍ୟା ରହେନି ।
- ଷ୍ଟ୍ରବେରୀରେ ମୋଲିକ୍ ଏସିଡ୍ ଥିବାରୁ ଏହା ଦାନ୍ତରୁ ହଳଦିଆ ଦାଗ ଦୂରେ ହୁଏ । ଷ୍ଟ୍ରବେରୀରେ ଅଳ୍ପ ବେକିଂ ସୋଡ଼ା ମିଶାଇ ଏହାକୁ ଦାନ୍ତରେ ପାଞ୍ଚ ମିନିଟ୍ ଘଷିବା ଦ୍ୱାରା ଦାନ୍ତ ଚିକ୍କଣିଆ ରୁହେ । ମାଢ଼ି ଜନିତ ସମସ୍ୟା ରୁହେ ନାହିଁ ।
- ନଡ଼ିଆ ତେଲକୁ ଅଙ୍ଗୁଠିରେ ନେଇ ଦାନ୍ତରେ ଘଷିବା ଦ୍ୱାରା ଦାନ୍ତ ଚିକ୍କଣ ହୁଏ । ମୁଖ ଦୁର୍ଗନ୍ଧ ରୁହେ ନାହିଁ । ଦାନ୍ତ ମାଢ଼ି ମଜଭୁତ ରୁହେ ।
- ତରଭୁଜ, କମଳା, ସେଓ ଓ କଦଳୀ ଖାଇବା ଦ୍ୱାରା ଦାନ୍ତ ସଫା ରୁହେ । ଦାନ୍ତରେ ଜମି ରହିଥିବା ଖାଦ୍ୟ ଟୁକୁଡ଼ା ବାହାରିଥାଏ । ଦାନ୍ତ ଚିକ୍‌ଚିକ୍ କରିଥାଏ ।

ଷ୍ଟେରଏଡ୍ ଜନିତ ଗ୍ଲୁକୋମାରୁ ଦୃଷ୍ଟିହୀନତା

ଗ୍ଲୁକୋମା ଏକ ଚକ୍ଷୁ ସମସ୍ୟା, ଯାହା ଆଖିର ଚାପ ବୃଦ୍ଧି ସହିତ ଜଡ଼ିତ । ଏହା ଦୃଷ୍ଟି ସ୍ନାୟୁକୁ କ୍ଷତି ପହଞ୍ଚାଇଥାଏ । ଏହି ସମସ୍ୟାରେ ଯେକୌଣସି ବୟସର ଲୋକ ଆକ୍ରାନ୍ତ ହୁଅନ୍ତି । ତେବେ ଷ୍ଟେରଏଡ୍ ଜନିତ ଗ୍ଲୁକୋମା କିପରି ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଉଛି, ଆସନ୍ତୁ ଜାଣିବା...

ମୋତିଆବିନ୍ଦୁ ସୃଷ୍ଟି କରେ ଷ୍ଟେରଏଡ୍: ଆଜ୍‌ମା, ଆର୍ଥ୍ରାଇଟିସ୍ ଏବଂ ଆଖିର ଆଲର୍ଜି ଭଳି ପ୍ରଦାହଜନିତ ରୋଗର ଚିକିତ୍ସା ପାଇଁ ସାଧାରଣତଃ ବିଭିନ୍ନ ଔଷଧରେ ବ୍ୟବହୃତ ହେଉଥିବା ଷ୍ଟେରଏଡ୍‌ର ଅପବ୍ୟବହାର ଚକ୍ଷୁ ସ୍ୱାସ୍ଥ୍ୟ ଉପରେ କ୍ଷତିକାରକ ପ୍ରଭାବ ପକାଇପାରେ । ବିଶେଷ କରି ଦୀର୍ଘ ସମୟ ଷ୍ଟେରଏଡ୍ ବ୍ୟବହାର ଦ୍ୱାରା ଗ୍ଲୁକୋମା ସୃଷ୍ଟି ହୁଏ । ଏହା ଚକ୍ଷୁ ଭିତରେ ଚାପ ବୃଦ୍ଧି କରି ଦୃଷ୍ଟିଶକ୍ତିହାନୀର କାରଣ ହୋଇଥାଏ । ଆଇ ଡ୍ରପ୍, ମଲମ, ଇନହେଲର୍, ଟାବଲେଟ୍ ଏବଂ ଇଞ୍ଜେକ୍ସନ ସମେତ ଯେକୌଣସି ଔଷଧରେ ଷ୍ଟେରଏଡ୍ ରହିପାରେ । ବ୍ରଣ କିମ୍ବା କୁଣ୍ଡିଆର ଚିକିତ୍ସା ପାଇଁ କ୍ରିମ୍ ଏବଂ ଫେୟାରନେସ୍ କ୍ରିମ ଭଳି ଅନେକ ଅଣ-ଔଷଧୀୟ ଉତ୍ପାଦରେ ମଧ୍ୟ ଷ୍ଟେରଏଡ୍ ରହିଥାଏ ।

ଷ୍ଟେରଏଡ୍ ମୋତିଆବିନ୍ଦୁ ସୃଷ୍ଟି କରିପାରେ । ଚକ୍ଷୁ ଆଲର୍ଜି ଥିବା ଶିଶୁମାନେ ଏଥିପ୍ରତି ଅଧିକ ସମ୍ବେଦନଶୀଳ । ଲାଲ ପଡ଼ିଥିବା ଓ କୁଣ୍ଡାଇ ହେଉଥିବା ଆଖିରୁ ଶୀଘ୍ର ଉପଶମ ପାଇବା ପାଇଁ ଏହି ଷ୍ଟେରଏଡ୍ ନିୟମିତ ଭାବେ ବିନା ପ୍ରେସକ୍ରିପସନରେ ସହଜରେ କିଣାଯାଇପାରିବ, ଯାହାକି ଡାକ୍ତରଙ୍କ ବିନା ଚିକିତ୍ସାକୁ ତଦାରଖ କରାଯାଇପାରେ ନାହିଁ ।

ଏଲଭିପିଇଆଇ ପକ୍ଷରୁ ଅଭିଯାନ: ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଗତ କିଛି ବର୍ଷ ମଧ୍ୟରେ କଳା ମୋତିଆ ବିନ୍ଦୁ (ଗ୍ଲୁକୋମା)ରେ ଅଧିକାଂଶ ଲୋକ ପୀଡିତ ହେଉଛନ୍ତି । ଏନେଇ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ମାର୍ଚ୍ଚ ମାସରେ 'ବିଶ୍ୱ ଗ୍ଲୁକୋମା ସପ୍ତାହ' ପାଳନ କରାଯାଏ । ଗ୍ଲୁକୋମା ରୋଗର ଆଗୁଆ ଚିହ୍ନଟ ଓ ନିରାକରଣ ପାଇଁ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏଲ୍ ଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ (ଏଲଭିପିଇଆଇ) ଅଭିଯାନ, ଆଲୋଚନା ଏବଂ ରୋଗୀଙ୍କ ସହ ପାରସ୍ପରିକ କଥାବାର୍ତ୍ତା କାର୍ଯ୍ୟକ୍ରମ ଆୟୋଜନ କରି 'ବିଶ୍ୱ ଗ୍ଲୁକୋମା ସପ୍ତାହ' ପାଳନ କରୁଛି । ଏହା ଚଳିତ ମାର୍ଚ୍ଚ ୧୦ରୁ ୧୬ ତାରିଖ ଯାଏଁ ପାଳନ କରାଯାଉଛି । ଏବର୍ଷ ଷ୍ଟେରଏଡ୍ –ଜନିତ ଗ୍ଲୁକୋମା ଉପରେ ବିଶେଷ ଧ୍ୟାନ ଦିଆଯାଉଛି ।

ଏଲଭିପିଇଆଇ ଦ୍ୱାରା ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ଚକ୍ଷୁ ଆଲର୍ଜି ଥିବା ୪୦୬୨ ଶିଶୁଙ୍କ ମଧ୍ୟରୁ ୨.୨% ଙ୍କର ଷ୍ଟେରଏଡ୍ ଜନିତ ଗ୍ଲୁକୋମା ଥିଲା । ଏହି ଶିଶୁମାନଙ୍କ ମଧ୍ୟରୁ ୩୦% ରୁ ଅଧିକ ଆମ ପାଖରେ ପହଞ୍ଚିବା ବେଳକୁ ଦୃଷ୍ଟିଶକ୍ତି ହରାଇ ସାରିଥିଲେ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ବିନା ପ୍ରେସକ୍ରିପସନରେ କିମ୍ବା ମୂଳ ପ୍ରେସକ୍ରିପସନ୍ ଜାରି ହେବା ସମୟଠାରୁ ଦୀର୍ଘ ଦିନ ଧରି ଷ୍ଟେରଏଡ୍ ବ୍ୟବହାର କରୁଥିଲେ ବୋଲି ଭୁବନେଶ୍ୱରସ୍ଥିତ ଏଲଭିପିଇଆଇର ମିଠୁ ତୁଲସୀ ଚନରାଇ କ୍ୟାମ୍ପସର ପରାମର୍ଶଦାତା ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଅଭିକ କୁମାର ରାୟ କହିଛନ୍ତି ।

ପ୍ରତିକାର: ପ୍ରେସକ୍ରିପସନରେ ଷ୍ଟେରଏଡ୍ ଅଛି କି ନାହିଁ ଡାକ୍ତରଙ୍କୁ ପଚାରିବା ଉଚିତ୍ । ଯଦି ଏହା ଦୀର୍ଘ ଦିନ କିମ୍ବା ବାରମ୍ବାର ବ୍ୟବହାର ହୋଇଥାଏ, ତେବେ ଚକ୍ଷୁ ପରୀକ୍ଷା କରାଇବା, ଏବଂ ଡାକ୍ତରଙ୍କ ତତ୍ତ୍ୱାବଧାନରେ ହିଁ ଉପଯୁକ୍ତ ଭାବେ ଔଷଧ ସେବନ କରିବା ଆବଶ୍ୟକ । ଷ୍ଟେରଏଡ୍ ଯୁକ୍ତ ଆଇ ଡ୍ରପ୍, ଇନହେଲର୍, ମଲମ କିମ୍ବା ବଟିକା ଖାଉଥିଲେ ନିୟମିତ ଚକ୍ଷୁ ପରୀକ୍ଷା କରାଇବା ଉଚିତ ।

ପ୍ୟାରଟ୍ ଫିଭର

**ବର୍ତ୍ତମାନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ 'ପ୍ୟାରଟ୍ ଫିଭର' ତଥା ସିଟାକୋସିସ ମାମଲାକୁ ନେଇ ଚିନ୍ତିତ ରହିଛି । ଏହି ଜ୍ୱର କାରଣରୁ ୟୁରୋପରେ ପ୍ରାୟ ପାଞ୍ଚ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଏହି ରୋଗ ପକ୍ଷୀଙ୍କଠାରୁ

ଏଏଫ୍‌ସି କପ୍

ଓଡ଼ିଶା ଏଫ୍‌ସିର ଅଭିଯାନ ଶେଷ

ଭୁବନେଶ୍ୱର, ୧୪।୩ (ସମିସ)

ସମ୍ମାନଜନକ ଫୁଟ୍‌ବଲ ପ୍ରତିଯୋଗିତା ଏଏଫ୍‌ସି କପ୍‌ରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି)ର ଅଭିଯାନ ସେମିଫାଇନାଲରେ ଅଟକିଯାଇଛି । ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ଅଷ୍ଟ୍ରେଲୀୟ କ୍ଲବ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ମଧ୍ୟରେ ଖେଳାଯାଇଥିବା ଇଣ୍ଟର-ଜୋନାଲ ସେମିଫାଇନାଲ୍ସର ୨ୟ ଲେଗ୍ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିଥିଲା । ପୂର୍ବରୁ ଅଷ୍ଟ୍ରେଲିଆର ନ୍ୟୁସାଉଥ୍ ୱେଲ୍ସରେ ଖେଳାଯାଇଥିବା ପ୍ରଥମ ଲେଗ୍ ମ୍ୟାଚକୁ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଦଳ ୪-୦ରେ ଜିତିଥିଲା । ଫଳରେ ଦୁଇ ଲେଗ୍‌ର ଏଗ୍ରିଗେଟ୍ ସ୍କୋର ୪-୦ରେ ବିଜୟୀ ହୋଇ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଇଣ୍ଟର ଜୋନାଲ ଫାଇନାଲରେ ପ୍ରବେଶ କରିଛି ।

କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ମେଘୁଆ ଅପରାହ୍ଣରେ ଅଷ୍ଟ୍ରେଲୀୟ ଦଳ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ବିପକ୍ଷରେ ଖେଳାଯାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଘରୋଇ ଓଡ଼ିଶା ଏଫ୍‌ସି ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲା । ମ୍ୟାଚର ପ୍ରଥମାର୍ଦ୍ଧ ଅର୍ଥାତ୍ ୨୭ତମ ମିନିଟ୍‌ରେ ଓଡ଼ିଶା ଏଫ୍‌ସିର ଖେଳାଳି ଡି' ଏରିଆରେ ପ୍ରତିପକ୍ଷ କାର୍ଲୋସ ଡେଲ୍‌ଗାଡୋଙ୍କୁ ଫାଉଲ୍ ମାରି ପକାଇଦେଇଥିଲେ । ଫଳରେ ମାରିନର୍ସ ଦଳକୁ ଏକ ପେନାଲ୍ଟି ମିଳିଥିଲା । କିନ୍ତୁ ମାରିନର୍ସ ଏହି ସୁବର୍ଣ୍ଣ ସୁଯୋଗର ଫାଇଦା ଉଠାଇପାରି ନ ଥିଲା । ମାଇଲେକ ଡୋକା ମାରିଥିବା ଏହି ପେନାଲ୍ଟି ସଟ୍‌ଟି ଗୋଲ୍‌ପୋଷ୍ଟରେ ବାଜି ଫେରିଯିବାରୁ ଓଡ଼ିଶା ନିଶ୍ଚିତ ଗୋଲରୁ ବର୍ତ୍ତିଯାଇଥିଲା । ଏହାପରେ ପ୍ରଥମାର୍ଦ୍ଧର ଅନ୍ତିମ ମିନିଟ୍ (୪୪ତମ)ରେ ଓଡ଼ିଶା ଏଫ୍‌ସିର ତାରକା ଖେଳାଳି ରୟ କ୍ରିଷ୍ଣାଙ୍କ ନିକଟରୁ ମିଳିଥିବା ଏକ ପାସ୍‌କୁ ଡିଏଗୋ ମୌରିସିଓ ଗୋଲପୋଷ୍ଟ ବାହାରକୁ ମାରିଦେଇଥିଲେ । ଫଳରେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା । ଦ୍ୱିତୀୟାର୍ଦ୍ଧର ପ୍ରାରମ୍ଭରୁ ରୟ କ୍ରିଷ୍ଣା ଓ ମୌରିସିଓ ଯୋଡ଼ିଙ୍କୁ ଆଉ ଏକ ସୁଯୋଗ ମିଳିଥିଲେ ମଧ୍ୟ ପୁଣିଥରେ ଉଭୟ ଫେଲ୍ ମାରିଥିଲେ । ମାରିନର୍ସ ମଧ୍ୟ ୨ଥର ଗୋଲପୋଷ୍ଟକୁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲା । ଫଳରେ ଉଭୟ ଦଳ କୌଣସି ଗୋଲ୍ କରି ନପାରିବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା । ଇଣ୍ଟର-ଜୋନାଲ ଫାଇନାଲରେ ପ୍ରବେଶ କରିଥିବା ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଏବେ କିର୍ଗିଜସ୍ତାନ କ୍ଲବ ଆବଦିଶ-ଅତା କାନ୍ତକୁ ଏପ୍ରିଲ ୧୭ରେ ଭେଟିବ ।

ଓଡ଼ିଶା ଏଫ୍‌ସି ଏବେ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ଆକ୍ସନକୁ ଫେରିବ । ମାର୍ଚ୍ଚ ୩୦ରେ ଘରୋଇ ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବ ଓଡ଼ିଶା ଏଫ୍‌ସି । ସର୍ଗିଓ ଲୋବେରଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଏଫ୍‌ସି ବର୍ତ୍ତମାନ ସୁଦ୍ଧା ଆଇଏସ୍‌ଏଲ୍‌ରେ ୧୮ ମ୍ୟାଚ ଖେଳି ୧୦ ବିଜୟ, ୩ ପରାଜୟ ଓ ୫ ଅମୀମାଂସିତ ସହ ୩୫ ପଏଣ୍ଟ ପାଇ ଟେବଲ୍‌ର ୩ୟ ସ୍ଥାନରେ ରହି ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଛି ।

ପ୍ରଶିକ୍ଷକ-ଖେଳାଳି ଠେଲାଠେଲି

କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା । ତେବେ ମ୍ୟାଚର ପ୍ରଥମାର୍ଦ୍ଧ ଶେଷରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା । ପଡ଼ିଆ ବାହାରେ ଓଡ଼ିଶା ଏଫ୍‌ସିର ପ୍ରଶିକ୍ଷକ ସର୍ଗିଓ ଲୋବେର ଓ ତାଙ୍କ ଅଷ୍ଟ୍ରେଲୀୟ ପ୍ରତିପକ୍ଷ ମାର୍କ ଜନସନଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ଦେଖିବାକୁ ମିଳିଥିଲା । ପରେ ଏଥିରେ ଉଭୟ ଦଳର ଖେଳାଳି ମିଶିଯାଇ ପରସ୍ପରକୁ ଠେଲାଠେଲି ଓ ଧକ୍କା ମାରିଥିଲେ । ଅଫିସିଆଲଙ୍କ ହସ୍ତକ୍ଷେପ ପରେ ଶେଷରେ ଏହା ଶାନ୍ତ ପଡ଼ିଥିଲା ।

● ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

କ୍ୱାର୍ଟରରେ ଲକ୍ଷ୍ୟ; ହାରିଲେ ସିନ୍ଧୁ

ଲଣ୍ଡନ,୧୪।୩(ଏଜେନ୍ସି): ଏଠାରେ ଚାଲିଥିବା ସମ୍ମାନଜନକ ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତୀୟ ପୁରୁଷ ଖେଳାଳି ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ଅଭିଜ୍ଞ ମହିଳା ଖେଳାଳି ପିଭି ସିନ୍ଧୁ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ଗୁରୁବାର ଅନୁଷ୍ଠିତ ପୁରୁଷ ଏକକ ପ୍ରି- କ୍ୱାର୍ଟର ଫାଇନାଲ ମୁକାବିଲାରେ ଲକ୍ଷ୍ୟ ୨୪-୨୨, ୧୧-୨୧, ୨୧-୧୪ରେ ଡେନମାର୍କର ଆଣ୍ଡର୍ସ ଆଣ୍ଟୋନସେନଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି । କିନ୍ତୁ ମହିଳା ଏକକ ପ୍ରତିଯୋଗିତାରେ ସିନ୍ଧୁ କୋରିଆର ଆନ ସେ ୟଙ୍ଗଙ୍କଠାରୁ ୧୯-୨୧, ୧୧-୨୧ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ମାତ୍ର ୪୨ ମିନିଟ୍‌ରେ ସିନ୍ଧୁ ପରାସ୍ତ ହୋଇଥିଲେ । ସିନ୍ଧୁ ଏଥିସହ ୟଙ୍ଗଙ୍କଠାରୁ କ୍ରମାଗତ ୭ମ ପରାଜୟ ବରଣ କରିଛନ୍ତି । ସେହିପରି ମହିଳା ଯୁଗଳ ପ୍ରତିଯୋଗିତାର ପ୍ରି- କ୍ୱାର୍ଟର ଫାଇନାଲରେ ଭାରତର ତନିଷା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ୨୧-୧୧, ୧୧-୨୧, ୧୧-୨୧ରେ ଚୀନର ୱାଇ ଝେଙ୍ଗ ଓ ଏସ୍‌ଏକ୍ସ ଝାଙ୍ଗଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି ।

ଋତୁପର୍ଣ୍ଣା- ଶ୍ୱେତପର୍ଣ୍ଣା ହାରିଲେ

ମହିଳା ଯୁଗଳରେ ଓଡ଼ିଶାର ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ରାଉଣ୍ଡ ଅଫ୍ ୩୨ ଅର୍ଥାତ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ଦୁଇ ଭଉଣୀଙ୍କୁ ନେଇ ଗଠିତ ଭାରତୀୟ ଯୋଡି ୯-୨୧, ୯-୨୧ରେ ଜାପାନର କିଏ ନାକାନିଶି ଓ ରିନ୍ ଆଇୱାନାଗାଙ୍କଠାରୁ ପରାସ୍ତ ହୋଇଛନ୍ତି ।

ଇଣ୍ଡିଆନ ୱେଲ୍ସ ଟେନିସ

କ୍ୱାର୍ଟରରେ ରୁନ୍, ମେଦ୍‌ଭେଦେଭ

ଇଣ୍ଡିଆନ ୱେଲ୍ସ,୧୪।୩(ଏଜେନ୍ସି): ଆମେରିକାର ଇଣ୍ଡିଆନ ୱେଲ୍ସରେ ଚାଲିଥିବା ବିଏନ୍‌ପି ପାରିବାସ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାରେ ୭ମ ସିଡ୍ ଡେନମାର୍କ ହୋଲଗାର ରୁନ୍, ଚତୁର୍ଥ ସିଡ୍ ଖେଳାଳି ରୁଷିଆର ଡାନିଲ ମେଦଭେଦେଭ, ଆମେରିକାର ୧୭ତମ ସିଡ୍ ଖେଳାଳି ଟିମୋ ପଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ରୁନ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ୨-୬, ୭-୬, ୬-୩ ସେଟ୍‌ରେ ଦ୍ୱାଦଶ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି । ସେହିପରି ମେଦଭେଦେଭ ୬-୪, ୬-୪ ସିଧାସଳଖ ସେଟ୍‌ରେ ବୁଲ୍‌ଗେରିଆର ଗ୍ରିଗର ଡିମିଟ୍ରୋଭଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି । ସେହିପରି ପଲ ୬-୪, ୬-୩ ସିଧାସଳଖ ସେଟ୍‌ରେ ଇଟାଲୀର ଲୁକା ନାର୍ଡିଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି । କ୍ୱାର୍ଟରରେ ରୁନ୍ ଓ ମେଦଭେଦେଭ ପରସ୍ପରକୁ ଭେଟିବେ ।

କନ୍‌କାକାଫ୍ ଚାମ୍ପିଅନସିପ୍ କପ୍

କ୍ୱାର୍ଟରରେ ମେସିଙ୍କ ଇଣ୍ଟର ମିଆମି

ଫ୍ଲୋରିଡା,୧୪।୩(ଏଜେନ୍ସି): ଉତ୍ତର ଆମେରିକା, କେନ୍ଦ୍ରୀୟ ଆମେରିକା, କ୍ୟାରିବିୟାନ ଦେଶ ସମୂହ ଫୁଟବଲ ପ୍ରଶାସନର ସର୍ବବୃହତ୍ ସଂସ୍ଥା କନ୍‌କାକାଫ୍ ଦ୍ୱାରା ଆୟୋଜନ କରାଯାଉଥିବା କନ୍‌କାକାଫ୍ ଚାମ୍ପିଅନସିପ୍ କପ୍‌ରେ ଲିଓନେଲ ମେସିଙ୍କ ଇଣ୍ଟର ମିଆମି କ୍ଲବ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ୩-୧ ଗୋଲରେ ନାଶଭିଲେଙ୍କୁ ପରାସ୍ତ କରିଛି । ଦୁଇଟି ଲେଗ୍‌ରେ ୫-୩ ଗୋଲ ଏଗ୍ରିଗେଟ୍‌ରେ ବିଜୟୀ ହୋଇ ମିଆମି ଏହି ସଫଳତା ପାଇଛି । ମିଆମି ତରଫରୁ ତାରକା ଖେଳାଳି ଲୁଇସ୍ ସୁଆରେଜ ୮ମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ । ଏହାରେ ମେସି ୨୩ତମ ମିନିଟ୍‌ରେ ଦ୍ୱିତୀୟ ଓ ରୋବେର୍ଟ ଟେଲର ୬୩ତମ ମିନିଟ୍‌ରେ ତୃତୀୟ ଗୋଲ ଦେଇଥିଲେ । ଅନ୍ୟପଟେ ନାଶଭିଲେ ତରଫରୁ ସାମ ସୁରିଜ ମ୍ୟାଚ୍‌ରେ ଅନ୍ତିମ ମୁହୂର୍ତ୍ତରେ ଇଞ୍ଜୁରି ଟାଇମ୍‌ର ତୃତୀୟ ମିନିଟ୍‌ରେ ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ କମାଇଥିଲେ । ପରାସ୍ତ ହୋଇଥିଲେ ମଧ୍ୟ ନାଶଭିଲେ ଦମ୍‌ଦାର ପ୍ରଦର୍ଶନ କରିଥିଲା । ତେବେ ମିଳିଥିବା ସୁଯୋଗର ସଦବ୍ୟବହାର କରିପାରି ନଥିଲା ।

ସର୍ବଭାରତୀୟ ଆମନ୍ତ୍ରଣୀୟ ବାଳିକା ହକି

ସେମିରେ ଛତିଶଗଡ଼-କୁଆଁରମୁଣ୍ଡା, କୁଡ୍ରା-ଗୁରୁଣ୍ଡିଆ

ଭୁବନେଶ୍ୱର, ୧୪।୩(ସମିସ)

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ ୧୬ ବର୍ଷରୁ କମ୍ ଆମନ୍ତ୍ରଣୀୟ ବାଳିକା ହକି ପ୍ରତିଯୋଗିତାର ଗୁରୁବାର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଛି । ଏହା ଫଳରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଛି । ଶୁକ୍ରବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଛତିଶଗଡ଼ ହକି ସଂଘ ସହ କୁଆଁରମୁଣ୍ଡା ଏଚ୍‌ଟିସି (ହକି ଟ୍ରେନିଂ ସେଣ୍ଟର)ର ଏବଂ ଦ୍ୱିତୀୟ ସେମିଫାଇନାଲରେ କୁଡ୍ରା ସହ ଗୁରୁଣ୍ଡିଆ ଏଚ୍‌ଟିସିର ମୁକାବିଲା ହେବ । ଗୁରୁବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ୍‌ରେ ବାମରା ଏଚ୍‌ଟିସିକୁ ଛତିଶଗଡ଼ ୪-୦, ଲାଠିକଟା ଏଚ୍‌ଟିସିକୁ ଗୁରୁଣ୍ଡିଆ ୩-୦, ଝାଡଖଣ୍ଡର ଏସ୍‌ଆଇଏନ୍‌ଆଇକୁ କୁଡ୍ରା ଏଚ୍‌ଟିସି ୨-୧, ଉତ୍ତରପ୍ରଦେଶର ଅନ୍‌ୱାର ହକି ସୋସାଇଟିକୁ ୨-୧ ଗୋଲରେ ହରାଇ କୁଆଁରମୁଣ୍ଡା ଏଚ୍‌ଟିସି ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି । ଛତିଶଗଡ଼ର ଖ୍ୱାଇସ୍ ପାର୍ମାର, କୁଆଁରମୁଣ୍ଡାର କିରଣ କୁଜୁର, ଗୁରୁଣ୍ଡିଆର ଆରତୀ କୁଜୁର ଓ କୁଡ୍ରାର ଲକ୍ଷ୍ମୀ ଲାକ୍ରା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଶୁକ୍ରବାର ସେମିଫାଇନାଲ ଓ ଶନିବାର ଫାଇନାଲ ମୁକାବିଲା ଖେଳାଯିବ ।

● ଭିଜି ଟ୍ରଫି ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରିକେଟ

ଚାମ୍ପିଅନ ଉତ୍ତରାଞ୍ଚଳକୁ ହରାଇଲା ପୂର୍ବାଞ୍ଚଳ

ଭୁବନେଶ୍ୱର, ୧୪।୩(ସମିସ): ଆସାମର ଗୌହାଟୀଠାରେ ଚାଲିଥିବା ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଭିଜି ଟ୍ରଫିର ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଚାମ୍ପିଅନ ଉତ୍ତରାଞ୍ଚଳକୁ ମାତ୍ର ୧ ୱିକେଟରେ ହରାଇ ପୂର୍ବାଞ୍ଚଳ ଏହି ପ୍ରତିଯୋଗିତାରେ ପ୍ରଥମ ବିଜୟ ହାସଲ କରିଛି । ପୂର୍ବାଞ୍ଚଳ ଦଳରେ ଅଧାରୁ ଅଧିକ (୯ଜଣ) ଓଡ଼ିଶା ବିଶ୍ୱବିଦ୍ୟାଳୟର ଖେଳାଳି ରହିଥିବାରୁ ଏହା ରାଜ୍ୟ ଲାଗି ଆନନ୍ଦ ଆଣିଛି । ପୂର୍ବାଞ୍ଚଳର ଏହା ପ୍ରଥମ ବିଜୟ ହୋଇଥିଲାବେଳେ ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳଠାରୁ ମ୍ୟାଚ୍ ହାରିଯାଇଛି ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଉତ୍ତରାଞ୍ଚଳ ୪୩.୫ ଓଭରରେ ୧୮୩ ରନ୍ କରି ଅଲଆଉଟ ହୋଇଯାଇଥିଲା । ଏହି ପାଳିରେ ପୂର୍ବାଞ୍ଚଳ ପକ୍ଷରୁ କିଟ୍‌ର ଶୁଭାଶିଷ ସାହୁ ୨୮ ରନ୍‌ରେ ୪ଟି ଓ ପାର୍ଥସାରଥୀ ନାୟକ ୩୫ ରନ୍‌ରେ ୨ଟି ୱିକେଟ ପାଇଥିଲେ । ଜବାବରେ ୧୮୪ ରନ୍‌ର ଲକ୍ଷ୍ୟକୁ ପିଛା କରି ପୂର୍ବାଞ୍ଚଳ ଗୋଟିକ ପରେ ଗୋଟିଏ ୱିକେଟ ହରାଇଥିଲେ ମଧ୍ୟ ୪୭.୨ ଓଭରରେ ୯ ୱିକେଟ ହରାଇ ବିଜୟୀ ହୋଇଥିଲା । ଦଳ ପକ୍ଷରୁ ଆସାମ ବିଶ୍ୱବିଦ୍ୟାଳୟର ଗୌରବ ସାଇକିଆ ସର୍ବାଧିକ ୫୨ ରନ୍ କରିଥିଲେ । ସମ୍ବଲପୁରର ଦୁଇ ବ୍ୟାଟର ସୁଜଲ ସିଂ ୩୭ ଓ ଶ୍ରେଷ୍ଠ ସିଂ ୩୬ ରନ୍ କରିଥିଲେ । କିଟ୍‌ର ପାର୍ଥସାରଥୀ ୨୬ ରନ୍ କରି ଅଲରାଉଣ୍ଡ ସଫଳତା ପାଇଥିଲେ ।

କିଟ୍‌ରୁ ୫ଜଣ ଖେଳାଳି ସାମିଲ ହୋଇଥିଲାବେଳେ ଏମ୍ ପ୍ରଶାନ୍ତ ପୂର୍ବାଞ୍ଚଳ ଦଳର ନେତୃତ୍ୱ ନେଇଥିଲେ । ସମ୍ବଲପୁରରୁ ୨ଜଣ, ଉତ୍କଳ ଓ ରେଭେନ୍‌ଶାରୁ ଜଣେ ଲେଖାଏଁ ଖେଳାଳି ପୂର୍ବାଞ୍ଚଳ ଦଳରେ ସାମିଲ ଥିଲେ । କିଟ୍‌ର ସନ୍ତୋଷ କୁମାର ଜେନା ପ୍ରଶିକ୍ଷକ ଓ ସମ୍ବଲପୁରର ଡା. ଅବିନାଶ କର ମ୍ୟାନେଜର ଭାବେ ଦାୟିତ୍ୱରେ ରହିଥିଲେ । ଏହି ବିଜୟ ଲାଗି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପୂର୍ବାଞ୍ଚଳ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

ଜାତୀୟ ଉପକନିଷ୍ଠ ବାଳକ କବାଡ଼ି

ସ୍ୱସ୍ତିକଙ୍କୁ ଓଡ଼ିଶା ଦଳର ନେତୃତ୍ୱ

କଟକ,୧୪।୩(ସମିସ): ଭାରତୀୟ କବାଡ଼ି ମହାସଂଘ ପକ୍ଷରୁ ୩୩ତମ ଉପକନିଷ୍ଠ ବାଳକ କବାଡ଼ି ପ୍ରତିଯୋଗିତା ବିହାରରେ ଚଳିତ ମାସ ୧୬ରୁ ଆରମ୍ଭ ହେବ । ବିହାରରେ ଏହି ପ୍ରତିଯୋଗିତା ନିମନ୍ତେ ଘୋଷିତ ଓଡ଼ିଶା ଦଳ ଗୁରୁବାର ବିହାର ଯାତ୍ରା କରିଛି । ସ୍ୱସ୍ତିକ ସ୍ୱରୂପ ମେହେରଙ୍କ ନେତୃତ୍ୱରେ ଗଠିତ ରାଜ୍ୟ ଦଳରେ ଆକାଶ ମୁଣ୍ଡା, ସୌମ୍ୟରଞ୍ଜନ ପାଣି, ଆଶୁତୋଷ ପ୍ରଧାନ, ଅମନ ସ୍ୱାଇଁ, ଦେବଦତ୍ତ ବେରିହା, ରୁଦ୍ରପ୍ରତାପ ରାୟ, ସବ୍ୟସାଚୀ ମହାନ୍ତି, ରାଜକିଶୋର ସାହୁ, ଏ. ଲିଙ୍ଗରାଜ ପାତ୍ର, ସାଇ ଚରଣ ଖଟୁଆ, ରୁଦ୍ରପ୍ରସାଦ ପ୍ରଧାନ ସ୍ଥାନ ପାଇଛନ୍ତି । କୃଷ୍ଣକାନ୍ତ ପଣ୍ଡା ପ୍ରଶିକ୍ଷକ ଏବଂ ଦିଲ୍ଲୀପ କୁମାର ସେଠୀ ମ୍ୟାନେଜର ଭାବେ ଦଳ ସହ ଯାତ୍ରା କରିଛନ୍ତି । ଓଡ଼ିଶା ରାଜ୍ୟ କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

● ଦୃଷ୍ଟିହୀନ କ୍ରିକେଟ; ପଙ୍କଜ ଭୂଏ ଶ୍ରେଷ୍ଠ ଖେଳାଳି

ଭାରତ ଆଗୁଆ ସିରିଜ୍ ବିଜୟୀ

ଭୁବନେଶ୍ୱର, ୧୪।୩(ସମିସ): ନୂଆଦିଲ୍ଲୀର କର୍ଣ୍ଣେଲ ସିଂ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ତୃତୀୟ ସମର୍ଥ କପ୍ ଦୃଷ୍ଟିହୀନ କ୍ରିକେଟ ସିରିଜ୍‌ର ତୃତୀୟ ମ୍ୟାଚ୍‌କୁ ଭାରତ ୭ ୱିକେଟରେ ବିଜୟୀ ହୋଇଛି । ଏହା ଫଳରେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ୩-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ଜିତିନେଇଛି । ସିରିଜ୍‌ରେ ବାକିଥିବା ଆଉ ୨ଟି ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ରେ ୪୯ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ଓଡ଼ିଶାର ପଙ୍କଜ ଭୂଏଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୩ ୱିକେଟରେ ୧୬୨ ରନ୍ କରିଥିଲା । ଦଳ ପକ୍ଷରୁ ଚନ୍ଦନ ଦେଶପ୍ରିୟ ସର୍ବାଧିକ ୭୬ ରନ୍ କରିଥିଲେ । ଜବାବରେ ଭାରତ ୧୫.୩ ଓଭରରେ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ଭାରତ ପକ୍ଷରୁ ପଙ୍କଜ, ଦୀନେଶ, ନରେଶ ତୁମୁଡା ଓ ଲୋକେଶା ଭଲ ବ୍ୟାଟିଂ କରି ବିଜୟୀ କରାଇଥିଲେ ।

୨୬୯ ପଦକ ପାଇଁ ୫୬.୯୩ ଲକ୍ଷ ଟଙ୍କା ପୁରସ୍କାର

ଭୁବନେଶ୍ୱର, ୧୪।୩ (ସମିସ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ଗୁରୁବାର ଅର୍ଥରାଶି ପୁରସ୍କାରରେ ସମ୍ମାନିତ କରାଯାଇଛି । ଏଥିରେ ୨୬୯ ପଦକ ପାଇଁ କୃତି କ୍ରୀଡ଼ାବିତଙ୍କୁ ମୋଟ ୫୬ ଲକ୍ଷ ୯୩ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । କଳିଙ୍ଗ ଷ୍ଟାଡ଼ିୟମସ୍ଥିତ ଟେନିସ ସେଣ୍ଟର ଅଡ଼ିଟୋରିୟମ୍ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ହକି ପ୍ରମୋସନ କାଉନସିଲ ଅଫ ଓଡ଼ିଶାର ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ଦୌଡ଼କୁଦ, ସନ୍ତରଣ, ରଗବୀ, ହକି, ବ୍ୟାଡମିଣ୍ଟନ, ଟେନିସ, ଭାରୋତ୍ତୋଳନ, ଭଲିବଲ, ବିଚ ଭଲିବଲ, ସୁଟିଂ, ଯୋଗାସନ ଏବଂ କରାଟେ ଆଦି ମୋଟ ୨୦ଟି ବର୍ଗରେ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ଆର୍ଥିକ

ମହିଳା ପ୍ରିମିୟର ଲିଗ୍: ମୁମ୍ବାଇ ବନାମ ବାଙ୍ଗାଲୋର ଏଲିମିନେଟର ଆଜି

ନୂଆଦିଲ୍ଲୀ, ୧୪।୩(ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ମହିଳା ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଲିଗ୍ ପର୍ଯ୍ୟାୟ ଶେଷରେ ଦିଲ୍ଲୀ କ୍ୟାପିଟାଲ୍ସ ୮ ଟି ମ୍ୟାଚ୍‌ରୁ ୬ଟିରେ ବିଜୟୀ ହୋଇ ପଏଣ୍ଟ ଟେବଲର ଶୀର୍ଷସ୍ଥାନରେ ରହିଛି । ଏହା ଫଳରେ ନିୟମ ଅନୁଯାୟୀ ଦିଲ୍ଲୀ ପ୍ରଥମ ସ୍ଥାନରେ ଥିବାରୁ ସିଧାସଳଖ ଫାଇନାଲ୍‌ରେ ପ୍ରବେଶ କରିଛି ।

ଦିଲ୍ଲୀ ପରେ ପଏଣ୍ଟ ଟେବଲରେ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି । ଏମାନଙ୍କ ମଧ୍ୟରେ ଏଲିମିନେଟର ମୁକାବିଲା ଶୁକ୍ରବାର ଖେଳାଯିବ । ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ, ସେହିଦଳ ଦିଲ୍ଲୀ ସହ ରବିବାର ଫାଇନାଲ ଖେଳିବ । ଏଣୁ ବାଙ୍ଗାଲୋର ଓ ମୁମ୍ବାଇ ମଧ୍ୟରେ ମୁକାବିଲା ଜୋରଦାର ହେବ ବୋଲି ଆଶା କରାଯାଉଛି । ଏହି ପ୍ରତିଯୋଗିତାରେ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଗଠିତ ମୁମ୍ବାଇ ୮ ଟି ମ୍ୟାଚ୍‌ରୁ ୫ଟିରେ ଜିତିଥିଲେ ମଧ୍ୟ ଅନ୍ୟ ୩ଟି ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିଛି । ଏଣୁ ଦଳ ସ୍ଥିର ଖେଳ ଦେବାରେ ଅସମର୍ଥ । ଅନ୍ୟପକ୍ଷରେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱରେ ଗଠିତ ବାଙ୍ଗାଲୋର ଲଢୁଆ ଖେଳିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ପରାଜିତ ହୋଇଛି । ଏଣୁ ଭାରତୀୟ ମହିଳା କ୍ରିକେଟ ଦଳର ଦୁଇ କିମ୍ବଦନ୍ତୀ ଖେଳାଳି ହରମନପ୍ରୀତ ଓ ସ୍ମୃତିଙ୍କ ମଧ୍ୟରେ ଏହି ମୁକାବିଲା ବେଶ ରୋଚକ ହେବ ବୋଲି ଆଶା କରାଯାଉଛି ।

ପ୍ରଥମ ଦିନିକିଆରେ ବାଂଲା ବିଜୟୀ

ଚଟ୍ଟୋଗ୍ରାମ, ୧୪।୩(ଏଜେନ୍ସି): ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋଙ୍କ ଶତକ ଓ ବରିଷ୍ଠ ୱିକେଟ୍‌ରକ୍ଷକ ମୁସ୍‌ଫିକର ରହିମଙ୍କ ଅର୍ଦ୍ଧଶତକ ସହ ଏମାନଙ୍କ ଅବିଭକ୍ତ ୫ମ ୱିକେଟ ଯୋଡିରୁ ୧୬୫ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ବୁଧବାର ଶ୍ରୀଲଙ୍କା ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ବାଂଲାଦେଶ ୬ ୱିକେଟରେ ବିଜୟୀ ହୋଇଛି । ଏହା ଫଳରେ ଘରୋଇ ଦଳ ୧-୦ରେ ସିରିଜ୍ ଆଗୁଆ ରହିଛି । ଏହି ମ୍ୟାଚ୍‌ରେ ଦୁନିଥ ଲିୟାନାଗେଙ୍କ ୬୯ ବଲ୍‌ରେ ୬୭ ଓ କୁଶାଲ ମେଣ୍ଡିସ୍‌ଙ୍କ ୭୫ ବଲ୍‌ରେ ୫୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୪୮.୫ ଓଭରରେ ୨୫୫ ରନ୍ କରି ଅଲଆଉଟ ହୋଇଯାଇଥିଲା । ଘରୋଇ ଦଳର ଶୋରିଫୁଲ ଇସ୍‌ଲାମ୍, ଟାସ୍କିନ ଅହମ୍ମଦ୍ ଓ ତାଞ୍ଜିମ ହାସନ ସକିବ ୩ଟି ଲେଖାଏଁ ୱିକେଟ ପାଇଥିଲେ । ଜବାବରେ ନାଜମୁଲ ୧୨୯ ବଲ୍‌ରେ ୧୩ ଚୌକା ଓ ୨ଛକା ସହ ୧୨୨ ଓ ମୁସ୍‌ଫିକର ୮୪ ବଲ୍‌ରେ ୮ ଚୌକା ସହ ୭୩ ରନ୍‌ରେ ଅପରାଜିତ ରହିବା ଫଳରେ ବାଂଲାଦେଶ ୪୪.୪ ଓଭରରେ ମାତ୍ର ୪ ୱିକେଟ ହରାଇ ସହଜରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ସିରିଜ୍‌ର ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଏହିଠାରେ ଶୁକ୍ରବାର ଓ ରବିବାର ଖେଳାଯିବ ।

ରଣଜୀ ଟ୍ରଫି

ମୁମ୍ବାଇକୁ ରେକର୍ଡ ୪୨ତମ ଟାଇଟଲ

ମୁମ୍ବାଇ,୧୪।୩(ଏଜେନ୍ସି)

- ୮ ବର୍ଷ ପରେ ଚାମ୍ପିଅନ
- ମୁସିର ମ୍ୟାଚ୍ ଓ ତନୁଷ ସିରିଜର ଶ୍ରେଷ୍ଠ ଖେଳାଳି

ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧୀନ ମୁମ୍ବାଇ ଏଥର ରଣଜୀ ଟ୍ରଫି ହାସଲ କରିଛି । ଫାଇନାଲ ମୁକାବିଲାରେ ମୁମ୍ବାଇ ୧୬୯ ରନରେ ବିଦର୍ଭକୁ ପରାସ୍ତ କରି ଦେଶର ସର୍ବବୃହତ୍ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ତଥା ରେକର୍ଡ ୪୨ଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି । ପୁଣି ଦୀର୍ଘ ୮ ବର୍ଷପରେ ପୁଣିଥରେ ଚାମ୍ପିଅନ ହୋଇଛି । ପୂର୍ବରୁ ମୁମ୍ବାଇ ୨୦୧୫-୧୬ରେ ଶେଷଥର ପାଇଁ ଟାଇଟଲ ହାସଲ କରିଥିଲା । ଦ୍ୱିତୀୟ ପାଳିରେ ୧୩୬ ରନର ଶତକୀୟ ପାଳି ଖେଳିବା ସହ ଦୁଇଟି ୱିକେଟ ଅକ୍ତିଆର କରିଥିବା ମୁମ୍ବାଇର ମୁସିର ଖାନ୍ ଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ସେହିପରି ସାରା ଟୁର୍ଣ୍ଣାମେଣ୍ଟରେ ୫୦୨ ରନ ସଂଗ୍ରହ କରିବା ସହ ୨୯ଟି ୱିକେଟ ଅକ୍ତିଆର କରିଥିବା ମୁମ୍ବାଇ ଅଲରାଉଣ୍ଡର ତନୁଷ କୋଟିଆନ୍ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ।

ଚାମ୍ପିଅନ୍ ମୁମ୍ବାଇ ପ୍ରଥମ ପାଳିରେ ୧୧୯ ରନର ଅଗ୍ରଣୀ ହାସଲ କରିବା ପରେ ଏହି ମ୍ୟାଚ୍‌ର ଚତୁର୍ଥ ଦିନ ଦ୍ୱିତୀୟ ପାଳିରେ ୧୩୦.୨ ଓଭରରେ ୪୧୮ ରନକରି ଅଲଆଉଟ ହୋଇଥିଲା । ଫଳରେ ବିଦର୍ଭ ସମ୍ମୁଖରେ ୫୩୮ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ବିଦର୍ଭ ଗୁରୁବାର ୫ମ ଦିବସରେ ୧୩୪.୪ ଓଭରରେ ୩୬୮ ରନକରି ଅଲଆଉଟ ହେବା ସହ ୧୬୯ ରନରେ ପରାସ୍ତ ହୋଇଥିଲା ।

ଅକ୍ଷୟଙ୍କ ଶତକ, ହର୍ଷଙ୍କ ଅର୍ଦ୍ଧଶତକ, ତନୁଷଙ୍କୁ ୪ ୱିକେଟ

ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୫ୱିକେଟରେ ୨୪୮ ରନ୍‌ରୁ ଖେଳ ଆରମ୍ଭ କରି ବିଦର୍ଭ ଗୁରୁବାର ଅଲଆଉଟ ହୋଇଥିଲା । ଓଭରନାଇଟ୍ ବ୍ୟାଟର ତଥା ଅଧିନାୟକ ଅକ୍ଷୟ ୱାଦକର ୫୬ରୁ ଖେଳ ଆରମ୍ଭ କରି ୧୦୨ ରନର ଶତକୀୟ ପାଳି ଖେଳିଥିଲେ । ସେହିପରି ୧୧ ରନରୁ ଖେଳ ଆରମ୍ଭ କରି ହର୍ଷ ଦୁବେ ୬୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଉଭୟ ଲଢୁଆ ବ୍ୟାଟିଂ କରି ଷଷ୍ଠ ୱିକେଟରେ ୨୫୫ଟି ବଲ୍ ଖେଳି ୧୩୦ ରନ ସଂଗ୍ରହ କରିଥିଲେ ଓ ମୁମ୍ବାଇର ବିଜୟକୁ ବିଳମ୍ବିତ କରିଥିଲେ । ଏହାପରେ ନିମ୍ନକ୍ରମର ବାକି ୪ଜଣ ବ୍ୟାଟର ଅଦିତ୍ୟ ସରୱାଟେ, ୟଶ ଠାକୁର, ଉମେଶ ଯାଦବ ଓ ଆଦିତ୍ୟ ଠାକରେ ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ । ବୋଲିଂରେ ମୁମ୍ବାଇ ପାଇଁ ଅଫ୍ ସ୍ପିନର ତନୁଷ କୋଟିଆନ ସର୍ବାଧିକ ୪, ତୁଷାର ଦେଶପାଣ୍ଡେ ଓ ମୁସିର ଖାନ୍ ଦୁଇଟି ଲେଖାଏଁ, ସାମ୍ବ ମୁଲାନୀ ଓ ଧବଲ କୁଲକର୍ଣ୍ଣୀ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ । ପୂର୍ବରୁ ଟସ୍ ହାରି ମୁମ୍ବାଇ ପ୍ରଥମ ପାଳିରେ ୬୪.୩ ଓଭରରେ ୨୨୪ ରନକରି ଅଲଆଉଟ ହୋଇଥିଲା । ଜବାବରେ ବିଦର୍ଭ ପ୍ରଥମ ପାଳିରେ ୪୫.୩ ଓଭରରେ ୧୦୫ ରନକରି ଅଲଆଉଟ ହେବା ସହ ପଛରେ ପଡିଥିଲା ।

ସେମିରେ ତାମିଲନାଡୁକୁ ହରାଇଥିଲା ମୁମ୍ବାଇ

ପୂର୍ବରୁ ମୁମ୍ବାଇ ଦ୍ୱିତୀୟ ସେମିଫାଇନାଲରେ ଦୁଇଥର ଚାମ୍ପିଅନ ତାମିଲନାଡୁକୁ ଗୋଟିଏ ପାଳି ଓ ୭୦ ରନରେ ପରାସ୍ତ କରିଥିଲା । ସେହିପରି ବିଦର୍ଭ ପ୍ରଥମ ସେମିରେ ୬୨ ରନରେ ଡିଫେଣ୍ଡିଂ ଚାମ୍ପିଅନ ମଧ୍ୟପ୍ରଦେଶକୁ ହରାଇଥିଲା । ଫାଇନାଲ୍ ମ୍ୟାଚ୍ ସହ ମୁମ୍ବାଇର ଅଭିଜ୍ଞ ଦ୍ରୁତ ବୋଲର ଧାୱଲ କୁଲକର୍ଣ୍ଣିଙ୍କ କ୍ରିକେଟ କ୍ୟାରିୟର ଶେଷ ହୋଇଛି ।

ଚାମ୍ପିଅନ ମୁମ୍ବାଇକୁ ୫ କୋଟି ଟଙ୍କା ପୁରସ୍କାର

ରଣଜୀ ଚାମ୍ପିଅନ ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧୀନ ମୁମ୍ବାଇ ଦଳକୁ ଅତିରିକ୍ତ ୫ କୋଟି ଟଙ୍କା ଆର୍ଥିକ ପୁରସ୍କାର ମିଳିବ । ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମ୍‌ସିଏ) ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି । ପୁରସ୍କାର ରାଶିକୁ ଦ୍ୱିଗୁଣିତ କରିବାକୁ ଏମ୍‌ସିଏ ନିଷ୍ପତ୍ତି ନେଇଛି । ଏମ୍‌ସିଏ ଅଧକ୍ଷ ଅମୋଲ କାଲେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ପୂର୍ବରୁ ରଣଜୀ ଚାମ୍ପିଅନକୁ ୨ କୋଟି ଓ ଉପ- ବିଜେତା ଦଳକୁ ୧ କୋଟି ଟଙ୍କା ପୁରସ୍କାର ଦିଆଯାଉଥିଲା । କିନ୍ତୁ ଏଥର ଚାମ୍ପିଅନ ଦଳକୁ ୫ ଓ ଉପ- ବିଜେତା ଦଳକୁ ୩ କୋଟି ଟଙ୍କା ପୁରସ୍କାର ଦିଆଯିବ ।

ଆଫ୍ରିକୀୟ ଫୁଟବଲରଙ୍କୁ କେରଳ ଦର୍ଶକ ଗୋଡ଼େଇ ଗୋଡ଼େଇ ପିଟିଲେ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି)

କେରଳରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ଆଫ୍ରିକୀୟ ଫୁଟବଲରଙ୍କୁ କେରଳର ପ୍ରଶଂସକମାନେ ଗୋଡ଼େଇ ଗୋଡ଼େଇ ପିଟିଛନ୍ତି । ମାଲାପୁରମ୍‌ରେ ଏକ କ୍ଲବ ମ୍ୟାଚ୍ ଅବସରରେ ଏହି ଲଜ୍ଜାଜନକ ଘଟଣା ଘଟିଛି । ଏହି ଫୁଟବଲର ହେଉଛନ୍ତି ଆଇଭରି କଷ୍ଟର ଦିଆରାସୋବା ହସନ ଜୁନିଅର । ଦର୍ଶକମାନେ ସଂଘବଦ୍ଧ ଭାବେ ମାରିବା ସହ ମୋ ପ୍ରତି ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ ବୋଲି ସେ ଜିଲ୍ଲା ପୁଲିସ ନିକଟରେ ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ତରଫରୁ କୁହାଯାଇଛି । ପ୍ରଥମେ ହସନ ଦର୍ଶକଙ୍କୁ ଅଶୋଭନୀୟ ଆଚରଣ କରିଥିଲେ । ଫଳରେ ଏହି ଘଟଣା ଘଟିଥିଲା ବୋଲି କୁହାଯାଇଛି । କିନ୍ତୁ ହସନ ଏହାକୁ ଖଣ୍ଡନ କରିଛନ୍ତି । ହାସନ ଜୁନିଅର ଜୱାହାର ମାଭୁର କ୍ଲବ ତରଫରୁ ସେଭେନ୍ସ ଫୁଟବଲ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ । ମାର୍ଚ୍ଚ ୧୦ରେ ଏହି ଘଟଣା ଘଟିଥିଲା । ଏକ କର୍ଣ୍ଣର କିକ୍ ମାରିବାକୁ କର୍ଣ୍ଣର ପତାକା ନିକଟରେ ଛିଡା ହୋଇଥିବା ବେଳେ ପ୍ରତିପକ୍ଷ ଦଳର ଦର୍ଶକ ମୋତେ ମଙ୍କି ଅର୍ଥାତ ମାଙ୍କଡ ବୋଲି ଆକ୍ଷେପ କରିଥିଲେ । ଏପରିକି ସେମାନେ ମୋ ଉପରକୁ ଟେକା ଫୋପାଡିଥିଲେ ଓ ତାହା ମୁଣ୍ଡରେ ବାଜିଥିଲା । ଏହାପରେ ଆହୁରି କେତୋଟି ଟେକା ଦେହରେ ବାଜିଥିଲା । ସେମାନେ ମୋତେ ମାରିବାକୁ ଗୋଡ଼ାଇଥିଲେ । ଜୀବନ ବଞ୍ଚାଇବାକୁ ଯାଇ ଦୌଡିଥିଲି । ସେମାନେ ମଧ୍ୟ ମୋ ପଛରେ ଗୋଡ଼ାଇ ଥିଲେ । ମୋ କ୍ଲବ୍‌ର ଦର୍ଶକମାନେ ପହଞ୍ଚି ଯିବାରୁ ମୁଁ ଏହି ଆକ୍ରମଣରୁ ବର୍ତ୍ତିଯାଇଥିଲି ବୋଲି ସେ କହିଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

ମୁଦ୍ରା ବିନିମୟ ମୂଲ୍ୟ

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୨.୯୫
- ପାଉଣ୍ଡ ୧୦୬.୭୯
- ୟୁରୋ ୯୦.୫୩
- ୟେନ୍ ୦.୫୬

ସୁନା, ରୁପା ଦର

୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୦,୪୯୦ (ନୂଆଦିଲ୍ଲୀ)
- ରୁପା : ୭୫,୩୪୯ (କେଜି)

ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୩,୦୪୭.୦୦
- ନିଫ୍ଟି ୨୨,୧୪୬.୦୦

ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

ପେଟିଏମ୍ ହେଲା ଥାର୍ଡ ପାର୍ଟି ଆପ୍

ନୂଆଦିଲ୍ଲୀ,୧୪।୩(ଏଜେନ୍ସି):

ଶେଷରେ ପେଟିଏମ୍ ପାଇଁ ଆସିଛି ଖୁସି ଖବର । ଆଗକୁ ପେଟିଏମ୍ ଥାର୍ଡ ପାର୍ଟୀ ଆପ୍ ଭାବେ କାମ କରିବ । **ନ୍ୟା**ସନାଲ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ (ଏନ୍‌ପିସିଆଇ) ପେଟିଏମ୍‌ର ମୂଳ କମ୍ପାନୀ ୱାନ୍ ୯୭ କମ୍ୟୁନିକେସନ ଲିମିଟେଡକୁ ମଲ୍ଟି ବ୍ୟାଙ୍କ ମଡେଲ ଜରିଆରେ ୟୁପିଆଇରେ ଥାର୍ଡ ପାର୍ଟୀ ଆପ୍ଲିକେସନ ପ୍ରୋଭାଇଡର ଭାବେ ଭାଗ ନେବା ଲାଗି ଅନୁମତି ଦେଇଛି । ଚାରୋଟି ବ୍ୟାଙ୍କ ଆକ୍ସିସ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଏବଂ ୟସ୍ ବ୍ୟାଙ୍କକୁ ୱାନ୍ ୯୭ କମ୍ୟୁନିକେସନ ଲିମିଟେଡର ପେମେଣ୍ଟ ସର୍ଭିସ ପ୍ରୋଭାଇଡର ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି ।

ଏନପିସିଆଇ ପକ୍ଷରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ ପେଟିଏମର ୱାନ୍ ୯୭ କମ୍ୟୁନିକେସନ ଲିମିଟେଡକୁ ୟୁପିଆଇରେ ମଲ୍ଟି-ବ୍ୟାଙ୍କ ମଡେଲ ଜରିଆରେ ଥାର୍ଡ-ପାର୍ଟୀ ଆପ୍ଲିକେସନ ଯୋଗାଣକାରୀ ଭାବେ ଭାଗ ନେବା ପାଇଁ ଅନୁମତି ଦେଇଛି । ଏନପିସିଆଇ କହିଛି ଯେ ଚାରୋଟି ବ୍ୟାଙ୍କ ଯେଉଁଥିରେ ଆକ୍ସିସ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ, ଏସବିଆଇ ଏବଂ ୟେସ ବ୍ୟାଙ୍କ ସାମିଲ ରହିଛି, ସେ ୱାନ୍ ୯୭ କମ୍ୟୁନିକେସନ ଲିମିଟେଡର ପେମେଣ୍ଟ ସର୍ଭିସ ପ୍ରୋଭାଇଡର ଭାବେ କାମ କରିବ । ଏନପିସିଆଇର ଏହି ନିଷ୍ପତ୍ତି ପରେ ୟୁଜର୍ସ ଏବଂ ବ୍ୟବସାୟୀ ୟୁପିଆଇ କାରବାର ଏବଂ ଅଟୋପେକୁ ସିମଲେସ ଭାବେ ଜାରି ରଖିପାରିବେ । ଏନ୍‌ପିସିଆଇ ୱାନ୍ ୯୭ କମ୍ୟୁନିକେସନ ଲିମିଟେଡକୁ ପରାମର୍ଶ ଦେଇ କହିଛି ଯେ, କମ୍ପାନୀ ନୂଆ ପେମେଣ୍ଟ ସର୍ଭିସ ଯୋଗାଣକାରୀ ବ୍ୟାଙ୍କ ପାଖରେ ଖୁବ୍ ଶୀଘ୍ର ସମସ୍ତ ହ୍ୟାଣ୍ଡେଲ୍ଲର ମାଇଗ୍ରେସନ କାମ ସମ୍ପୂର୍ଣ୍ଣ କରିବ । ତେବେ ବ୍ୟାଙ୍କଗୁଡିକ ସହିତ ମିଶ୍ରଣ ପାଇଁ ଏକ ମାସରୁ ଅଧିକ ସମୟ ଲାଗିପାରେ ।

ୟୁପିଆଇ ସହ ଯୋଡିବା ହେବାପାଇଁ ଏନ୍‌ପିସିଆଇ ଦେଲା ମଞ୍ଜୁରୀ

ମିଳିଲା ୪ ବ୍ୟାଙ୍କର ସମର୍ଥନ

ପେଟିଏମ୍ ପେମେଣ୍ଟ ବ୍ୟାଙ୍କରେ ହେବ ଛଟେଇ

ନୂଆଦିଲ୍ଲୀ,୧୪।୩(ଏଜେନ୍ସି) : ପେଟିଏମ୍ ପେମେଣ୍ଟ ବ୍ୟାଙ୍କରେ ହେବାକୁ ଯାଉଛି ବଡ଼ ଧରଣର କର୍ମଚାରୀ ଛଟେଇ ବେହାକୁ ଯାଉଛି । ନିକଟରେ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ପେଟିଏମର ମୂଳ କମ୍ପାନୀ ଓ୍ୱାନ୍‌୯୭ କମ୍ୟୁନିକେସନ ଲିମିଟେଡ୍ ନିଜ ବାର୍ଷିକ ଆଧାରରେ ହେଉଥିବା କାର୍ଯ୍ୟ ପ୍ରଦର୍ଶନର ସମୀକ୍ଷା କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଏହି ପଦକ୍ଷେପ ଗ୍ରହଣ କରିଛି । ଏହି ଛଟେଇରେ କେତେଜଣ କର୍ମଚାରୀଙ୍କ ଚାକିରି ଯିବ ସେ ସମ୍ପର୍କରେ କମ୍ପାନୀ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ କିଛି ସୂଚନା ଦିଆଯାଇନାହିଁ । ତେବେ କିଛି ବିଭାଗକୁ ସେମାନଙ୍କର ଟିମ୍‌ର ଆକାର ୨୦ ପ୍ରତିଶତ ପର୍ଯ୍ୟନ୍ତ କମ୍ କରିବା ପାଇଁ କୁହାଯାଇଛି । ସୂଚନା ଅନୁସାରେ ଛଟେଇର ବିପଦ ପେଟିଏମ୍ ପେମେଣ୍ଟ ବ୍ୟାଙ୍କର କର୍ମଚାରୀଙ୍କ ଉପରେ ସବୁଠାରୁ ଅଧିକ ରହିଛି । ରିଜର୍ଭ ବ୍ୟାଙ୍କ ଦ୍ୱାରା ପେଟିଏମ୍‌ର ସହଯୋଗୀ ବ୍ୟାଙ୍କ ଏବଂ ତା'ର ସହାୟକ କମ୍ପାନୀ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଉପରେ ୩୧ ଜାନୁୟାରୀରେ କଡା କାର୍ଯ୍ୟାନୁଷ୍ଠାନ ପରଠାରୁ ପେଟିଏମ୍ ପେମେଣ୍ଟ ବ୍ୟାଙ୍କର କର୍ମଚାରୀ ପିଙ୍କ ସ୍ଲିପ୍ ମିଳିବା ନେଇ ଚିନ୍ତିତ ଅଛନ୍ତି । ଯଦିଓ ପେଟିଏମ୍ ଗ୍ରୁପ୍ ନିଜ ବ୍ୟବସାୟ ବ୍ୟବସ୍ଥିତ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା ଚାଇଛି ତଥାପି ଅନିଶ୍ଚିତତା ଭିତରେ ବିଭିନ୍ନ କ୍ଷେତ୍ରର କର୍ମଚାରୀ ସୁରକ୍ଷିତ ବିକଳ୍ପର ସନ୍ଧାନ କରୁଛନ୍ତି ।

■ ନିୟାମକ ନିୟମର ଅନୁପାଳନରେ ତ୍ରୁଟି

୩ ବ୍ୟାଙ୍କ ବିରୁଦ୍ଧରେ ଆର୍‌ବିଆଇର ବଡ଼ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ୧୪।୩(ଏଜେନ୍ସି): ବ୍ୟାଙ୍କିଙ୍ଗ ନିୟାମକ ନିୟମର ଅବମାନନା ଓ ଅନ୍ୟ କିଛି କାରଣରୁ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କିଛି ବ୍ୟାଙ୍କ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୂଚନା ମୁତାବକ, ଆରବିଆଇ ପକ୍ଷରୁ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବନ୍ଧନ ବ୍ୟାଙ୍କ ଓ ଇଣ୍ଡୋଷ୍ଟାର କ୍ୟାପିଟାଲ ଫାଇନାନ୍ସ ଲିମିଟେଡ ଉପରେ ଏହି ଜରିମାନା ଲାଗୁ କରାଯାଇଛି । ବ୍ୟାଙ୍କ ଅଫ୍ ଇଣ୍ଡିଆ ଉପରେ ୧.୪ କୋଟି ଟଙ୍କାର ଜୋରିମାନା ଲାଗୁ କରାଯାଇଛି । ସୁଧ ହାର, ଗ୍ରାହକ ସେବା ଓ କ୍ରେଡିଟ ଇନଫର୍ମେସନ କମ୍ପାନୀଜ୍ ରୁଲ୍ସ, ୨୦୦୬ କ୍ଷେତ୍ରରେ ଆରବିଆଇର ନିୟମ ଉଲ୍ଲଂଘନ କରାଯାଇଥିବାରୁ କେନ୍ଦ୍ରୀୟ ବ୍ୟାଙ୍କ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

ସେହିପରି ନିୟମ ଅବମାନନା ପାଇଁ ବନ୍ଧନ ବ୍ୟାଙ୍କ ଉପରେ ୨୯.୫୫ ଲକ୍ଷ ଟଙ୍କାର ଜରିମାନା ଲାଗୁ କରାଯାଇଛି । ସେହିପରି ଇଣ୍ଡୋଷ୍ଟାର କ୍ୟାପିଟାଲ ଫାଇନାନ୍ସ ଲିମିଟେଡ ଉପରେ ୧୩.୬୦ ଲକ୍ଷ ଟଙ୍କାର ଜରିମାନା ଲାଗୁ ହୋଇଛି । ଏନବିଏଫସି ନିୟମ, ୨୦୨୬ ଓ କେୱାଇସି ପ୍ରୋଭିଜନ ଉଲ୍ଲଂଘନ କାରଣରୁ ଆରବିଆଇ ଏହି ପଦକ୍ଷେପ ଗ୍ରହଣ କରିଛି ।

ରେଡିସନ ହୋଟେଲ ଗ୍ରୁପର ରାଜ୍ୟରେ ପ୍ରଥମ ହୋଟେଲର ଶୁଭାରମ୍ଭ

ନୂଆଦିଲ୍ଲୀ,୧୪।୩(ସମିସ): ରେଡିସନ୍ ହୋଟେଲ ଗ୍ରୁପ୍ ଓଡ଼ିଶାର ଗୋପାଳପୁରଠାରେ ରେଡିସନ୍ ଇଣ୍ଡିଭିଜୁଆଲର ସଦସ୍ୟ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ସ୍ୱାକ୍ଷର କରାଯାଇଛି । ଅବସରରେ ପରେ ଖୁସି ପ୍ରକାଶ କରିଛନ୍ତି । ୧୦୦ ରୁମ ବିଶିଷ୍ଟ ଏହି ହୋଟେଲକୁ ପଦ୍ମ ଇଷ୍ଟର୍ଣ୍ଣ ହୋଟେଲ ପ୍ରାଇଭେଟ୍ ଲିମିଟେଡ୍ ବିକଶିତ କରିଛି ଏବଂ ୨୦୨୪ ର ଦ୍ୱିତୀୟ ତ୍ରୈମାସିକରେ ଏହାର ଶୁଭାରମ୍ଭ ହେବାକୁ ଯାଉଛି । ବ୍ରହ୍ମପୁର ବିମାନ ବନ୍ଦରଠାରୁ ମାତ୍ର ଅଳ୍ପ ଦୂରରେ ଥିବାବେଳେ ରାସ୍ତା ଓ ରେଳପଥ ଜରିଆରେ ଏହି ହୋଟେଲ ଆଖପାଖ ସହରର ପ୍ରମୁଖ ସହରରୁ ଯୋଗାଯୋଗର ସୁବିଧା ରହିଛି । ଓଡ଼ିଶାରେ ଆମର ପ୍ରଥମ ହୋଟେଲ, ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ, ରେଡିସନ ଇଣ୍ଡିଭିଜୁଆଲର ସଦସ୍ୟ, ସ୍ୱାକ୍ଷରିତ ହେବା ଦେଶର ଟିୟର ଦୁଇ ଓ ତିନି ଅଞ୍ଚଳରେ ଆମର ସମ୍ପ୍ରସାରଣ ଯୋଜନାର ପ୍ରମାଣ । ରେଡିସନ ହୋଟେଲ ଗ୍ରୁପରେ ଆମେ ପ୍ରମୁଖ ସହର ବାହାରେ ଗୁଣାତ୍ମକ ଆତିଥେୟତା ଅଭିଜ୍ଞତାକୁ ପହଂଚାଇବା ଉପରେ ଗୁରୁତ୍ୱ ଦେଉଛୁ ଏବଂ ଏହି ଅଞ୍ଚଳର ଅବ୍ୟବହୃତ ସମ୍ଭାବନାକୁ ସ୍ୱୀକାର କରି ଓଡ଼ିଶାରେ ପାଦ ଥାପିବା ସହିତ ଏହା ଗ୍ରୁପ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ରେଡିସନ ହୋଟେଲ ଗ୍ରୁପର ଦକ୍ଷିଣ ଏସିଆ ବିକାଶ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ଦେବାଶିଷ ଶ୍ରୀବାସ୍ତବ କହିଛନ୍ତି । ଏହି ଭାଗିଦାରୀ ରେଡିସନ ହୋଟେଲ ଗ୍ରୁପର ବିଶ୍ୱସ୍ତରୀୟ ବିକାଶ ଏବଂ ପରିଚାଳନା କରିବାର କ୍ଷମତା ଉପରେ ଆମର ବିଶ୍ୱାସର ପ୍ରମାଣ । ଏହି ସହଯୋଗ ଆମର ସ୍ଥିତିକୁ ଉନ୍ନତ କରିବ ଏବଂ ଆମର ଅତିଥିମାନଙ୍କୁ ଏକ ଅସାଧାରଣ ଅନୁଭୂତି ପ୍ରଦାନ କରିବ ଏବଂ ଓଡ଼ିଶାର ଆତିଥ୍ୟ ଶିଳ୍ପରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବ ବୋଲି ପଦ୍ମ ଇଷ୍ଟର୍ଣ୍ଣ ହୋଟେଲ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ରଥ କହିଛନ୍ତି ।

କେୟାର ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ କେୟାର କନେକ୍ଟ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୪।୩(ସମିସ): ମାର୍ଚ୍ଚ ୨୦୨୪ ବିଶ୍ୱ କିଡନୀ ଦିବସ ଅବସରରେ କିଡନୀ ପ୍ରତିରୋପଣ ପରେ ଜୀବନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ କେୟାର ହସ୍ପିଟାଲ ପକ୍ଷରୁ ରୋଗୀ ଅଭିଜ୍ଞତା କାର୍ଯ୍ୟକ୍ରମ (କେୟାର କନେକ୍ଟ) ଆୟୋଜନ କରାଯାଇଛି । ଏଥିରେ ଯୋଗଦେଇ ଡାଃ ବିବେକାନନ୍ଦ ପଣ୍ଡା (କ୍ଲିନିକାଲ୍ ନିର୍ଦ୍ଦେଶକ ଏବଂ ଏଚ୍‌ଓଡି - ନେଫ୍ରୋଲୋଜି ଏବଂ ରେନାଲ୍ ଟ୍ରାନ୍ସପ୍ଲାଣ୍ଟ),ଡାଃ ଅଶୋକ ପଣ୍ଡା (ଆସୋସିଏଟ୍ କ୍ଲିନିକାଲ୍ ନିର୍ଦ୍ଦେଶକ – ନେଫ୍ରୋଲୋଜି ଏବଂ ରେନାଲ୍ ଟ୍ରାନ୍ସପ୍ଲାଣ୍ଟ), ଡାଃ ସାନନ୍ଦା ବାଗ (ସିନିୟର କନ୍‌ସଲଟାଣ୍ଟ - ୟୁରୋଲୋଜି ଏବଂ ରେନାଲ୍ ଟ୍ରାନ୍ସପ୍ଲାଣ୍ଟ ସର୍ଜନ) କିଡନୀ ପ୍ରତିରୋପଣ ପାଇଁ କେୟାର ହସ୍ପିଟାଲରେ ଦିଆଯାଇଥିବା ବିଶେଷ ଚିକିତ୍ସା ଉପରେ ଆଲୋକପାତ କରିଥିଲେ । କେୟାର ହସ୍ପିଟାଲ୍ ଭୁବନେଶ୍ୱର ବିସ୍ତୃତ ଯତ୍ନ ଯୋଗାଇବା, ସଚେତନତା ସୃଷ୍ଟି କରିବା ଏବଂ ସମ୍ପ୍ରଦାୟ ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଉତ୍ସର୍ଗୀକୃତ ଥିବା ଏଭିପି – ବିଡି ଡ. ଲୋକନାଥ ଦାଶ କହିଛନ୍ତି । ଏହି ଅବସରରେ ମେଡିକାଲ ଅଧୀକ୍ଷକ ଡାଃ ଏ ଶ୍ୟାମ ପ୍ରସାଦ ଉପସ୍ଥିତ ଥିଲେ ।

ପୁରୀ ବଜାରକୁ ଆସିଲା ନୂଆ ବାଇକ୍ 'ଏକ୍ସଟ୍ରିମ୍ ୧୨୫ ଆର୍'

ପୁରୀ,୧୪।୩(ସମିସ): ହିରୋ ମୋଟୋକର୍ପର ନୂଆ ବାଇକ୍ 'ଏକ୍ସଟ୍ରିମ୍ ୧୨୫ ଆର୍' ପୁରୀ ବଜାରରେ ପ୍ରବେଶ କରିଛି । ସ୍ଥାନୀୟ ଟାଉନ ହଲ୍ ଛକସ୍ଥିତ ହିରୋ ମୋଟୋକର୍ପର ଅଧିକୃତ ବିକ୍ରେତା ସଞ୍ଜୀବ ହିରୋ ପକ୍ଷରୁ ଲାଇଟ୍ ହାଉସ୍ ନିକଟସ୍ଥ ବେଳାଭୂମିଠାରେ ସ୍ୱତନ୍ତ୍ର ଭାବେ ଏକ ଉନ୍ମୋଚନ ଉତ୍ସବ ଆୟୋଜନ କରାଯାଇଥିଲା । ଏଥିରେ ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ ଅମିତ ମଲ୍ଲିକ ଏହି ନୂଆ ବାଇକ୍‌କୁ ଉନ୍ମୋଚନ କରାଇଥିଲେ । ଏହି ଅବସରରେ ଶୋ'ରୁମ୍‌ର ମ୍ୟାନେଜର ବିସ୍ମୟ ପରିଡ଼ା ଉପସ୍ଥିତ ଥିଲେ । ବାଇକ୍ ପ୍ରତି ଚାଳକଙ୍କ ଆଗ୍ରହକୁ ନଜରରେ ରଖି ହିରୋ ମୋଟୋ କର୍ପ ଜବରଦସ୍ତ ଫିଚର ସହ 'ଏକ୍ସଟ୍ରିମ୍ ୧୨୫ ଆର୍'କୁ ବଜାରକୁ ଛାଡିଛି । ଏହାର ଡିଜାଇନ ବେଶ୍ ଆକର୍ଷଣୀୟ ଏବଂ ସ୍ପୋର୍ଟିଂ କ୍ୟାରେକ୍ଟର ଫ୍ୟୁଚରଷ୍ଟିକ୍ ଷ୍ଟ୍ରକ୍ଚର ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସିବ । ଏଥିରେ ବୃହତ୍ ଏବଂ ଚଉଡ଼ା ଟାୟାର, କମ୍ପାକ୍ଟ ଏଲଇଡି ହେଡ୍ ଲ୍ୟାମ୍ପ, ରିଅର ମନୋଶକ୍, ୟୁଏସ୍ବି ଚାର୍ଜର, ଏଲ୍ଲିଡି ଡିସ୍ପ୍ଲେ, ମୋବାଇଲ ଚାର୍ଜିଂ, ଏଲ୍‌ଇଡି ୱିଙ୍କରସ୍ ଡିଜାଇନ ଭଳି ବହୁ ବୈଶିଷ୍ଟ୍ୟ ରହିଛି । ଏହା ୩ଟି ସ୍ପୋର୍ଟିଂ ରଙ୍ଗ (ନୀଳ, କଳା ଓ ନାଲି)ରେ ଉପଲବ୍ଧ । ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୯୮,୦୦୬ ଟଙ୍କା ରହିଛି । ଯୁବବର୍ଗଙ୍କ ମଧ୍ୟରେ ବାଇକ୍ ପ୍ରତି ଆଗ୍ରହ ବଢୁଛି । ବିଶେଷକରି ସେମାନେ ଯେଉଁଭଳି ବାଇକ୍ ପସନ୍ଦ କରିଥାନ୍ତି ଏକ୍ସଟ୍ରିମ୍ ୧୨୫ ଆର୍ ସେହିଭଳି ଫିଚର୍ ସହ ବଜାରକୁ ଆସିଛି । ପୁରୀ ବଜାରରେ ଏହି ବାଇକ୍ ସମସ୍ତଙ୍କ ଆକର୍ଷଣ ରହିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।

ଆଇଜିକେସି ମଲଟିସ୍ପେଶାଲିଟି ହସ୍ପିଟାଲରେ କିଡ୍‌ନୀ ଦିବସ ପାଳିତ

ଭୁବନେଶ୍ୱର,୧୪।୩(ସମିସ): ଭୁବନେଶ୍ୱର, ଆଇଜିକେସି ମଲଟିସ୍ପେଶାଲିଟି ହସ୍ପିଟାଲ ପକ୍ଷରୁ ବିଶ୍ୱ କିଡ୍‌ନୀ ଦିବସ ପାଳନ କରାଯାଇଛି । ଏହି ଅବସରରେ ସାଧାରଣ ଲୋକଙ୍କ ମଧ୍ୟରେ କିଡ୍‌ନୀ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ହସ୍ପିଟାଲ୍ ପକ୍ଷରୁ ଏକ ବିଶାଳ ୱାକାଥନ ଆୟୋଜନ କରାଯାଇଥିଲା । ଏଥିରେ ଆଇଜିକେସି ମଲଟିସ୍ପେଶାଲିଟି ହସ୍ପିଟାଲର ଡାକ୍ତର, ନର୍ସ ,କର୍ମଚାରୀଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନେ ମଧ୍ୟ ସାମିଲ୍ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଆଇଜିକେସି ହସ୍ପିଟାଲର କିଡ୍‌ନୀ ରୋଗ ବିଶେଷଜ୍ଞ ଡାଃ ସୁକାନ୍ତ କିଶୋର ଦାସ, ଡାଃ ଜ୍ୟୋତିକାନ୍ତ ବେହେରା, ଡିଏମ୍‌ଏସ୍ ଡାଃ ରୁପସା ନୟନ ରାଉତ, ପ୍ରଶାସନ ଓ ଅର୍ଥ ବିଭାଗର ଏଜିଏମ୍ ସୁବ୍ରତ ଦାଶ, ଏକିଏମ୍ ଅପରେସନ୍ କୈଶାଳ ଚନ୍ଦ୍ର ଦଳେଇଙ୍କ ସମେତ ଅନ୍ୟାନ୍ୟ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ନୂଆ ପ୍ଲାଜମା ଇଲେକ୍ଟ୍ରିକ ସ୍କୁଟରରେ ସୀମିତ ଅବଧି ଅଫର

ଭୁବନେଶ୍ୱର,୧୪।୩(ସମିସ): ଇଭି ଷ୍ଟାର୍ଟଅପ ସଂସ୍ଥା କ୍ୱାଣ୍ଟମ ଏନର୍ଜି ପକ୍ଷରୁ ଏହାର ନୂଆ ଇଲେକ୍ଟ୍ରିକ ସ୍କୁଟର ମଡେଲ ପ୍ଲାଜ୍‌ମା ଏକ୍ସ ଏବଂ ଏକ୍ସଆର ଉପରେ ସୀମିତ ଅବଧିର ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ପରିବେଶ ଅନୁକୂଳ ପରିବହନ ସମାଧାନର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି କ୍ୱାଣ୍ଟମ ଏନର୍ଜି ନିଜର ପ୍ଲାଜମା ଏକ୍ସ ଓ ଏକ୍ସଆର ମଡେଲ ମୂଲ୍ୟରେ ୧୦% ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି । ପୂର୍ବରୁ ଏକ୍ସ ଶୋ'ରୁମ ମୂଲ୍ୟ ୧,୧୯,୫୨୫ ଟଙ୍କା ଏବଂ ୯୯,୭୫୭ଟଙ୍କାରେ ମିଳୁଥିବା ଏହି ସ୍କୁଟରକୁ ଗ୍ରାହକମାନେ ଯଥାକ୍ରମେ ୧୦୯,୦୦୦ଟଙ୍କା ଏବଂ ୮୯,୦୦୦ଟଙ୍କାର ଆକର୍ଷଣୀୟ ମୂଲ୍ୟରେ କିଣିପାରିବେ । ଏହି ସ୍ୱତନ୍ତ୍ର ରିଆତି ଚଳିତ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲାଗୁ ରହିବ ।

ଆପୋଲୋ ହସ୍ପିଟାଲ ଭୁବନେଶ୍ୱରରେ ବିଶ୍ୱ କିଡ୍‌ନୀ ଦିବସ ପାଳନ

ଭୁବନେଶ୍ୱର,୧୪।୩(ଏଜେନ୍ସି): ଆପୋଲୋ ହସ୍ପିଟାଲ ଭୁବନେଶ୍ୱରରେ ଗୁରୁବାର ବିଶ୍ୱ କିଡ୍‌ନୀ ଦିବସ ପାଳନ କରାଯାଇଛି । କିଡ୍‌ନୀ ହେଲ୍‌ଥ ଫର ଅଲ୍:ଆଡଭାନ୍ସିଂ ଇକ୍ୱିଟେବଲ ଆକ୍‌ସେସ୍ ଟୁ କେୟାର ଆଣ୍ଡ ଅଫୋର୍ଡେବଲ ମେଡିକେସନ୍ ପ୍ରାକ୍ଟିସେସ୍ ଥିବା ଥିବା ଏହି କାର୍ଯ୍ୟକ୍ରମରେ ଆପୋଲୋ ହସ୍ପିଟାଲ ଭୁବନେଶ୍ୱରର ସିଓଓ ଏବଂ ମେଡିକାଲ ସେବା ନିର୍ଦ୍ଦେଶକ ଡାଃ ଆଲୋକ ଶ୍ରୀବାସ୍ତବ କିଡ୍‌ନୀକୁ ସୁସ୍ଥ ରଖିବାର ତିନୋଟି କଥା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସିନିୟର ନେଫ୍ରୋଲୋଜି ବିଶେଷଜ୍ଞ ଏବଂ ଏଚ୍‌ଓଡି ଡାଃ ନୀତିଶ କୁମାର ମହାନ୍ତି, ନେଫ୍ରୋଲୋଜି କନ୍‌ସଲଟାଣ୍ଟ ଡାଃ ପୂର୍ଣ୍ଣଚନ୍ଦ୍ର କର, ସିନିଅର ୟୁରୋଲୋଜି ବିଶେଷଜ୍ଞ ଡାଃ ସମୀରଣ ଦାସ ଅଧିକାରୀ, ସିନିଅର ୟୁରୋଲୋଜି କନ୍‌ସଲଟାଣ୍ଟ ଡାଃ ବିଶ୍ୱଜିତ୍ ନନ୍ଦ ଏବଂ ୟୁରୋଲୋଜିର ବିଶେଷଜ୍ଞ ଡାଃ ପ୍ରତୀକ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ନେଇ କ୍ୱିଜ୍ ଅନୁଷ୍ଠିତ ହୋଇଥିଲା ।

ଭୁବନେଶ୍ୱରରେ ଖୋଲିବ ବେଦାନ୍ତୁର ନୂଆ ଅଫ୍‌ଲାଇନ୍ ଲର୍ଣ୍ଣିଂ ସେଣ୍ଟର

ଭୁବନେଶ୍ୱର,୧୪।୩(ସମିସ): ପ୍ରମୁଖ ଏଡ୍-ଟେକ୍ ସଂସ୍ଥା ବେଦାନ୍ତୁ ଅଫ୍‌ଲାଇନ ଶିକ୍ଷା କ୍ଷେତ୍ରକୁ ପ୍ରବେଶ ସ୍ୱରୂପ ଚଳିତମାସ ୧୭ରେ ଭୁବନେଶ୍ୱରରେ ଏହାର ଲର୍ଣ୍ଣିଂ ସେଣ୍ଟର ଚଳିତ ମାର୍ଚ୍ଚ ୧୭ରୁ କାର୍ଯ୍ୟାରମ୍ଭ କରୁଛି । ଏହା ଅଫ୍‌ଲାଇନ ଚ୍ୟାନେଲରେ ବିଶେଷ ଭାବରେ ଜେଇଇ/ ଏନ୍‌ଇଇଟି ପରୀକ୍ଷାଗୁଡିକ ନିମନ୍ତେ ଅଫ୍‌ଲାଇନ୍ ଚାନେଲଗୁଡିକ ଜରିଆରେ ଗୁଣାତ୍ମକ ଶିକ୍ଷା ସୁଯୋଗ ପରିବ